ଧରିତ୍ରୀ
DHARITRI

ଭୁବନେଶ୍ୱର,ସୋମବାର, ସେପ୍ଟେମ୍ବର ୨୩/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, September 23/2024 Page 16 ₹ 7.00 | BERHAMPUR

୫୦ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 300 | ମୂଲ୍ୟ ₹୭/-

ପ୍ରତ୍ୟାଶାଙ୍କୁ ଏକଲବ୍ୟ ପୁରସ୍କାର

ଓଡ଼ିଶାର ଖ୍ୟାତିସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟ ଏକଲବ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

୧୪

୦୨

୬ ବର୍ଷ ପରେ ପୁଣି ଜାହ୍ନବୀ, ଇଶାନଙ୍କ ଯୋଡ଼ି

ଅଭିନେତ୍ରୀ ଜାହ୍ନବୀ କପୁର ଓ ଅଭିନେତା ଇଶାନ ଖଟ୍ଟର ୬ ବର୍ଷ ପରେ ପୁଣିଥରେ ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ ଏକ ଫିଲ୍ମରେ ଏକାଠି ନଜରକୁ ଆସିବେ।

ବୁଦାପେଷ୍ଟରେ ଅନୁଷ୍ଠିତ ୪୫ତମ ଚେସ୍ ଅଲିମ୍ପିଆଡର ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ (ବାମରୁ) ତାନିଆ ସଚଦେବ, ଭାନ୍ତିକା ଅଗ୍ରୱାଲ, ଆର. ବୈଶାଳୀ, ଦିବ୍ୟା ଦେଶମୁଖ ଓ ଦ୍ରୋଣାବଳୀ ହାରିକା। (ସମ୍ପୂର୍ଣ୍ଣ ବିବରଣୀ ଖେଳ ପୃଷ୍ଠାରେ)

୨ ନାବାଳିକାଙ୍କୁ ଗଣବଳାତ୍କାର

ରାଉରକେଲା,୨୨।୯(ସଙ୍ଗୀତା କେନା)

ଇସ୍ପାତ ସହର ରାଉରକେଲାରେ ଦୁଇଜଣ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ଚପଲ କିଣିବା ପାଇଁ ଦୋକାନ ଠିକଣା ପଚାରିବାରୁ ଅଭିଯୁକ୍ତମାନେ ନାବାଳିକାଦ୍ୱୟଙ୍କୁ ଟ୍ରେନ ଲାଇନ୍ ପାଖ ଜଙ୍ଗଲିଆ ସ୍ଥାନକୁ ନେଇ ଗଣବଳାତ୍କାର କରିଛନ୍ତି। ଏନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ୨ ନାବାଳିକା (୧୪ ଓ ୧୫ ବର୍ଷ) ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର। ପ୍ରାୟ ଦେଢ଼ମାସ ହେଲା ଉଭୟେ ରାଉରକେଲା ସେକ୍ଟର ଅଞ୍ଚଳରେ ସେମାନଙ୍କ ସମ୍ପର୍କୀୟଙ୍କ ଘରେ ରହିଆସୁଥିଲେ। ଶନିବାର ସନ୍ଧ୍ୟାରେ ଉଭୟ ନାବାଳିକା ଚପଲ କିଣିବାକୁ ବିଶ୍ରା ଛକରେ ପହଞ୍ଚିଥିଲେ। ସେଠାରେ ସେମାନେ କେତେକ ଯୁବକଙ୍କୁ ଚପଲ ଦୋକାନ ଠିକଣା ପଚାରିଥିଲେ। ଯୁବକମାନେ ନାବାଳିକାଦ୍ୱୟଙ୍କୁ ଦୋକାନ ଦେଖାଇ ଦେବା ଆଳରେ ବିର୍ଶା ମୁଣ୍ଡା ଷ୍ଟାଡିୟମ ପଛପାର୍ଶ୍ୱ ଟ୍ରେନ ଲାଇନ କଡ଼ରେ ଥିବା ଜଙ୍ଗଲିଆ ଜାଗାକୁ ନେଇ ଗଣବଳାତ୍କାର କରିଥିଲେ। ଏପରିକି ଯୁବକମାନେ ପୀଡ଼ିତାଦ୍ୱୟଙ୍କ ଫୋନ୍ ନମ୍ବର ରଖିଥିଲେ ଏବଂ ଘରକୁ ଫେରିବା ପରେ ଏ ବିଷୟରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ। ହେଲେ ପୀଡ଼ିତା ଘଟଣାସ୍ଥଳରୁ ଫୋନ୍ ଯୋଗେ ସମ୍ପର୍କୀୟାଙ୍କୁ ସମସ୍ତ କଥା ☞ପୃଷ୍ଠା–୪

ଆଜିର ମନ୍ତବ୍ୟ

"ଭାରତୀୟ ଭୂଖଣ୍ଡରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ବନ୍ଦକଲେ ପାକିସ୍ତାନକୁ କୋଳାଇ ନେବାକୁ ପ୍ରସ୍ତୁତ।

-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

ଅନୁରା ଦିଶାନାୟକେ ଶ୍ରୀଲଙ୍କା ରାଷ୍ଟ୍ରପତି

ଆଜି ଶପଥ ନେବେ

କଲମ୍ବୋ,୨୨।୯

ମାର୍କ୍ସବାଦୀ ନେତା ଅନୁରା କୁମାରା ଦିଶାନାୟକେ ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗଣତି ଶେଷ ହେବା ପରେ ଅନୁରାଙ୍କୁ ଦେଶର ନିର୍ବାଚନ କମିଶନ ବିଜୟୀ ଘୋଷଣା କରିଛନ୍ତି। ମାର୍କ୍ସିଷ୍ଟ୍ ଜନତା ବିମୁକ୍ତି ପେରାମୁନା ପାର୍ଟିର ନ୍ୟାଶନାଲ ପିପୁଲ୍ସ ପାୱାର (ଏନ୍‌ପିପି) ସାମ୍ମୁଖ୍ୟ ନେତା ୫୬ ବର୍ଷୀୟ ଅନୁରା ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ☞ପୃଷ୍ଠା–୪

ଦଳିତଙ୍କୁ ନିର୍ଯାତନା: ୫ମରେ ଓଡ଼ିଶା

■ ୨୦୨୨ରେ ୧୩ ରାଜ୍ୟରେ ୯୭.୭% ମାମଲା

ନୂଆଦିଲ୍ଲୀ,୨୨।୯

ଦେଶରେ ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି)ଙ୍କ ପ୍ରତି ବର୍ବରତା ବଢ଼ିବାରେ ଲାଗିଛି। ଏହି କ୍ଷେତ୍ରରେ ଉତ୍ତର ପ୍ରଦେଶ ସବୁଠୁ ଆଗରେ ଥିବାବେଳେ ଓଡ଼ିଶା ୫ମ ସ୍ଥାନରେ ରହିଛି। ୨୦୨୨ରେ ଭାରତରେ ଦଳିତ ଲୋକଙ୍କୁ ଦିଆଯାଇଥିବା ନିର୍ଯାତନାର ୯୭.୭% ଏବଂ ଏସ୍‌ଟିଙ୍କ ଉପରେ ବର୍ବରତା ସମ୍ପର୍କିତ ୯୮.୯୧% ଘଟଣା ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ସହ ୧୩ ରାଜ୍ୟରେ ଘଟିଥିଲା ବୋଲି ଏକ ନୂଆ ସରକାରୀ ରିପୋର୍ଟରେ ଦର୍ଶାଯାଇଛି।

କେନ୍ଦ୍ର ସରକାରଙ୍କ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୨ରେ ସାରା ଦେଶରେ ୫୧,୬୫୬ ଏସ୍‌ସି ନିର୍ଯାତନା ମାମଲା ରୁଜୁ ହୋଇଥିଲା। ସେଥିରୁ ୟୁପିରେ ସର୍ବାଧିକ ୨୩.୭୮ ପ୍ରତିଶତ ବା ୧୨,୨୮୭ ମାମଲା ରୁଜୁ ହୋଇଥିଲା। ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଥିବା ରାଜସ୍ଥାନରେ ୧୬.୭୫ ପ୍ରତିଶତ ବା ୮,୬୫୧ ମାମଲା ରୁଜୁ ହୋଇଥିବାବେଳେ ମଧ୍ୟପ୍ରଦେଶରେ ୧୪.୯୭% ବା ୭,୭୩୨ ମାମଲା ପଞ୍ଜୀକୃତ ହୋଇଥିଲା। ଉକ୍ତ ତାଲିକାରେ ବିହାର ଚତୁର୍ଥ ସ୍ଥାନରେ ରହିଛି, ଯେଉଁଠି ୧୩.୧୬% ବା ୬,୭୯୯ ଏସ୍‌ସି ନିର୍ଯାତନା ମାମଲା ରୁଜୁ ହୋଇଥିଲା। ଓଡ଼ିଶାର ସ୍ଥାନ ପଞ୍ଚମରେ ରହିଛି। ଓଡ଼ିଶାରେ ମୋଟ ନିର୍ଯାତନାର ୬.୯୩% ବା ୩,୫୭୬ଟି ମାମଲା ରୁଜୁ ହୋଇଥିଲା। ମହାରାଷ୍ଟ୍ରରେ ୫.୨୪% (୨,୭୦୬) ମାମଲା ରୁଜୁ ହୋଇଥିଲା। ଦେଶର ମୋଟ ମାମଲା ସଂଖ୍ୟାର ୮୧% ଏହି ୬ ରାଜ୍ୟରେ ପଞ୍ଜୀକୃତ ହୋଇଥିଲା।

୧୩ ରାଜ୍ୟର ମାମଲା ସଂଖ୍ୟାକୁ ମିଶାଇଲେ ୫୧,୬୫୬ ହେଉଛି, ଯାହାକି ସାରା ଦେଶରେ ଘଟିଥିବା ୫୨,୮୬୬ ଘଟଣାର ୯୭.୭%। ଏହି ମାମଲାଗୁଡ଼ିକ ସିଡ୍ୟୁଲ୍ଡ କାଷ୍ଟ ଆଣ୍ଡ୍ ସିଡ୍ୟୁଲ୍ଡ ଟ୍ରାଇବ୍ସ (ପ୍ରିଭେନ୍ସନ ଅଫ୍ ଆଟ୍ରୋସିଟି) ଆକ୍ଟ ଏବଂ ପୂର୍ବ ପ୍ରଚଳିତ ଭାରତୀୟ ପେନାଲ କୋଡ୍ (ଆଇପିସି) ବଳରେ ରୁଜୁ କରାଯାଇଥିଲା। ଅନୁରୂପ ଭାବେ ଏସ୍‌ଟି ବର୍ଗର ଲୋକଙ୍କ ପ୍ରତି ବର୍ବରତା ମାମଲା ସଂଖ୍ୟା ମଧ୍ୟ ଏହି ୧୩ ରାଜ୍ୟରେ ସର୍ବାଧିକ ଥିଲା। ଦେଶରେ ମୋଟ ୯,୭୩୫ ଏସ୍‌ଟି ନିର୍ଯାତନା ମାମଲା ରୁଜୁ ହୋଇଥିବାବେଳେ ୨,୯୭୯ (୩୦.୬୧%) ମାମଲା ସହ ମଧ୍ୟପ୍ରଦେଶର ସ୍ଥାନ ସର୍ବାଗ୍ରେ ରହିଥିଲା। ରାଜସ୍ଥାନ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା, ଯେଉଁଠି ୨,୪୯୮ (୨୫.୬୬%) ମାମଲା ରୁଜୁ ହୋଇଥିଲା। ଓଡ଼ିଶାରେ ମୋଟ ୭୭୩ (୭.୯୪%) ମାମଲା ପଞ୍ଜୀକୃତ ହୋଇଥିଲା। ଏସ୍‌ଟି ବର୍ଗର ଲୋକେ ଅଧିକ ନିର୍ଯାତିତ ହୋଇଥିବା ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରୁ ମହାରାଷ୍ଟ୍ରରେ ୬୯୧ (୭.୧୦%) ଏବଂ ଆନ୍ଧ୍ର ପ୍ରଦେଶରେ ୪୯୯(୫.୧୩%) ମାମଲା ରୁଜୁ ହୋଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ ଆଇନ ବଳରେ ତଦନ୍ତ ଓ ଚାର୍ଜଶିଟ୍ କରାଯିବା ଉପରେ ମଧ୍ୟ ଏହି ରିପୋର୍ଟରେ ବିବରଣୀ ପ୍ରଦାନ କରାଯାଇଛି। ତଦନୁସାରେ ଏସ୍‌ସି ସମ୍ପର୍କିତ ୬୦.୩୮% ମାମଲାରେ ଚାର୍ଜଶିଟ୍ ଦାଖଲ କରାଯାଇଥିବାବେଳେ ୧୪.୭୮% ମାମଲାରେ ମିଥ୍ୟା ଦାବି କିମ୍ବା ପ୍ରମାଣ ଅଭାବରୁ ଫାଇନାଲ ରିପୋର୍ଟରେ ସେଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା। ୨୦୨୨ ଶେଷ ସୁଦ୍ଧା ୧୭,୧୬୬ ମାମଲାର ତଦନ୍ତ ଶେଷ ହୋଇପାରି ନ ଥିଲା। ଏସ୍‌ଟି ସମ୍ପର୍କିତ ୬୩.୩୨% ମାମଲାରେ ଚାର୍ଜଶିଟ୍ ଦାଖଲ କରାଯାଇଥିବାବେଳେ ୧୪.୭୧% ମାମଲା ଫାଇନାଲ ରିପୋର୍ଟରେ ଶେଷ ହୋଇଥିଲା। ସମୀକ୍ଷା କରାଯାଇଥିବା ଏହି ଅବଧି ମଧ୍ୟରେ ୨,୭୦୨ ଏସ୍‌ଟି ବିରୋଧୀ ନିର୍ଯାତନା ମାମଲା ବର୍ତ୍ତମାନ ମଧ୍ୟ ତଦନ୍ତାଧୀନ ରହିଛି।

ଦୋଷୀ ସାବ୍ୟସ୍ତ ଓ ଦଣ୍ଡବିଧାନ ହାର ହ୍ରାସ ପାଇବା ହେଉଛି ସବୁଠୁ ଚିନ୍ତାଜନକ ବିଷୟ। ୨୦୨୦ରେ ଦଣ୍ଡବିଧାନ ହାର ୩୯.୨% ଥିବାବେଳେ ୨୦୨୨ ବେଳକୁ ଏହା ୩୨.୪%କୁ ଖସିଆସିଥିଲା। ଉକ୍ତ ଆଇନ ବଳରେ ରୁଜୁ ହେଉଥିବା ମାମଲାଗୁଡ଼ିକର ଶୁଣାଣି ପାଇଁ ଦେଶରେ ପର୍ଯ୍ୟାପ୍ତ ସ୍ୱତନ୍ତ୍ର ଅଦାଲତ ନ ଥିବା ବିଷୟ ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଛି। ଏଗୁଡ଼ିକର ତ୍ୱରିତ ବିଚାର ପାଇଁ ୧୪ ରାଜ୍ୟର ୪୯୮ ଜିଲାରେ ମାତ୍ର ୧୯୪ଟି ସ୍ପେଶାଲ କୋର୍ଟ ରହିଛି। ଏହି ଜିଲାଗୁଡ଼ିକରେ ଜାତିଭିତ୍ତିକ ହିଂସା ଘଟଣା ରୋକିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ☞ପୃଷ୍ଠା–୪

ରାଜ୍ୟ	ମୋଟ ମାମଲା ୫୧,୬୫୬
ଉତ୍ତର ପ୍ରଦେଶ	୧୨,୨୮୭ (୨୩.୭୮%)
ରାଜସ୍ଥାନ	୮,୬୫୧ (୧୬.୭୫%)
ମଧ୍ୟପ୍ରଦେଶ	୭,୭୩୨ (୧୪.୯୭%)
ବିହାର	୬,୭୯୯ (୧୩.୧୬%)
ଓଡ଼ିଶା	୩,୫୭୬ (୬.୯୩%)
ମହାରାଷ୍ଟ୍ର	୨,୭୦୬ (୫.୨୪%)

ଶେଷ ହେଲା ରତ୍ନ ଭଣ୍ଡାରର ଜିପିଆର୍‌ଏସ ସର୍ଭେ

ପୁରୀ,୨୨।୯(ଅଜିତ୍ କୁମାର ମହାନ୍ତି)

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ରତ୍ନଭଣ୍ଡାରର ନିରୀକ୍ଷଣ ତଥା ବୈଷୟିକ ସର୍ଭେ ରବିବାର ଶେଷ ହୋଇଯାଇଛି। ହାଇଦ୍ରାବାଦର ନ୍ୟାଶନାଲ ଜିଓ ଫିଜିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ବୈଜ୍ଞାନିକ ଆନନ୍ଦ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ରତ୍ନଭଣ୍ଡାରର ଜିପିଆର୍‌ଏସ୍ ସର୍ଭେ ଶେଷ ହୋଇଛି। ଏହି ସର୍ଭେ କାର୍ଯ୍ୟ ପାଇଁ ୩ଦିନ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ଏନ୍‌ଜିଆର୍‌ଆଇର ବୈଜ୍ଞାନିକମାନେ ୨ଦିନରେ ଶେଷ କରିଛନ୍ତି। ୩ଟି ଅତ୍ୟାଧୁନିକ ମେଶିନ ସାହାଯ୍ୟରେ ଉଭୟ ଭିତର ଓ ବାହାର ରତ୍ନଭଣ୍ଡାରର ଭୂମି ତଳକୁ ୧୦ମିଟର ପର୍ଯ୍ୟନ୍ତ ଜିପିଆର୍‌ଏସ୍ ସର୍ଭେ କରାଯାଇଛି। ଜିପିଆର୍‌ଏସ୍ ସର୍ଭେରୁ ମିଳିଥିବା ଡାଟାକୁ ଏନ୍‌ଜିଆର୍‌ଆଇର ବୈଜ୍ଞାନିକ ଆନନ୍ଦ ପାଣ୍ଡେ ଅନୁଧ୍ୟାନ କରିବେ।

ଆଜିର ସମ୍ପାଦକୀୟ

ପେଜର ବିସ୍ଫୋରଣରୁ ଶିକ୍ଷା

କମିଶନର, ଡିସିପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)

ଭରତପୁର ଥାନାରେ ମେଜର ଗୁରୁଭକ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଦିଆଯାଇଥିବା ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ କରୁଥିବା ତଦନ୍ତ ଯେ ଠିକ୍ ଦିଗରେ ଯାଉଛି ତାକୁ ନେଇ ବିଭିନ୍ନ ପ୍ରକାର ପ୍ରଶ୍ନ ଉଠିବା ଆରମ୍ଭ ହୋଇଗଲାଣି। ଘଟଣାକୁ ଇତିମଧ୍ୟରେ ୯ ଦିନ ପୂରିସାରିଲାଣି। କ୍ରାଇମବ୍ରାଞ୍ଚ ଏହି ପ୍ରସଙ୍ଗକୁ ଗୁରୁତର ସହିତ ବିଚାର କରି ତଦନ୍ତ ଚଳାଇଛି ବୋଲି ଗୋଟେପଟେ ମତ ରଖୁଥିବାବେଳେ ଆଉ ଗୋଟିଏ ପଟେ ଗୁରୁଭକ୍ସ ଏବଂ ତାଙ୍କ ବାନ୍ଧବୀଙ୍କ ନାନା ପ୍ରକାର ଭିଡିଓକୁ ପ୍ରସାରିତ କରାଯାଉଛି। ଏଭଳି ଭିଡିଓ ସାମାଜିକ ଗଣମାଧ୍ୟମରେ ବିନା ପୋଲିସ ଉଦ୍ୟମରେ ବାହାରକୁ ଆସିବା ସମ୍ଭବ କଥା ନୁହେଁ। ହେଲେ କ୍ରାଇମବ୍ରାଞ୍ଚ ଏକଥାକୁ ନେଇ ପଦୁଟିଏ ମୁହଁ ନାହିଁ। ଯେପରି ଲାଗୁଛି କ୍ରାଇମ୍‌ବ୍ରାଞ୍ଚ ସମୟ ଗଡ଼ାଇବାର ଦାୟିତ୍ୱ ନେଇସାରିଥିବା ବେଳେ ଉଭୟ ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ସମାଜରେ ଭୁଲ୍ ବୋଲି ପ୍ରମାଣିତ କରିବାର ଦାୟିତ୍ୱ

ଭରତପୁର ଥାନା: ଏଠାରେ ନ୍ୟାୟ ନୁହେଁ, ମାଡ଼ ଅନ୍ୟାୟ

■ ତଦନ୍ତ ବିଳମ୍ବ କରି ପୋଲିସକୁ ସମୟ ଦେଉଛି କ୍ରାଇମବ୍ରାଞ୍ଚ

■ ସାମାଜିକ ଗଣମାଧ୍ୟମରେ ଭିଡିଓ କିଏ ପ୍ରସାରିତ କରୁଛି ତାହା ତଦନ୍ତ ହେଉନି

ପୋଲିସ ବିଭାଗ ହାତେଇଛି। ନଚେତ୍ ସାମାଜିକ ଗଣମାଧ୍ୟମରେ ଛଡ଼ାଯାଉଥିବା ଭିଡିଓଗୁଡ଼ିକ ଜଣେ ସାଧାରଣ ବ୍ୟକ୍ତିଙ୍କ ହାତକୁ ଏତେ ସହଜରେ ଆସିବ ଏ କଥାକୁ ଗ୍ରହଣ କରାଯାଇ ନ ପାରେ। ଯେବେଠାରୁ ପୋଲିସ ବିଭାଗର ଭୁଲ୍ ଲୋକଲୋଚନକୁ ଚାଲି ଆସିଲା ଏବଂ ଜାତୀୟସ୍ତରରେ ଏକଥା ଆଲୋଚିତ ହେବାକୁ ଲାଗିଲା ତା'ପରଠାରୁ ଏଭଳି ଭିଡିଓ ବିଭିନ୍ନସ୍ତରରୁ ଯୋଗାଡ଼ ହେବାରେ ଲାଗିଛି। ଏହି ଘଟଣାରେ ଓଡ଼ିଶାର ପୋଲିସ୍ ବିଭାଗକୁ

କମିଶନର ସଞ୍ଜୀବ ପଣ୍ଡା



ଡିସିପି ପ୍ରତୀକ ସିଂ

ଦେଶବ୍ୟାପୀ ନିନ୍ଦା କରାଯିବା ସାଙ୍ଗକୁ ରାଜ୍ୟ ସରକାରଙ୍କ ଆଡକୁ ମଧ୍ୟ ଅଙ୍ଗୁଳି ଉଠୁଛି। ହେଲେ ଏହାର ତଦନ୍ତ କେଉଁ ଦିଗକୁ ଯାଉଛି ସେକଥା ଜଣାପଡୁନାହିଁ। କମିଶନରେଟ୍ ପୋଲିସ୍ ଅଧୀନରେ ଭରତପୁର ଥାନା ଆସୁଛି। ତେଣୁ ଏହି ଥାନା ପୋଲିସ୍ କମିଶନର ସଞ୍ଜୀବ ପଣ୍ଡାଙ୍କ ଦାୟିତ୍ୱରେ ରହିଛି। ସେହିପରି ଡିସିପି ପ୍ରତୀକ ସିଂ କମିଶନରେଟର ଦ୍ୱିତୀୟ ସର୍ବୋଚ୍ଚ ଅଧିକାରୀ। ଉଭୟ ତତ୍ତ୍ୱାବଧାନରେ କମିଶନରେଟ ପୋଲିସ୍ କାର୍ଯ୍ୟ କରୁଛି। ଯଦି ତାଙ୍କ ତତ୍ତ୍ୱାବଧାନରେ ଥିବା ଥାନାରେ ଏଭଳି ଏକ ଘଟଣା ଘଟିଗଲା ତେବେ ଏଥିପାଇଁ ସର୍ବପ୍ରଥମେ ଉଭୟ କମିଶନର ଏବଂ ଡିସିପି ଦାୟୀ। ସେମାନେ କମିଶନରେଟର ସର୍ବୋଚ୍ଚ ପଦରେ ରହିଥିବା ସମୟରେ ଏଭଳି ଏକ ଘଟଣା ଘଟିଗଲା ଯାହା ସାରା ଦେଶରେ ଓଡ଼ିଶାର ଶାସନ ବ୍ୟବସ୍ଥା ଆଡକୁ ଅଙ୍ଗୁଳି ଉଠିଲା। ତେଣୁ ଏହି ଦୁଇ ସର୍ବୋଚ୍ଚ ଅଧିକାରୀଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ତାକୁ ନେଇ ମଧ୍ୟ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲ ପର୍ଯ୍ୟନ୍ତ ସବୁଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ☞ପୃଷ୍ଠା–୪

ମୋଦିଙ୍କୁ ଭୁଲିଗଲେ ବାଇଡେନ୍

ୱିଲ୍‌ମିଙ୍ଗଟନ୍,୨୨।୯

କ୍ୱାଡ୍ ସମ୍ମିଳନୀ ମଞ୍ଚରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଭୁଲାପଣର ଆଉ ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଡେଲାୱାରେଠାରେ ରବିବାର ସକାଳେ ଏକ ଖବରଦାତା ସମ୍ମିଳନୀରେ ବାଇଡେନ୍ କ୍ୱାଡ୍ ନେତାମାନଙ୍କ ପରିଚୟ ଦେଉଥିବାବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୁଲିଯାଇଥିଲେ। କାର୍ଯ୍ୟକ୍ରମରେ ବାଇଡେନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିସ୍ ଏବଂ ଜାପାନ ପ୍ରତିପକ୍ଷ ଫୁମିଓ କିଶିଡା ଉପସ୍ଥିତ ଥିଲେ। ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କ୍ୟାନ୍‌ସର ସମସ୍ୟା ହ୍ରାସ ନିମନ୍ତେ କ୍ୟାନ୍‌ସର ମୁନ୍‌ଶୁଟ୍ ଇନିସିଏଟିଭ୍‌ର ଶୁଭାରମ୍ଭ ହୋଇଥିଲା। ଏହା ଉପରେ ଉଦ୍‌ବୋଧନ ଦେବା ପରେ ବାଇଡେନ୍ ମଞ୍ଚରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ପରିଚୟ କରାଇବାକୁ ଯାଉଥିଲେ। ତେବେ ସେ କ'ଣ କହିବେ ଜାଣି ନ ପାରି ହଡ଼ବଡ଼େଇ ଯାଇଥିଲେ ଏବଂ ଦ୍ୱନ୍ଦ୍ୱରେ ପଡ଼ିଯାଇଥିବା ଜଣାପଡୁଥିଲେ।

ମୁଁ କାହାର ପରିଚୟ ଦେବି ବୋଲି ସେ ପ୍ରଶ୍ନ କରିଥିଲେ। ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଖବରଦାତା ସମ୍ମିଳନୀରେ ଅଛନ୍ତି ବୋଲି ସମ୍ପୂର୍ଣ୍ଣ ଭୁଲିଯାଇଥିଲେ। କାର୍ଯ୍ୟକ୍ରମର ଉପସ୍ଥାପକ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାଁ ଘୋଷଣା କରିବା ସହ ତାଙ୍କ ପରିଚୟ ରଖିବାକୁ ଆଗେଇ ଆସିଥିଲେ।

୮୧ ବର୍ଷୀୟ ବାଇଡେନ୍‌ଙ୍କ ମାନସିକ ସ୍ଥିତି ଚିନ୍ତାଜନକ ହୋଇଛି। ସେ ଭାଗ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ନେତାଙ୍କୁ ଭୁଲିଯାଉଛନ୍ତି। ଜୁଲାଇରେ ନାଟୋ ସମ୍ମିଳନୀରେ ଉଦ୍‌ବୋଧନ ଦେଲାବେଳେ ବାଇଡେନ୍ ସେଠାରେ ଉପସ୍ଥିତ ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭୁଲ୍‌ବଶତଃ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଥିଲେ। ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସହ ପ୍ରେସିଡେନ୍‌ସିଆଲ ବିତର୍କ ବେଳେ ବାଇଡେନ୍ ବାରମ୍ବାର ହଡ଼ବଡ଼େଇ ଯିବା ସହ କ'ଣ କହିବେ ଜାଣିପାରି ନ ଥିଲେ। ଏଥିପାଇଁ ସେ ନିଜ ଦଳରୁ ସମାଲୋଚିତ ହେବା ପରେ ଡେମୋକ୍ରାଟ୍ ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରୁ ଓହରିଯିବାକୁ ବାଧ୍ୟ ହୋଇଥିଲେ।

ସଂକ୍ଷେପରେ

ଶିଶୁଙ୍କ ଉପରେ ଅଶ୍ଳୀଳ ଚଳଚ୍ଚିତ୍ର: ଆଜି ସୁପ୍ରିମକୋର୍ଟ ରାୟ

ନୂଆଦିଲ୍ଲୀ,୨୨।୯(ପି.ଟି.)

ଶିଶୁମାନଙ୍କ ଉପରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ରକୁ କେବଳ ଡାଉନ୍‌ଲୋଡ୍ କରିବା ଏବଂ ଦେଖିବା ପୋକ୍‌ସୋ (ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା) ଆଇନ ଏବଂ ସୂଚନା ପ୍ରଯୁକ୍ତି ଆଇନ ଅନୁଯାୟୀ ଅପରାଧ ନୁହେଁ ବୋଲି ମାଡ୍ରାସ୍ ହାଇକୋର୍ଟ ରାୟ ଦେଇଥିଲେ । ଉକ୍ତ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା । ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରଙ୍କ ଖଣ୍ଡପୀଠ ସୋମବାର ଏହା ଉପରେ ରାୟ ଶୁଣାଇବାକୁ ଯାଉଛନ୍ତି । ଜଣେ ୨୮ ବର୍ଷୀୟ ଯୁବକ ତାଙ୍କ ମୋବାଇଲ ଫୋନ୍‌ରୁ ଶିଶୁଙ୍କ ଉପରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ର ଡାଉନ୍‌ଲୋଡ୍ କରିବା ଅଭିଯୋଗରେ ତାଙ୍କ ନାମରେ ଆପରାଧିକ ମାମଲା ରୁଜୁ ହୋଇଥିଲା । ଜାନୁଆରୀ ୧୧ରେ ମାଡ୍ରାସ ହାଇକୋର୍ଟ ଉକ୍ତ ମକଦ୍ଦମାକୁ ଖାରଜ କରିଦେଇଥିଲେ । ଆଜିକାଲି ପିଲାମାନେ ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ଭଳି ଗମ୍ଭୀର ପ୍ରସଙ୍ଗ ସହ ଜଡ଼ିତ । ଦଣ୍ଡ ଦେବା ପରିବର୍ତ୍ତେ ସମାଜ ସେମାନଙ୍କୁ ଶିକ୍ଷା ଦେବା ପାଇଁ ଚିନ୍ତା କରିବା ଆବଶ୍ୟକ ବୋଲି ହାଇକୋର୍ଟ କହିଥିଲେ । ହାଇକୋର୍ଟଙ୍କ ରାୟ ଆଇନ ବିରୋଧରେ ଯାଉଥିବା କହି ୨ଟି ଏନ୍‌ଜିଓ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ।

ଆମେରିକାରେ ଗୁଳି: ୪ ମୃତ

ବର୍ମିଂହାମ, ୨୨।୯

ଆମେରିକାର ଆଲବାମାସ୍ଥିତ ବର୍ମିଂହାମ ସହରର ଫାଇବ ପଏଣ୍ଟସ ସାଉଥ୍ ଅଞ୍ଚଳରେ ଶନିବାର ବିଳମ୍ବିତ ରାତ୍ରିରେ ଜଣେ ଆତତାୟୀଙ୍କ ଗୁଳିରେ ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୧ ଜଣ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଆଉ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି ବୋଲି ବର୍ମିଂହାମ ପୋଲିସ ଅଧିକାରୀ ଟୁମାନ ଫିଟ୍‌ଜରାଲ୍ଡ ସୂଚନା ଦେଇଛନ୍ତି । ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତ ଆତତାୟୀଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି ।

ସିଆଇଏସ୍‌ଏଫ୍‌ର ଅଭ୍ୟାସ ସେସନ୍ ବେଳେ ଗୁଳିଫୁଟି କୃଷକଙ୍କ ମୃତ୍ୟୁ

ପିଲିଭିଟ୍,୨୨।୯

ପିଲିଭିଟ୍ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରବିବାର କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ଅଭ୍ୟାସ ସେସନ୍ ଚାଲିଥିବାବେଳେ ଗୁଳିଫୁଟି ଜଣେ ୫୮ ବର୍ଷୀୟ ଚାଷୀଙ୍କ ମୃତ୍ୟୁ ଘଟିଛି । ଉତ୍ତରାଖଣ୍ଡ ବନବାସାରୁ ୩୦ ଜଣ ସିଆଇଏସ୍‌ଏଫ୍ ଯବାନ ନଗର କୋଟୱାଲି ଅଞ୍ଚଳରେ ଫାୟାରିଂ ରେଞ୍ଜ୍ ମଧ୍ୟରେ ଅଭ୍ୟାସ ଚଳାଇଥିବାବେଳେ ଘର ବାହାରେ ବସିଥିବା ଶ୍ରୀକ୍ରିଷ୍ଣା ନାମକ କୃଷକଙ୍କ ଜଙ୍ଘରେ ଗୁଳି ବାଜିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପିଲିଭିଟ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି ।

କ୍ୱାଡ୍‌ରେ ଚାଇନାକୁ ଟାର୍ଗେଟ



କ୍ୱାଡ୍ ସମ୍ମିଳନୀ ଅବସରରେ ବାମରୁ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିସ୍, ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦି, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ।

ସଂଗଠନର ରଣନୀତିକ ଏକତା ସୁଦୃଢ଼ ହୋଇଛି

ୱିଲ୍‌ମିଙ୍ଗଟନ୍,୨୨।୯

ବିଶ୍ୱର ମଙ୍ଗଳ ପାଇଁ କ୍ୱାଡ୍ ଏକ ଶକ୍ତି । ଏହି ମେଣ୍ଟର ବର୍ତ୍ତମାନ ଭଳି ରଣନୀତିକ ଏକତା ପୂର୍ବରୁ କେବେ ଦେଖାଯାଇ ନ ଥିଲା ବୋଲି ଆମେରିକା, ଭାରତ, ଅଷ୍ଟ୍ରେଲିଆ ଏବଂ ଜାପାନକୁ ନେଇ ଗଠିତ ସଂଗଠନ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି । ଡେଲାୱେରର ୱିଲ୍‌ମିଙ୍ଗଟନ୍‌ଠାରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା ଆୟୋଜିତ କ୍ୱାଡ୍ ନେତାମାନଙ୍କ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଆଣ୍ଟୋନୀ ଆଲବାନିସ୍ ଏବଂ ଜାପାନର ଫୁମିଓ କିଶିଦା ଯୋଗ ଦେଇଥିଲେ । କ୍ୱାଡ୍ ଗଠନ ହେବାର ୪ ବର୍ଷ ମଧ୍ୟରେ ଏହା ରଣନୀତିକ ଦୃଷ୍ଟିରୁ ଅଧିକ ଶକ୍ତିଶାଳୀ ହୋଇଥିବାବେଳେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏକ ବାସ୍ତବ, ସକାରାତ୍ମକ ତଥା ସ୍ଥାୟୀ ପ୍ରଭାବ ବିସ୍ତାର ପାଇଁ ଏକ ଉତ୍ତମ ଶକ୍ତି ଭାବେ ଉଭା ହୋଇଥିବା ୱିଲ୍‌ମିଙ୍ଗଟନ୍ ଘୋଷଣାନାମାରେ କୁହାଯାଇଛି ।

ଇଣ୍ଡୋ-ପାସିଫିକ୍‌ରେ ୪ ପ୍ରମୁଖ ଗଣତନ୍ତ୍ର ଭାବେ ଉକ୍ତ ଅଞ୍ଚଳରେ ଶାନ୍ତି, ସ୍ଥିରତା ବଜାୟ ରଖିବା ପାଇଁ ଆମେ ସ୍ପଷ୍ଟ ଭାବେ ଛିଡ଼ା ହୋଇଛୁ । ବଳପ୍ରୟୋଗ କରି ସ୍ଥିତାବସ୍ଥା ବଦଳାଇବାକୁ ଚାହୁଁଥିବା ଯେକୌଣସି ପ୍ରକାର ଅସ୍ଥିରତା କିମ୍ବା ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ କ୍ୱାଡ୍ ସଂଗଠନ ତୀବ୍ର ବିରୋଧ କରିଆସୁଛି ବୋଲି ପରୋକ୍ଷରେ ଚାଇନାକୁ ଲକ୍ଷ୍ୟ କରି କୁହାଯାଇଛି । ଦକ୍ଷିଣ ଚାଇନା ସାଗର ଏବଂ ପୂର୍ବ ଚାଇନା ସାଗରରେ ବେଜିଂ ଆଞ୍ଚଳିକ ବିବାଦରେ ନିଜକୁ ସାମିଲ କରିଛି । ଏହା ଦକ୍ଷିଣ ଚାଇନା ସାଗର ଉପରେ ନିଜର ସାର୍ବଭୌମତ୍ୱ ଜାହିର କରୁଥିବାବେଳେ ଭିଏତ୍‌ନାମ, ମାଲେସିଆ, ଫିଲିପାଇନ୍ସ, ବ୍ରୁନେଇ ଏବଂ ତାଇୱାନ୍ ଏହାକୁ ବିରୋଧ କରୁଛନ୍ତି । ନିକଟରେ ଉକ୍ତ ଅଞ୍ଚଳରେ ବେଆଇନ ମିଶାଇଲ ଆକ୍ରମଣକୁ କ୍ୱାଡ୍ ନେତାମାନେ ନିନ୍ଦା କରିଛନ୍ତି । ଏହା ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପର ଉଲ୍ଲଂଘନ କରୁଛି । ନିକଟରେ ସାମୁଦ୍ରିକ ଅଞ୍ଚଳରେ ହୋଇଥିବା ବିପଜ୍ଜନକ ଏବଂ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନକୁ ନେଇ ନେତାମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ମୁକ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଆମର ପ୍ରାଥମିକତା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ । ସେ ଉଦାର ଅନ୍ତର୍ଜାତୀୟ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ ।

କ୍ୱାଡ୍ ନେତାମାନଙ୍କ ସମ୍ମିଳନୀରେ ବାଂଲାଦେଶ ସ୍ଥିତି ଏବଂ ୟୁକ୍ରେନ୍ ଓ ଗାଜା ଯୁଦ୍ଧ ସମ୍ପର୍କରେ ଆଲୋଚନା ହୋଇଛି । ରୁଷିଆ-ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ଭାରତ ମଧ୍ୟସ୍ଥମାନଙ୍କ ସହ ଆଲୋଚନା ଚଳାଇଛି, ଯାହା ଉପରେ ସାରା ବିଶ୍ୱର ନଜର ରହିଥିବା ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଗଣମାଧ୍ୟମକୁ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସମ୍ପର୍କରେ ସୂଚନା ଦେଇ କହିଛନ୍ତି । ଭାରତର ପଡୋଶୀ ବାଂଲାଦେଶର ବର୍ତ୍ତମାନର ସ୍ଥିତି ସମ୍ପର୍କରେ କ୍ୱାଡ୍ ସମ୍ମିଳନୀରେ ଆଲୋଚନା ହୋଇଥିଲା । ବୈଶ୍ୱିକ ଅଭିବୃଦ୍ଧି, ବିକାଶ, ଶାନ୍ତି ଏବଂ ସୁରକ୍ଷା ସମ୍ପର୍କରେ ଭାରତ ନିଜର ମତାମତ ଏବଂ ପ୍ରତିବଦ୍ଧତା ଉପସ୍ଥାପନ କରିଥିଲା ।

କ୍ୟାନ୍‌ସର ପ୍ରତିକାର ପାଇଁ ୭.୫ ନିୟୁତ ଡଲାର ଯୋଗାଇବ ଭାରତ

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସର୍ଭିକାଲ କ୍ୟାନ୍‌ସର ମୁକାବିଲାକୁ ସୁଦୃଢ଼ କରିବା ପାଇଁ ଭାରତ ୭.୫ ନିୟୁତ ଡଲାର ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଛି । ରୋଗର ପରୀକ୍ଷା, ଯାଞ୍ଚ ଏବଂ ନିଦାନରେ ଏହି ଅର୍ଥ ବ୍ୟୟ ହେବ । କ୍ୱାଡ୍ ସମ୍ମିଳନୀ ଅବସରରେ କ୍ୟାନ୍‌ସର ମୁନ୍‌ଶୁଟ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପରୋକ୍ତ ସହାୟତା ଘୋଷଣା କରିଛନ୍ତି । ଇଣ୍ଡୋ-ପାସିଫିକ ଅଞ୍ଚଳରେ ସର୍ଭିକାଲ କ୍ୟାନ୍‌ସରରୁ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ କ୍ୱାଡ୍ କ୍ୟାନ୍‌ସର ମୁନ୍‌ଶୁଟ୍ ଏକ ଐତିହାସିକ ସହଭାଗିତା ବୋଲି ମୋଦି କହିଥିଲେ ।

୫୦ କ୍ୱାଡ୍ ସ୍କଲାରଶିପ୍ ଘୋଷଣା

ୱିଲ୍‌ମିଙ୍ଗଟନ୍,୨୨।୯

କ୍ୱାଡ୍ ସମ୍ମିଳନୀ ଅବସରରେ ଭାରତ ୫ ଲକ୍ଷ ଡଲାର ମୂଲ୍ୟର ୫୦ଟି କ୍ୱାଡ୍ ସ୍କଲାରଶିପ୍ ଘୋଷଣା କରିଛି । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯିବ । ଭାରତ ସରକାରଙ୍କ ସହାୟତାରେ ଚାଲିଥିବା ବୈଷୟିକ ଶିକ୍ଷାନୁଷ୍ଠାନରେ ୪ ବର୍ଷୀୟା ଅଣ୍ଡରଗ୍ରାଜୁଏଟ୍ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ସ୍କଲାରଶିପ୍ ସହାୟକ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୱାଡ୍ ସମ୍ମିଳନୀରେ ଯୋଗଦେବା ଅବସରରେ ଏହି ଘୋଷଣା କରିଛନ୍ତି ।

କୋଲକାତାରେ ସେମିକଣ୍ଡକ୍ଟର ପ୍ଲାଣ୍ଟ କରିବ ଆମେରିକା

ନୂଆଦିଲ୍ଲୀ,୨୨।୯

ମୋଦି-ବାଇଡେନ୍ ଆଲୋଚନାରେ ଏମ୍‌କ୍ୟୁ-୯ବି ଡ୍ରୋନ୍ ଡିଲ୍‌କୁ ଅନୁମୋଦନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମଧ୍ୟରେ ଶନିବାର ରାତିରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନାରେ ଏମ୍‌କ୍ୟୁ-୯ବି ଡ୍ରୋନ୍, ସେମିକଣ୍ଡକ୍ଟର ପ୍ଲାଣ୍ଟ ସ୍ଥାପନ ସମେତ ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇଥିଲା । ଆସନ୍ତା ଫେବୃଆରୀରେ ଆମେରିକା ୩୧ଟି ଏମ୍‌କ୍ୟୁ-୯ବି ପ୍ରିଡେଟର ଡ୍ରୋନ୍ ଭାରତକୁ ବିକ୍ରି କରିବ । ୩.୯୯ ବିଲିୟନ ଡଲାରର ଏହି ପ୍ରସ୍ତାବକୁ ୱାଶିଂଟନ ଅନୁମୋଦନ କରିଛି । ସେଥିରୁ ଭାରତୀୟ ନୌସେନାକୁ ୧୫ଟି ସି ଗାର୍ଡିଆନ୍ ଡୋନ୍ ମିଳିବାକୁ ଥିବାବେଳେ ବାୟୁସେନା ଏବଂ ସ୍ଥଳସେନାକୁ ୮ଟି ଲେଖାଏ ସ୍କାଏ ଗାର୍ଡିଆନ୍ ଡ୍ରୋନ୍ ମିଳିବ । ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ଆମେରିକା ସମର୍ଥନ ଜଣାଇବ ବୋଲି ବାଇଡେନ୍ କହିଛନ୍ତି । ଏଥିସହିତ ଆମେରିକା ସହାୟତାରେ କୋଲକାତାରେ ଏକ ସେମିକଣ୍ଡକ୍ଟର ପ୍ଲାଣ୍ଟ ସ୍ଥାପନ ପାଇଁ ଆଲୋଚନା ହୋଇଛି ।

କ୍ୱାଡ୍ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓ ବାଇଡେନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଭାରତ ଏବଂ ଆମେରିକା ମଧ୍ୟରେ ବିସ୍ତୃତ ବୈଶ୍ୱିକ ରଣନୀତିକ ସହଭାଗିତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ଉଭୟ ନେତା ମତ ବିନିମୟ କରିଥିଲେ । ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କୁ ରୁପାର ଟ୍ରେନ୍ ମଡେଲ ଏବଂ ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କୁ ଏକ ପଶ୍ମିନା ଶାଲ୍ ଉପହାର ଦେଇଛନ୍ତି ।

ଦେଶକୁ ଫେରିବ ୨୯୭ ପ୍ରାଚୀନ କଳାକୃତି

ୱିଲ୍‌ମିଂଟନ, ୨୨।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ସମୟରେ ରବିବାର ୨୯୭ଟି ପ୍ରାଚୀନ କଳାକୃତିକୁ ଭାରତ ଫେରାଇବାକୁ ଆମେରିକା ନିଷ୍ପତ୍ତି ନେଇଛି । ଏହି କଳାକୃତିଗୁଡ଼ିକୁ ଭାରତରୁ ଚୋରାଚାଲାଣ କରାଯାଇ ଆମେରିକା ନିଆଯାଉଥିଲା । ଡେଲାୱେୟରର ୱିଲ୍‌ମିଂଟନରେ ମୋଦି ଓ ବାଇଡେନ୍‌ଙ୍କ ଦ୍ୱିପାକ୍ଷିକ ଆଲୋଚନା ସମୟରେ ୨୯୭ଟି ପ୍ରାଚୀନ କଳାକୃତିକୁ ଭାରତ ଫେରାଇବାକୁ ବାଇଡେନ୍ ସହମତି ଦେଖାଇଛନ୍ତି । ଏହି ଅବସରରେ ଭାରତର କିଛି ନିର୍ଦ୍ଦିଷ୍ଟ ପ୍ରାଚୀନ କଳାକୃତିକୁ ଉଭୟ ମୋଦି ଓ ବାଇଡେନ୍ ଦେଖିଥିଲେ । ଖୁବଶୀଘ୍ର ଏହି କଳାକୃତିଗୁଡ଼ିକୁ ଭାରତ ଅଣାଯିବ । ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି । ୨୯୭ ଅମୂଲ୍ୟ କଳାକୃତି ଫେରାଇବାକୁ ନିଷ୍ପତ୍ତି ନେଇଥିବାରୁ ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହି ଅମୂଲ୍ୟ ବସ୍ତୁଗୁଡ଼ିକ କେବଳ ଭାରତର ଐତିହାସିକ ସଂସ୍କୃତିକୁ ଦର୍ଶାଏ ନାହିଁ ବରଂ ଏହାଦ୍ୱାରା ସଭ୍ୟତା ଏବଂ ଚେତନାର ଅନ୍ତର୍ନିହିତ ଭିତ୍ତିଭୂମି ମଧ୍ୟ ସୃଷ୍ଟି ହୋଇ ପାରିଥାଏ ବୋଲି ମୋଦି କହିଛନ୍ତି ।

ପୂର୍ବରୁ ଭାରତର ବହୁ ପ୍ରାଚୀନ କଳାକୃତି ବିଦେଶକୁ ଚୋରାଚାଲାଣ କରାଯାଇଛି । ତେବେ ସେଥିମଧ୍ୟରୁ ଗତ ୧୦ ବର୍ଷ ମଧ୍ୟରେ ୬୪୦ ପ୍ରାଚୀନ କଳାକୃତି ଭାରତ ଫେରି ପାଇବାକୁ ସକ୍ଷମ ହୋଇଛି । ଏହି ଅବଧି ମଧ୍ୟରେ କେବଳ ଆମେରିକା ୫୭୮ଟି କଳାକୃତି ଫେରାଇଥିବା ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସ୍ୱାଲ ସୂଚନା ଦେଇଛନ୍ତି । ଆମେରିକାରୁ ଭାରତ ଆସିବାକୁ ଥିବା ୨୯୭ କଳାକୃତି ମଧ୍ୟରେ ମଧ୍ୟ ଭାରତର ଖ୍ରୀଷ୍ଟପୂର୍ବ ଏକାଦଶ ଶତାବ୍ଦୀରେ ବାଲୁକା ପଥରରେ ନିର୍ମିତ ଏକ ଅପ୍ସରାଙ୍କ ମୂର୍ତ୍ତି, ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ପୂର୍ବ ଭାରତର ଏକ ଟେରାକୋଟା ନିର୍ମିତ ଫୁଲଦାନୀ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ନିର୍ମିତ ଦକ୍ଷିଣ ଭାରତର ଏକ ପଥର ମୂର୍ତ୍ତି ଇତ୍ୟାଦି ରହିଛି । ୨୦୨୧ରେ ମୋଦିଙ୍କ ଆମେରିକା ଗସ୍ତ ବେଳେ ମଧ୍ୟ ଭାରତ ଚୋରାଚାଲାଣ ହେଇଥିବା ୧୫୭ଟି କଳାକୃତି ଫେରି ପାଇଥିଲା ବୋଲି ଜୈସ୍ୱାଲ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଚଳିତ ବର୍ଷ ଜୁଲାଇରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଐତିହ୍ୟ କମିଟିର ୪୬ତମ ସଂସ୍କରଣରେ ଭାରତ ଏବଂ ଆମେରିକା ଏକ 'ସାଂସ୍କୃତିକ ସମ୍ପତ୍ତି ବୁଝାମଣା' ସ୍ୱାକ୍ଷର କରିଥିଲେ । ଭାରତରୁ ଆମେରିକାକୁ ପ୍ରାଚୀନ କଳାକୃତି ଚୋରାଚାଲାଣ ରୋକିବା ପାଇଁ ଉକ୍ତ ଚୁକ୍ତି ସ୍ୱାକ୍ଷର ହୋଇଥିଲା ।

ଟ୍ରେନ୍ ଉଡ଼ାଇଦେବାକୁ ଉଦ୍ୟମ

ନୂଆଦିଲ୍ଲୀ,୨୨।୯

ରେଳଲାଇନ୍‌ରୁ ମିଳିଲା ଡିଟୋନେଟର, ଗ୍ୟାସ୍ ସିଲିଣ୍ଡର

ମଧ୍ୟପ୍ରଦେଶର ବୁରହାନପୁର ଜିଲାରେ ସେନା ଯବାନମାନଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍‌କୁ ଉଡ଼ାଇ ଦେବା ପାଇଁ ଯୋଜନା ହୋଇଥିଲା । ରେଳଲାଇନରୁ ଅନ୍ୟୂନ ୧୦ଟି ଡିଟୋନେଟର ଜବତ ହୋଇଛି । ବୁଧବାର ଯବାନମାନଙ୍କୁ ନେଇ ସ୍ୱତନ୍ତ୍ର ଟ୍ରେନ୍‌ଟି ଜମ୍ମୁ-କଶ୍ମୀରରୁ କର୍ନାଟକ ଯାଉଥିବାବେଳେ ସଗ୍‌ଫତା ରେଳଷ୍ଟେଶନ ନିକଟରେ ଡିଟୋନେଟରକୁ ଅତିକ୍ରମ କରିଯିବା ପରେ ବିସ୍ଫୋରଣ ଘଟିବାରୁ ଡ୍ରାଇଭର ଟ୍ରେନ୍‌କୁ ତୁରନ୍ତ ରୋକିଥିଲେ । ପରେ ସେ ଷ୍ଟେଶନମାଷ୍ଟରଙ୍କୁ ଜଣାଇଥିଲେ । ବିସ୍ଫୋରଣରେ କେହି ଆହତ ହୋଇନାହାନ୍ତି । ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍), ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ), ରେଲୱେ ଏବଂ ସ୍ଥାନୀୟ ପୋଲିସ ଅଧିକାରୀମାନେ ଘଟଣାର ତଦନ୍ତ ଚଳାଇଛନ୍ତି ।

ଅନ୍ୟ ଏକ ଘଟଣାରେ ରବିବାର ଉତ୍ତରପ୍ରଦେଶର କାନପୁର ଅନ୍ତର୍ଗତ ପ୍ରେମପୁର ରେଳଷ୍ଟେଶନ ନିକଟରେ ରେଳଲାଇନ୍‌ରୁ ଖାଲି ଗ୍ୟାସ୍ ସିଲିଣ୍ଡର ମିଳିଛି । ସିଲିଣ୍ଡରକୁ ଦେଖି ଲୋକୋ ପାଇଲଟ ତୁରନ୍ତ ଟ୍ରେନ୍‌କୁ ଅଟକାଇଥିଲେ । ମାଲ୍‌ଗାଡ଼ିଟି କାନପୁରରୁ ପ୍ରୟାଗରାଜ ଯାଉଥିବାବେଳେ ରେଳଲାଇନରେ ଗ୍ୟାସ୍ ସିଲିଣ୍ଡର ରଖି ଟ୍ରେନ୍‌କୁ ଲାଇନଚ୍ୟୁତ କରିବାକୁ ଯୋଜନା ହୋଇଥିଲା ବୋଲି ସନ୍ଦେହ କରାଯାଉଛି ।

କୋଇଲା ଖଣିରେ ବିସ୍ଫୋରଣ, ୫୧ ମୃତ

ତେହେରାନ, ୨୨।୯

ଇରାନ୍‌ର ଦକ୍ଷିଣ ଖୋରାସାନ୍ ପ୍ରଦେଶର ତାବାସ୍ କୋଇଲା ଖଣିରେ ରବିବାର ମିଥେନ ଗ୍ୟାସ୍ ଲିକ୍ ହେବା କାରଣରୁ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣରେ ୫୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି । ଗତ କିଛିବର୍ଷ ମଧ୍ୟରେ ଇରାନ୍‌ର କୌଣସି କୋଇଲା ଖଣିରେ ଏହା ସବୁଠାରୁ ବଡ଼ ଧରଣର ଦୁର୍ଘଟଣା ହୋଇଥିବା ନେଇ ସ୍ଥାନୀୟ ସରକାରୀ ମିଡିଆ ପକ୍ଷରୁ କୁହାଯାଇଛି । ରିପୋର୍ଟ ଅନୁଯାୟୀ, ତାବାସ୍ କୋଇଲା ଖଣିର ବି ଏବଂ ସି ବ୍ଲକରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣବେଳେ ଉକ୍ତ ଖଣିରେ ୭୦ ଜଣ ଶ୍ରମିକ ଉପସ୍ଥିତ ଥିଲେ । ତାବାସ୍ କୋଇଲା ଖଣି ଇରାନ୍‌ର ଏକ ଘରୋଇ ସଂସ୍ଥା 'ମଦନଜୁ'ର ହୋଇଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି । ଘଟଣାସ୍ଥଳରୁ ଆହତମାନଙ୍କୁ ହେଲିକପ୍ଟର ଓ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଦକ୍ଷିଣ ଖୋରାସାନ୍‌ର ଗଭର୍ନର ଆଲି ଆକ୍‌ବର ରହିମି ସୂଚନା ଦେଇଛନ୍ତି ।

ନେଟ୍‌ଫ୍ଲିକ୍ସ ବିରୋଧରେ ଭିଜା ଉଲ୍ଲଂଘନ, ବର୍ଣ୍ଣବୈଷମ୍

ତଦନ୍ତ ରିପୋର୍ଟକୁ ନେଇ କ୍ରାଇମବ୍ରାଞ୍ଚ ଏଡିଜିଙ୍କ ସହ ପୋଲିସ ଡିଜିଙ୍କ ଆଲୋଚନା

ମେଜରଙ୍କ ବୟାନ ରେକର୍ଡ

ଭୁବନେଶ୍ୱର,୨୨।୯ (ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନାରେ ଆର୍ମି ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ସାରାଦେଶରେ ଆଲୋଡନ ସୃଷ୍ଟି କରିଛି। ଘଟଣା ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଛି। ଇତିମଧ୍ୟରେ କ୍ରାଇମବ୍ରାଞ୍ଚ ୨ଟି ମାମଲା ଆଧାରରେ ଗତ ୫ଦିନ ଧରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ଘଟଣା ଘଟିଥିବା ଚନ୍ଦକା ରାସ୍ତା ଓ ଭରତପୁର ଥାନା ପରିସରକୁ ଯାଇ କ୍ରାଇମବ୍ରାଞ୍ଚ ଟିମ୍ ସାଇଣ୍ଟିଫିକ୍ ଓ ଫିଙ୍ଗରପ୍ରିଣ୍ଟ୍ ଟିମ୍ ସହାୟତାରେ ଛାନଭିନ କରି ବହୁତଥ୍ୟ ହାସଲ କରିଛି। ଏହାସହ ଏକ ଫଟୋ ବ୍ୟୁରୋ ଟିମ୍ ମଧ୍ୟ ଘଟଣାସ୍ଥଳକୁ ଯାଇ ବିଭିନ୍ନ ଫଟୋ ଓ ଭିଡିଓ ଶୁଟ୍ କରିଥିବା ଜଣାପଡିଛି। ସେହିପରି ଆର୍ମି ଅଫିସରଙ୍କ ମୋବାଇଲକୁ ଜବତ କରି ଭୁବନେଶ୍ୱରସ୍ଥିତ ଏସ୍ଏଫ୍ଏସ୍ଏଲ୍‌କୁ ପରୀକ୍ଷା ପାଇଁ ପଠାଯାଇଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। ହେଲେ ଏଯାବତ ଘଟଣାର କୌଣସି ସ୍ପଷ୍ଟତା ଆସିପାରି ନାହିଁ। ଏପରିସ୍ଥିତିରେ ତଦନ୍ତକାରୀ ଟିମ୍ ଉକ୍ତ ତଦନ୍ତ ରିପୋର୍ଟକୁ ଶନିବାର ଜାତୀୟ ମହିଳା କମିଶନ ଓ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କୁ ପଠାଇଥିଲା। ତେବେ ରବିବାର ପୋଲିସ ଡିଜି ୱାଇ.ବି ଖୁରାନିଆ ଭୁବନେଶ୍ୱରସ୍ଥିତ ସାଇବର ଭବନରେ ପହଞ୍ଚି କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କୁ ଭେଟି ରିପୋର୍ଟ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ରିପୋର୍ଟକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହ ପରବର୍ତ୍ତୀ ପଦକ୍ଷେପ ନେଇ କଥା ହୋଇଛନ୍ତି। ତେଣୁ ମାମଲାରେ ନିଲମ୍ବିତ କର୍ମଚାରୀଙ୍କ ବିରୋଧରେ ଖୁବ୍‌ଶୀଘ୍ର ବଡ଼ କାର୍ଯ୍ୟାନୁଷ୍ଠାନ ହେବ ନା ପୋଲିସ ବଦନାମକୁ ଘୋଡ଼ାଇବାକୁ ସେପରି କିଛି କାର୍ଯ୍ୟ କରାଯିବ, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଅନ୍ୟପଟେ ତଦନ୍ତକାରୀ ଟିମ୍ ମେଜର ଓ ତାଙ୍କ ବାନ୍ଧବୀ ବୟାନ ରେକର୍ଡ କରିଛି। ବାସ୍ତବରେ ସେଦିନ ରାତିରେ ଭରତପୁର ଥାନାରେ କ'ଣ ଘଟିଥିଲା, ସେ ସମ୍ପର୍କରେ ଉଭୟଙ୍କୁ ପଚରାଉଚରା କରିବା ସହ ଘଟଣାର ଅଧିକ ଛାନ୍‌ଭିନ୍ ଚଳାଇଛି। ସେହିପରି ନିଲମ୍ବିତ ହୋଇଥିବା ଏସ୍ଆଇ ବୈଶାଳିନୀ ପଣ୍ଡା, ଏଏସ୍ଆଇ ସଲୀଳମୟୀ ସାହୁ, ଏଏସ୍ଆଇ ସାଗରିକା ରଥ ଓ ଅଭିଯୁକ୍ତ ୭ ଛାତ୍ରଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରାଯାଇଛି। କିନ୍ତୁ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ର ଓ କନ୍‌ଷ୍ଟେବଲ ବଳରାମ ହାଁସଦାଙ୍କୁ ପଚରାଉଚରା କରାଯାଇନାହିଁ। ସେପଟେ ବୟାନ ରେକର୍ଡ ବେଳେ ସେମାନଙ୍କ କଥା ମେଳ ଖାଉ ନ ଥିବାରୁ ପଲିଗ୍ରାଫ ଟେଷ୍ଟ ବା ବ୍ରେନ୍ ମ୍ୟାପିଂ ଆଦି ହୋଇପାରେ। ଏହି ଟେଷ୍ଟ ପାଇଁ କୋର୍ଟରୁ ପ୍ରଥମେ ଅନୁମତି ନେବାକୁ ପଡିଥାଏ। ତେଣୁ ଏନେଇ ସୋମବାର କ୍ରାଇମବ୍ରାଞ୍ଚ କୋର୍ଟରେ ଆବେଦନ କରିପାରେ ବୋଲି ସୂତ୍ରରୁ ଜଣାପଡିଛି।

ପୋଲିସ କମିଶନରଙ୍କୁ ଭେଟିଲେ ନିଲମ୍ବିତ ପୋଲିସ କର୍ମଚାରୀଙ୍କ ପରିବାର

ଭରତପୁର ଥାନାରେ ନିର୍ଯାତନା ମାମଲା

ଭୁବନେଶ୍ୱର,୨୨।୯ (ସୂର୍ଯ୍ୟକାନ୍ତ ବେହେରା)

ମେଜର ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଭରତପୁର ଥାନାରେ ନିର୍ଯାତନା ମାମଲାରେ ତତ୍କାଳୀନ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସ୍ଆଇ ବୈଶାଳିନୀ ପଣ୍ଡା, ଏଏସ୍ଆଇ ସଲୀଳମୟୀ ସାହୁ, ଏଏସ୍ଆଇ ସାଗରିକା ରଥ ଓ କନ୍‌ଷ୍ଟେବଲ ବଳରାମ ହାଁସଦାଙ୍କୁ ନିଲମ୍ବନ କରାଯାଇଛି। ଏହା ପ୍ରତିବାଦରେ ନିଲମ୍ବିତ ହୋଇଥିବା ମହିଳା ପୋଲିସ କର୍ମଚାରୀଙ୍କ ପରିବାର ଲୋକେ ଶନିବାରଠାରୁ ଧାରଣ ଦେଇଛନ୍ତି। ଏସ୍ଆଇ ବୈଶାଳିନୀ, ଏଏସ୍ଆଇ ସାଗରିକାଙ୍କ ପରିବାର ଲୋକେ କମିଶନରେଟ୍ ପୋଲିସ ମୁଖ୍ୟାଳୟ ସାମ୍ନାରେ ପ୍ରତିବାଦ କରିବା ସହ ଗୁରୁଭନ୍ସ ଓ ଅଙ୍କିତାଙ୍କ ଉପରେ ଦୋଷ ଲଦିଛନ୍ତି। ଏଥିସହ ସେମାନେ ପୋଲିସ କମିଶନରଙ୍କୁ ଭେଟି ଦାବି ଜଣାଇଥିଲେ। ରବିବାର ମଧ୍ୟ ଏଏସ୍ଆଇ ସଲୀଳମୟୀଙ୍କ ଝିଅ ଶ୍ରେୟୀ ଶାଳିନୀ ସାହୁ ଓ କନ୍‌ଷ୍ଟେବଲ ବଳରାମଙ୍କ ପୁଅ ଚନ୍ଦନ କୁମାର ହାଂସଦା କେତେଜଣ ସ୍ୱେଚ୍ଛାସେବୀଙ୍କ ସହ ପୋଲିସ କମିଶନରଙ୍କୁ ଭେଟି ସମାନ ଦାବି ଜଣାଇଛନ୍ତି। ଚନ୍ଦନ କହିଛନ୍ତି, ଅଭିଯୋଗ କରିଥିବା ଯୁବତୀ ଜଣକ ମୋ ବାପାଙ୍କୁ ଗାଳିଗୁଳଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ତେଣୁ ଘଟଣାର ଠିକ୍ ତଦନ୍ତ କରାଯାଉ, ଯିଏ ବି ଦୋଷୀ ଦଣ୍ଡ ପାଉ।

୨୭ ଯାଏ ବର୍ଷିବ, ଫେରିଯିବ ମୌସୁମୀ

ଭୁବନେଶ୍ୱର,୨୨।୯ (ଅନୁରାଧା ମହାରଣା)

ମୌସୁମୀ ଟ୍ରପ୍‌ଲାଇନ୍‌ବଙ୍ଗୋପସାଗରର ଦକ୍ଷିଣପୂର୍ବ ଦିଗରେ ଅଗ୍ରସର ହେଉଛି। ସେହିପରି ଆନ୍ଧ୍ରପ୍ରଦେଶ ଉପକୂଳରୁ ଦକ୍ଷିଣ ଉପକୂଳବର୍ତ୍ତୀ ମ୍ୟାନ୍‌ମାର ମଧ୍ୟରେ ୨ଟି ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହି ଦୁଇ ଘୂର୍ଣ୍ଣବଳୟ ପ୍ରଭାବରେ ସୋମବାର ସୁଦ୍ଧା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଏବେ ରାଜ୍ୟରେ ବର୍ଷା ହେଉଥିବାବେଳେ ଆଗକୁ ବର୍ଷା ପରିମାଣ ବଢ଼ିବ ଓ ୨୭ ତାରିଖ ଯାଏ ବର୍ଷା ଜାରି ରହିବ। ଅନ୍ୟପକ୍ଷରେ ଆସନ୍ତା ୨୩ରୁ ପଶ୍ଚିମ ରାଜସ୍ଥାନ ଏବଂ ଗୁଜରାଟ କଚ୍ଛର କିଛି ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଫେରିବା ନେଇ ସ୍ଥିତି ଅନୁକୂଳ ହେଉଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ଘୂର୍ଣ୍ଣିବଳୟ ଓ ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଉପକୂଳବର୍ତ୍ତୀ ଓଡ଼ିଶାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ଘଡ଼ଘଡ଼ି, ବିଜୁଳି ସହ ବର୍ଷା ହେବା ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, କୋରାପୁଟ, ଅନୁଗୋଳ, ଢେଙ୍କାନାଳ ଓ ଦେବଗଡ଼ରେ ୭ରୁ ୨୦ ସେମି ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, ବଲାଙ୍ଗୀର, ସୋନପୁର ଆଦି ୮ ଜିଲାର ବିଭିନ୍ନ ସ୍ଥାନରେ ୭ରୁ ୧୧ ସେମି ବର୍ଷା ହୋଇପାରେ। ୨୪ ତାରିଖରେ ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ଜଗତ୍‌ସିଂହପୁର, କଟକ, ବାଲେଶ୍ୱର ସମେତ ୧୨ ଜିଲାରେ ବର୍ଷା ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି।

୧୦୦ ଦିନର ହିସାବ ଦେଲେ ମୁଖ୍ୟମନ୍ତ୍ରୀ

- ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର
- ସଂକଳ୍ପ ପୂରଣକୁ ପ୍ରାଥମିକତା

କେନ୍ଦୁଝର,୨୨।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ସଭାରେ ଜଣେ ମହିଳା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଟଙ୍କା ପ୍ରଦାନ କରୁଛନ୍ତି।

କେନ୍ଦୁଝର ଜିଲା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗସ୍ତର ଶେଷ ଦିନ ଅର୍ଥାତ ତୃତୀୟ ଦିନରେ ରବିବାର ନିଜ ସରକାରର ୧୦୦ ଦିନ ସଫଳତାର ହିସାବ ପ୍ରଦାନ କରିଛନ୍ତି। ଏ ନେଇ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ଉନ୍ନତି ପାଇଁ ୯୮୭ କୋଟି ଟଙ୍କାରୁ ଅଧିକ ବ୍ୟୟରେ ବିଭିନ୍ନ ଜନହିତକାରୀ ପ୍ରକଳ୍ପର ଲୋକାର୍ପଣ, ଘୋଷଣା ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୋହନ ସରକାର ଅମଳରେ କେନ୍ଦୁଝରର ବିକାଶ ସହ ଜିଲାବାସୀଙ୍କ ଅଭିବୃଦ୍ଧି ଘଟିବ ବୋଲି କହିଥିଲେ।

ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମ ସରକାରକୁ ସେବା କରିବାର ଏକ ସୁଯୋଗ ମିଳିଛି। ଆମେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ଯେଉଁ ସଂକଳ୍ପ ନେଇଥିଲୁ ତାହା ପୂରଣ ହେଉଛି। ସଂକଳ୍ପ ପତ୍ର ଆମର ଧର୍ମ ଗ୍ରନ୍ଥ, ସଂକଳ୍ପ ପୂରଣକୁ ପ୍ରାଥମିକତା ଦିଆଯାଉଛି। ସରକାର ଗଠନର ପ୍ରଥମ ଦିନରେ ହିଁ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିଲା। ଏଥିସହ ରତ୍ନଭଣ୍ଡାର ଖୋଲିଲା, ଶ୍ରୀମନ୍ଦିର ପାଇଁ ୫୦୦ କୋଟି, ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟିର କର୍ପସ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ମାତୃଶକ୍ତିଙ୍କୁ ସମ୍ମାନ ଜଣାଇ ସୁଭଦ୍ରା ଯୋଜନା ଆରମ୍ଭ କରାଯାଇଛି। କୃଷକଙ୍କ ଆର୍ଥିକ ସ୍ଥିତିକୁ ସଶକ୍ତ କରିବା ନିମନ୍ତେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବ୍ୟୟବରାଦ ମୋଟ ୩୬ ପ୍ରତିଶତ ବୃଦ୍ଧି କରାଯାଇଛି। ଧାନର ଏମ୍‌ଏସ୍‌ପିକୁ ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ନିମନ୍ତେ ବଜେଟ୍‌ରେ ୩୨ ପ୍ରତିଶତ ବୃଦ୍ଧି ହୋଇଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ପିଏମ୍ ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ର ସହ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ପାଇଁ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏ ଅବସରରେ କେନ୍ଦୁଝରରେ ୯୮୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଘୋଷଣା ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଥି ମଧ୍ୟରୁ ଉଦ୍‌ଘାଟନ ହୋଇଥିବା ପ୍ରମୁଖ ପ୍ରକଳ୍ପ ମଧ୍ୟରେ ୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ଧରଣୀଧର ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ଏକାଡେମିକ ବିଲଡିଂ, ୫ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ସାହରପଡ଼ା ବ୍ଲକ୍‌ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ୨ଟି ଛାତ୍ରାବାସ, ୧୫ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ କାର୍ଯ୍ୟରତ ଡାକ୍ତରଙ୍କ ପାଇଁ ୪୫ କ୍ୱାର୍ଟର୍ସ, କେନ୍ଦୁଝର ସଦର ଓ ଉଦୟପୁରଠାରେ ୬ କୋଟି ବ୍ୟୟରେ ଏଏନ୍‌ମ ପ୍ରଶିକ୍ଷଣ କେନ୍ଦ୍ର, ଜିଲା ପ୍ରାଣୀ ଚିକିତ୍ସାଳୟ ପାଇଁ ପ୍ରଶାସନିକ କୋଠା ଏବଂ ୧୬ କୋଟି ଟଙ୍କା ବ୍ୟୟରେ ଯୋଡ଼ାଠାରେ ସଡ଼କ ନିର୍ମାଣ, ୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ବାଂଶପାଳ ଓ ସହରପଦା ବ୍ଲକ୍‌ରେ ୪ ସେତୁ ନିର୍ମିତ ହୋଇଛି। କେନ୍ଦୁଝର ସଦର, ପାଟଣା, ସହରପଦା, ଚମ୍ପୁଆ, ଝୁମ୍ପୁରା ଓ ତେଲକୋଇ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ୨୦ କ୍ଲଷ୍ଟର ଜଳସେଚନ ପ୍ରକଳ୍ପର ନିର୍ମାଣ ଶେଷ ହୋଇଛି। କେନ୍ଦୁଝର ସଦର ଓ ଝୁମ୍ପୁରା ବ୍ଲକ୍‌ରେ ୧୭ଟି ଶୀତଳ ଗୃହ, ପଣସ ମିଶନ ଅନ୍ତର୍ଗତ ବାଁଶପାଳ ବ୍ଲକ୍‌ରେ ଉଦ୍ଭାୟନ କେନ୍ଦ୍ର, ଖଣିଜ ଓ ସମ୍ବନ୍ଧିତ ଶିଳ୍ପରେ ଧନ୍ଦାମୂଳକ ପ୍ରଶିକ୍ଷଣ ପାଇଁ କେନ୍ଦୁଝର ଓ ତୁରୁମୁଙ୍ଗାଠାରେ ୨ଟି ଉତ୍କର୍ଷ କେନ୍ଦ୍ର ଆଦି ପ୍ରକଳ୍ପ ସ୍ଥାପନ ହୋଇଛି। ସେହିପରି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ପ୍ରମୁଖ ପ୍ରକଳ୍ପ ମଧ୍ୟରେ ଆନନ୍ଦପୁର, ବାଂଶପାଳ, ପାଟଣା ଏବଂ ତେଲକୋଇ ବ୍ଲକ୍‌ରେ ଡାକ୍ତରଙ୍କ ରହଣି ସୁବିଧା ପାଇଁ ୬୪ କ୍ୱାର୍ଟର୍ସ, କେନ୍ଦୁଝରଠାରେ ୯ଟି ଉପ-ଚିକିତ୍ସା କେନ୍ଦ୍ର, ଆନନ୍ଦପୁରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମନ୍ୱିତ ଜନ ସ୍ୱାସ୍ଥ୍ୟ ପରୀକ୍ଷାଗାର, ହାଟଡ଼ିହୀ ଓ ସହରପଦାଠାରେ ୨ଟି ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ କରାଯାଉଛି। ବିଭିନ୍ନ ସ୍ଥାନରେ ୭ ସେତୁ, ୧୮୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ୨ ମେଗା ଲିଫ୍ଟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଗମନାଗମନକୁ ସୁଦୃଢ଼ କରିବାକୁ ୩୫୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ବିଭିନ୍ନ ସ୍ଥାନରେ ସଡ଼କର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପ୍ରକଳ୍ପ ମାଧ୍ୟମରେ କେନ୍ଦୁଝରର ସର୍ବାଙ୍ଗୀନ ଉନ୍ନତି ସହ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଜିଲାବାସୀଙ୍କ ଆର୍ଥିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବ, ଏଥିରେ କୌଣସି ସଂଶୟ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡ. ଫକୀର ମହନ ନାୟକ, ଜିଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁସାହୁ , ଭାଜପା ଜିଲା ସଭାପତି ସବୁଜ ମହାନ୍ତ ବର୍ମା, ଜିଲା ଭାଜପା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଅନୁବ୍ରତ ବେହେରା, ସୁକଦେବ ମହାନ୍ତ ଉପସ୍ଥିତ ଥିଲେ।

|| ନବରାତ୍ରୀ ପ୍ରି-ବୁକିଙ୍ଗ ଅଫର୍ସ ||
ଘରକୁ ଆଣନ୍ତୁ ହିରୋ

ବୁକିଙ୍ଗ ଆରମ୍ଭ @ ₹ 1100* ରୁ
ଅତିରିକ୍ତ କ୍ୟାସ ଡିସକାଉଣ୍ଟ ₹1000*
କମ ଡାଉନପେମେଣ୍ଟ ଆରମ୍ଭ @ ₹ 1999^ ରୁ
କ୍ୟାସବ୍ୟାକ୍ ₹ 5000~ ପର୍ଯ୍ୟନ୍ତ
ଡେଲିଭରୀରେ ଆକର୍ଷଣୀୟ କ୍ୟାସ ଡିସକାଉଣ୍ଟ ଏବଂ ଏକ୍ସଚେଞ୍ଜ ବୋନସ#

Hero GIFT
Grand Indian Festival of Trust

ବର୍ତ୍ତମାନ ବୁକ କରନ୍ତୁ ଏବଂ ନବରାତ୍ରୀରେ ନିଶ୍ଚିତ ଡେଲିଭରୀ ପାଆନ୍ତୁ

ଶୁଭ ମୁହୂର୍ତ୍ତ ଅଫର୍ସ ଅନଲକ କରିବା ପାଇଁ ସ୍କାନ କରନ୍ତୁ

Toll Free Number: 1800 266 0018
INDIA'S FIRST 5 YEAR WARRANTY* *Conditions apply
$ଅତିରିକ୍ତ କ୍ୟାସ ଡିସକାଉଣ୍ଟ Flipkart

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp amount may vary for model/variant and states and it is applicable on select models only. Accessories and features shown may not be a part of standard fitment. Always wear a helmet while riding a two-wheeler. #Offers will be communicated at the time of invoicing and may vary for model/variant and states, valid on invoicing between 3rd Oct'24 to 12th Oct'24 or till stock last, For more details, please visit your nearest authorised Hero outlet. ~The 5% cashback upto ₹5000/- is applicable on minimum transaction of ₹40,000, subject to the credit card company's, T&Cs. ^Finance offer is at the sole discretion of the Financier, subject to its respective T&Cs. Available at select dealerships. *Offer is valid only on paid bookings with a minimum amount of ₹1100 before 2nd Oct' 24,T&C apply. $Flipkart offer is subject to the sole discretion & T&Cs of Flipkart.

Authorized Dealers: Bhubaneswar: Rohan Hero, Ph: 9289922474, **Bharat Hero,** Ph: 9289922180, **DD Hero,** Ph: 0674-2747448 / 9439650824, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, , **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289922184, **Lakshmi Automotives, Gajapati Nagar,** Ph: 9289923187, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736.**Authorized HeroSure Dealers: Bhubaneshwar:** Arundhati Motobikes ,Ph- 7682841658, **Rourkela:** Dua Motors ,Ph- 6372753989, **Jeypore:** Supreme Sales, Ph- 8144822656 **Associate Dealers:Rahama:**Sarala Automobiles-9937018532, **Nimapara:**Basudev Automobiles-9861020724, **Pipili:**Shri Ram Motors-9437110789 , **Khamakhyanagar:**Reliance Automobiles-9938435743, **Chendipada:**Tara Motors-8018339414 **Balugaon:** Mahamayee Motors-9437004624 **Khurdha:**Dinesh Trading Co.-9778097876 **Sakhigopal:**Sai Motors-9439765820 **Begunia:**Rashmi Automobiles-9178316145 **Laxmipur:**Tarini Motors-7205862853 **Rajgangpur:**Kedia & Kedia-9437152881 **Brajrajnagar:**Bina Motors-9861078290 **Belpahar:**Varsha Motors-9437058417 **Deogarh:**Jindal Motors-9437056659 **Bamra:**Choudhury Motors-9938274720 **Baliapal:**Baba Motors-8093603116 **Soro:**Twinkle Motors-9861594852 **Kendrapara:**Baishnabi Motors-9437089454/9853471301 **Barbil:**Wheels Motors-9776931870 **Pattamundai:**Mishra Auto-9853843713 **Basta:**Shivam Motors-7735958754 **Rairangpur:**Maa Sakambari Motors-7008581719 **Khuakia:**Binayak Automobiles-9090444379 **Jajpur Town:**Ayush Automobiles-9556189870 **Mayurbhanj:**Jk Motors-9040909925 **Semiliguda:**K P Enterprises-9437233464 **Parlakhemundi:**Preetam Enterprises-9438685535 **Nabarangpur:**Arun Sales &

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଇଣ୍ଡିଆନ୍ ହ୍ୟୁମାନ ରାଇଟ୍ସ ଡିଭେଣ୍ଡର୍ସର ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଏଆଇଟିୟୁସି ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମୁଖ୍ୟମନ୍ତ୍ରୀଙ୍କ ପାଖେ ଅଭିଯୋଗ ଦେବେ ଜନଶୁଣାଣି ପାଇଁ ପଞ୍ଜୀକୃତ କରିଥିବା ଲୋକେ, ସ୍ଥାନ: ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଗୃହ, ଭିଆଇଆଇଆଇଏମ୍‌ଆର୍-୪, ୟୁନିଟ୍-୫, ସମୟ: ପୂର୍ବାହ୍ନ ୧୧ଟା ।
- ଭରତପୁର ଥାନା ମାମଲାକୁ ନେଇ ମହିଳାଙ୍କ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ୍, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭଗବତୀ ଭବନ, ଅଶୋକନଗର, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ଡ. ଜଗନ୍ନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ୨୨ତମ ସ୍ମୃତି ସଭା, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ୍ ଅଡିଟୋରିୟମ୍, ୟୁନିଟ୍- ୯, ସମୟ: ସନ୍ଧ୍ୟା ୬ଟା ।
- ଜନକଲ୍ୟାଣ କ୍ଲବର ୫୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: କ୍ଲବ ପରିସର, ରୋଡ ନଂ.-୨, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା ୩୦ ।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।
- ନାଟକ 'ଗୋବର୍ଦ୍ଧନ ଉର୍ଫ ଗୋବରା କାଙ୍ଗି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦ ।

କଟକ

- ମିଳିତ ଜନ ଶୁଣାଣି ଶିବିର, ସ୍ଥାନ: ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ସେବା ସମିତି ପକ୍ଷରୁ ରମ୍ଭାଦେବୀ ଦ୍ୱିତୀୟାଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୫ଟା ।

ପୁରୀ

- ପୁରୀ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନିମାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।

ଖୋର୍ଦ୍ଧା

- 'ସଂକେତ: ମୋ ଭାଷା ପ୍ରୋଜେକ୍ଟ' ଉଦ୍‌ଘାଟନ, ସ୍ଥାନ: ଅଲି ୟାଭର ଜଙ୍ଗ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ ହିଅରିଂ ଡିଜାବିଲିଟିଜ୍, ରିଜିଓନାଲ ସେଣ୍ଟର, ଯାଆଁଳ, ସମୟ: ପୂର୍ବାହ୍ନ ୧୧ଟା ।

ବାଲେଶ୍ୱର

- ବିଧାୟକ ମାନସ କୁମାର ଦତ୍ତଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଖବରଦାତା ସମ୍ମିଳନୀ,ସ୍ଥାନ: ପାର୍ଟି ଅଫିସ,ଜେଲ୍ ରୋଡ୍,ସମୟ:ସକାଳ ୯ଟା । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭାରମ୍ଭ,ସ୍ଥାନ:ସିଦ୍ଧିଆ ପଞ୍ଚାୟତ ଅଫିସ,ସମୟ:ସକାଳ ୯ଟା୪୫ । ଜଳ ନିଷ୍କାସନ ଓ ଚାଷୀମାନଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଗୋପୀନାଥପୁର, ଟିଆଖିଆ, ସମୟ: ପୂର୍ବାହ୍ନ ୧୦ଟା୩୫ ।
- ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା,ସ୍ଥାନ: ସଂକୁନ୍ତଳା ବାଳିକା ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା ୩୦ ।
- ଜିଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ:ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା, ଲୋକକଳା ଓ ସରକାରୀ ଯୋଜନା ବିଷୟବସ୍ତୁ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ,ସମୟ:ସନ୍ଧ୍ୟା ୭ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଶୁଣାଣି ଶିବିର,ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା ।
- ସିଟିଜେନ୍ସ ହ୍ୟୁମାନ ରାଇଟସ୍ କ୍ଲିନିକ୍,ଓଡ଼ିଶା ପକ୍ଷରୁ ବୃଦ୍ଧାଶ୍ରମ ପାଇଁ ଭୂମିପୂଜନ ଉତ୍ସବ, ସ୍ଥାନ: ଶ୍ରୀକୋଣା, ଚାନ୍ଦିପୁର, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା ୩୦ ।
- ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଖଇରା ସରକାରୀ ଉଚ୍ଚ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୧ଟା ।

ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ବିକାଶ ମେଳାର ଉଦ୍‌ଯାପନୀ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।

କେନ୍ଦୁଝର

- ସତ୍ୟସାଇ ସମିତି ତରଫରୁ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ମରେଗାଁ, ହାଟଡିହୀ, ସମୟ : ପୂର୍ବାହ୍ନ ୧୦ ଟା ।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା ।
- କୁମାର ପୂର୍ଣ୍ଣିମା ଉପଲକ୍ଷେ ଯୁବତୀଙ୍କ କୁଆଁର ପୁନେଇ ଗୀତ ପରିବେଷଣ, ପୂଜା, ସ୍ଥାନ: ଶାଳନିଆଁ, କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ରୁ ରାତି ୧୧ ଟା ।
- ଭାଗବତ ରୁଚିରେ ଆଧ୍ୟାତ୍ମିକ ଆଲୋଚନା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ନାହା, ହାଟଡିହୀ, ସନ୍ଧ୍ୟା ୭ ଟା ।

ମୟୂରଭଞ୍ଜ

- ଖୁଦୁରୁକୁଣୀ ଭସାଣି, ସ୍ଥାନ: ମାର୍କେଟ ସାହି, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସକାଳ ୮ଟା ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଉଦଳା,ସମୟ: ପୂର୍ବାହ୍ନ ୧୦ଟା ।
- ଅନ୍ନଭୋଗ ବିକ୍ରି, ସ୍ଥାନ:ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୨ଟା ।
- ବିକାଶ ମେଳାରେ କଣ୍ଢଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କ କାର୍ଯ୍ୟକ୍ରମ,ସ୍ଥାନ: ଛଉ ପଡ଼ିଆ ବିକାଶ ମେଳା ମଞ୍ଚ, ବାରିପଦା,ସମୟ: ସନ୍ଧ୍ୟା ୬ଟା ।

ଗଞ୍ଜାମ

- ସ୍ୱଚ୍ଛତା ସଚେତନତା ସାଇକେଲ ରାଲି, ସ୍ଥାନ: ଆସିକା ଏନଏସି କାର୍ଯ୍ୟାଳୟଠାରୁ ଆରମ୍ଭ, ସମୟ: ସକାଳ ୮ଟା ।
- ମେଗା ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ,ସ୍ଥାନ:ଗୋଳଛରା ଇଶାନେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ:ପୂର୍ବାହ୍ନ୧୦ଟା ।

କନ୍ଧମାଳ

- କନ୍ଧମାଳ ଏମ୍‌ପିଙ୍କ ଦାରିଙ୍ଗବାଡି ଗସ୍ତ ଓ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ।

ଢେଙ୍କାନାଳ

- ଢେଙ୍କାନାଳ ମିଳିତ ବଜାର ପୂଜା କମିଟିର ଜରୁରୀକାଳୀନ ବୈଠକ, ସ୍ଥାନ-ଗୋପବନ୍ଧୁ ଟାଉନ ହଲ, ସମୟ-ପୂର୍ବାହ୍ନ ୧୦ଟା
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ-ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ସାଢେ ୧୦ଟା ।

ଜଗତ୍‌ସିଂହପୁର

- ଜନସଂଖ୍ୟା ବୃଦ୍ଧି ସମ୍ପର୍କରେ ସ୍ୱେଚ୍ଛାସେବୀ ସଂଗଠନ ସୂର୍ଯ୍ୟମୁଖୀ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଶ୍ରୀମା ଅରବିନ୍ଦ ସ୍କୁଲ, ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା ।
- କେନ୍ଦ୍ର ସରକାରଙ୍କ ଶ୍ରମ ଆଇନକୁ ବିରୋଧ କରି ଅଏଲ ରିଫାଇନାରୀ ଶ୍ରମିକସଂଘ ପକ୍ଷରୁ କଳା ଦିବସ ପାଳନ, ସ୍ଥାନ: ଏଡିଏମ୍ ଅଫିସ ସମ୍ମୁଖ, ମଧୁବନ ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ।
- ଶିଶୁ ମହୋତ୍ସବ, ସ୍ଥାନ: ଚାଉଳିଆ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଆମ୍ବିକ ପଞ୍ଚାୟତ, ଏରସମା ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା ।

କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଙ୍ଗାମୁଣ୍ଡାଇ ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ବିକାଶ ମେଳା ଓ ସାଂସ୍କୃତିକ ମହୋତ୍ସବ, କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା ।

ଯାଜପୁର

- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ୍ ଅଧୀନ ମହାକାଳପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ମିଳିତ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ : ଦଶରଥପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର,ସମୟ : ପୂର୍ବାହ୍ନ ୧୦ଟା ।

ନବରଙ୍ଗପୁର

- କଣ୍ଟାଗାଁ ନାବାଳିକାଙ୍କୁ ହତ୍ୟା ଘଟଣାରେ ଦୋଷୀ ଚିହ୍ନଟ, କ୍ଷତିପୂରଣ ଦାବିରେ ବନ୍ଦ ପାଳନ, ସ୍ଥାନ : ତେନ୍ତୁଳିଖୁଣ୍ଟି ବ୍ଲକ, ସମୟ: ସକାଳ ୮ ଟା ।
- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରାଇଘର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।

କୋରାପୁଟ

- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ନାରାୟଣପାଟଣା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- ବନ୍ଧୁଗାଁ ତହସିଲର ଆୟବ୍ୟୟ ଉପରେ ସମୀକ୍ଷା ବୈଠକ, ସ୍ଥାନ: ବନ୍ଧୁଗାଁ ତହସିଲ, ସମୟ : ପୂର୍ବାହ୍ନ ୧୧ ଟା ।
- କୋରାପୁଟରେ ବିକାଶ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ : ଅପରାହ୍ନ ୫ ଟା ।

ସମ୍ବଲପୁର

- ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ବିକାଶ ମେଳା ତୃତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦଳିଆ ପଡିଆ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଜିଲା ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଆଇଆଇଏମ୍ ସମ୍ବଲପୁରର ପ୍ରତିଷ୍ଠା ଦିବସ, ସ୍ଥାନ : କୋଣାର୍କ ପ୍ରେକ୍ଷାଳୟ, ସମୟ : ମଧ୍ୟାହ୍ନ ୧୨ଟା ।

ବଲାଙ୍ଗୀର

- ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍ସ
- ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ।
- ବିକାଶ ମେଳା ତୃତୀୟ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପଥରଚେପା ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା ।

ସୁବର୍ଣ୍ଣପୁର

- ସ୍ୱତନ୍ତ୍ର ପୂଜାଚ୍ଛନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।
- ଭାଗବତ ପଠନ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ:ସନ୍ଧ୍ୟା ୭ଟା ।

ବରଗଡ଼

- ଯୁଗ୍ମ ଜନଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ଅତାବିରା ବ୍ଲକ ସମ୍ମିଳନୀ କକ୍ଷ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା ।

ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ବାଗଡ଼ିହି ଗ୍ରାମ, ମହାକାଳ ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା ।
- ଆଗାମୀ ଦୁର୍ଗାପୂଜା ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ଶିବଶକ୍ତି ପୂଜା କମିଟି ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱକର୍ମା ପୂଜା ଶେଷ ଆଳତି, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ସତ୍ନାନାମୀ ପଡ଼ା, ସମୟ: ପୂର୍ବାହ୍ନ ୧୧ଟା ।
- କୁଇତା ସମାଜର ନୂଆଁଖାଇ ଭେଟଘାଟ, ସ୍ଥାନ: ସହରସ୍ଥିତ ପାହାଡି ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ।

ରାଉରକେଲା

- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ନୂଆଁଖାଇ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା ୩୦ ।
- ଗାୟତ୍ରୀ ଶକ୍ତିପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨, ଗାୟତ୍ରୀ ଶକ୍ତିପୀଠ, ସମୟ: ସକାଳ ୬ଟା ୩୦ ।

ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ, ଡିମିରିକୁଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ଉଚ୍ଚ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଅପୂର୍ବ ଉଚ୍ଚ ବିଦ୍ୟାଳୟ, ସୁଗୁଡା, ଜଗନ୍ନାଥ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ପ୍ରଭାସୁଣି, ପରପୋଷି ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଢୋଲପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

କଳାହାଣ୍ଡି

- କଳାହାଣ୍ଡି ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋକସରା, ସମୟ: ପୂର୍ବାହ୍ନ ୧୦ଟା ।
- ୨୬ ତମ କାରୁଣ୍ଡ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା ।

ନୂଆପଡ଼ା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ବିକାଶ ମେଳା ତୃତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡା, ସମୟ: ଅପରାହ୍ନ ୫ ଟା ।
- ବିକାଶ ମେଳା ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା ।

ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଖଲିଆପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ ।

ପୂର୍ବତଟ ରେଳପଥର ସ୍ୱଚ୍ଛତା ହିଁ ସେବା ଅଭିଯାନ

୫୦ କିମିର ସାଇକ୍ଲୋଥନ୍ ଆୟୋଜିତ

ଭୁବନେଶ୍ୱର,୨୨।୯
(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ଆରମ୍ଭ ହୋଇଥିବା 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ରବିବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଭାତ ଫେରି ସହିତ ୫୦ କିଲୋମିଟର ସାଇକ୍ଲୋଥନ ସହ ଚାରା ରୋପଣ ଆଦି କରାଯାଇଥିଲା । ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯୋଗଦେଇ ସାଇକ୍ଲୋଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅଂଶଗ୍ରହଣକାରୀମାନେ ସ୍ୱଚ୍ଛ ଭାରତ ମିଶନର ବାର୍ତ୍ତାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥିଲେ । ଏହା ସହିତ ରେଳ ସଦନଠାରୁ ବାହାରିଥିବା ପ୍ରଭାତ ଫେରିରେ କର୍ମଚାରୀ, ଅଧିକାରୀ ଓ ସେମାନଙ୍କର ପରିବାର ବର୍ଗ ଯୋଗଦେଇଥିଲେ । ଶୋଭାଯାତ୍ରାରେ ସ୍ଲୋଗାନ ଦେଇ ବ୍ୟାନର, ପୋଷ୍ଟର ଏବଂ ପ୍ଲାକାର୍ଡ ପ୍ରଦର୍ଶନ ସହିତ ପଦଯାତ୍ରା କରୁଥିବା ଦେଖିବାକୁ ମିଳିଥିଲା । ଏହି ଶୋଭାଯାତ୍ରା ରେଳ କଲୋନୀ ମାର୍ଗଦେଇ ରେଳ ଷ୍ଟାଡିୟମରେ ଶେଷ ହୋଇଥିଲା । ଚାରାରୋପଣ

କାର୍ଯ୍ୟକ୍ରମରେ ସବୁ ବିଭାଗର ପ୍ରମୁଖ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ସମସ୍ତେ ଏକତ୍ର ହୋଇ ସବୁଜ ଏବଂ ସ୍ୱାସ୍ଥ୍ୟକର ପରିବେଶ ନିର୍ମାଣ ପାଇଁ ଚାରା ରୋପଣ କରିଥିଲେ । ଅନ୍ୟପଟେ ରେଳ ଷ୍ଟାଡିୟମରେ ଆୟୋଜିତ ଏକ ଇକୋ ୱାକ୍ ଏବଂ ଏକ ରିଲେ ରେସ ଆୟୋଜନ କରାଯାଇଥିଲା । ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଅଧିକାରୀଙ୍କ ମଧ୍ୟରେ ଫିଟନେସ୍ ରକ୍ଷା ପାଇଁ ପ୍ରୋତ୍ସାହିତ କରାଯାଇଥିଲା ।

ଦଳିତଙ୍କୁ ନିର୍ଯାତନା...

ପ୍ରଥମ ପୃଷ୍ଠାରୁ...

ଏଥିରେ ଦର୍ଶାଯାଇଛି । ଏସ୍‌ସି/ଏସ୍‌ଟି ପ୍ରୋଟେକ୍ସନ ସେଲ୍ ଆନ୍ଧ୍ର, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ନାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମେଘାଳୟ, ମିଜୋରାମ, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ସିକିମ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ୟୁପି, ପଶ୍ଚିମବଙ୍ଗ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଚଣ୍ଡିଗଡ଼, ଦିଲ୍ଲୀ, ଜମ୍ମୁ-କଶ୍ମୀର, ଲଦାଖ ଓ ପଣ୍ଡିଚେରୀରେ ପ୍ରତିଷ୍ଠା କରାଯାଇଥିବା ଏଥିରେ କୁହାଯାଇଛି ।

ଅନୁରା ଦିଶାନାୟକେ ...

ସମାଗ୍ରି ଜନ ବଲଓ୍ୱେଗା (ଏସ୍‌ଜେବି)ର ରାଷ୍ଟ୍ରପତି ପ୍ରାର୍ଥୀ ସାଜିଥି ପ୍ରେମାଦାସାଙ୍କୁ

ସଫଳତା ଛୁଇଁବାରେ ପ୍ରତିବନ୍ଧକ ସାଜେନି ଶବ୍ଦ

ଆଜି ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ

ଭୁବନେଶ୍ୱର, ୨୨।୯ (ବନ୍ଦନା ସେଠୀ)

ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନର ମୁଖ୍ୟ ମାଧ୍ୟମ ହେଉଛି ଭାଷା। ଆମେ କହୁଥିବା ପ୍ରତିଟି ଶବ୍ଦକୁ ନେଇ ତିଆରି ହୁଏ ଭାଷା। ତେବେ ଭାଷା ବା ଶବ୍ଦ କେବେ ମନର ଭାବ ପ୍ରକାଶ କରିବାରେ ପ୍ରତିବନ୍ଧକ ସାଜେନାହିଁ। କାରଣ ଯେଉଁମାନେ ଶୁଣି ପାରନ୍ତି ନାହିଁକି କଥା କହି ପାରନ୍ତି ନାହିଁ, ସେମାନେ ମଧ୍ୟ ନିଜ ମନର ଭାବକୁ ପରିପ୍ରକାଶ କରନ୍ତି। ଆଉ ଭାବନା ପରିପ୍ରକାଶର ଏହି ମାଧ୍ୟମକୁ ସାଇନ୍ ଲାଙ୍ଗୁଏଜ୍ ବା ସାଙ୍କେତିକ ଭାଷା କୁହାଯାଏ। ସାଧାରଣତଃ କଥା କହିପାରୁ ନ ଥିବା ଲୋକଙ୍କୁ ସମାଜରେ ସହାନୁଭୂତି ବା ଦୟା ଦୃଷ୍ଟିରେ ଦେଖାଯାଏ। ମାତ୍ର ଶବ୍ଦ କେବେବି ସଫଳତା ହାସଲ କରିବାରେ ପ୍ରତିବନ୍ଧ ସାଜେନି, ଯାହାକୁ ପ୍ରମାଣିତ କରିଦେଖାଇଛନ୍ତି ଲୋମା, ଅନୁଷାଙ୍କ ପରି ଅନେକେ। ୨୦୧୮ ସେପ୍ଟେମ୍ବର ୨୩ରୁ ପ୍ରତିବର୍ଷ ପାଳିତ ହୋଇ ଆସୁଥିବା ସାଙ୍କେତିକ ଦିବସ ଅବସରରେ ସେମାନଙ୍କ ସଫଳତା କାହାଣୀ।

ଅନୁଷା ଆଚାର୍ଯ୍ୟ

ଲୋମା ସ୍ୱାଇଁ

ଜଗତ୍‌ସିଂହପୁର ଜିଲା ଭୂତପୁଣ୍ଡାଇ ଗ୍ରାମର ଲୋମା ସ୍ୱାଇଁ। ଜନ୍ମରୁ କଥା କହି ପାରନ୍ତି ନାହିଁ କି ଶୁଣି ପାରନ୍ତି ନାହିଁ। ନିଜ ମନର ଭାବ ପ୍ରକାଶ କରିବାକୁ ସେ ସାଇନ୍ ଲାଙ୍ଗୁଏଜ୍ ବା ସାଙ୍କେତିକ ଭାଷାର ସାହାଯ୍ୟ ନିଅନ୍ତି। ମାତ୍ର ଜୀବନର ଚଲାପଥରେ ଆଗକୁ ବଢିବାରେ ଭାଷା କେବେ ବି ତାଙ୍କର ବାଧକ ହୋଇପାରି ନାହିଁ। ପରିଶ୍ରମ ଓ ଅଧ୍ୟବସାୟ ଫଳରେ ନିଜକୁ ଜଣେ ସଫଳ କ୍ରୀଡ଼ାବିତ୍ ଭାବେ ପ୍ରମାଣିତ କରିପାରିଛନ୍ତି। ମାଆ ଜ୍ୟୋତିମୟୀ ଓ ବାପା ସଞ୍ଜୟଙ୍କ ସାନଝିଅ ଲୋମା ୨୦୦୦ ମସିହାରେ ଜନ୍ମ ହୋଇଥିଲେ। ବୟସ ବଢ଼ିଥିଲେ ମଧ୍ୟ ଲୋମା କଥା କହିପାରି ନ ଥିଲେ। ଏହାକୁ ନେଇ ମା', ବାପାଙ୍କ ଭିତରେ ଦୁଃଖର କଳାବାଦଲ ଘନେଇ ଆସିଥିଲା। ବନ୍ଧୁ ପରିଜନ, ସାହି ପଡ଼ିଶାଙ୍କ ଟାହି ଟାପରା ଏହି ଦୁଃଖକୁ ବଢାଇ ଦେଇଥିଲା। ମାତ୍ର ସେ ସବୁକୁ ନ ଶୁଣି ସେମାନେ ଝିଅକୁ ଆଗକୁ ବଢିବାକୁ ପ୍ରେରଣା ଦେଇଥିଲେ। ଇତିମଧ୍ୟରେ ଲୋମା ଭୁବନେଶ୍ୱରସ୍ଥିତ ସତ୍ୟଭାମା ଦେବୀ ମୂକବଧିର ମହାବିଦ୍ୟାଳୟରେ ଯୁକ୍ତ୩ ଶେଷ କରିଛନ୍ତି। ସେହିପରି ୭ବର୍ଷ ବୟସରୁ ଜୁଡ଼ୋ ଓ କରାଟେ ଶିକ୍ଷା ଆରମ୍ଭ କରିଥିବାବେଳେ ଏବେ ସେ କରାଟେରେ ବ୍ଲାକ୍ ବେଲ୍ଟ ପାଇବା ସହ ପ୍ରଥମେ ରାଜ୍ୟ ଓ ପରେ ୩ଥର ଜାତୀୟସ୍ତରୀୟ ପ୍ରତିଯୋଗିତାରେ ନିଜ କମାଲ୍ ଦେଖାଇ ଚାଲିଛନ୍ତି। ସାଉଥ ଏସିଆ କରାଟେ ପ୍ରତିଯୋଗିତାରେ ପୂର୍ବରୁ ରୌପ୍ୟ ପଦକ ପାଇଥିବାବେଳେ ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହାବାଦ୍ ସେ ଓପନ କରାଟେ ଏବଂ ଜୁଡୋରେ ମଧ୍ୟ ଏକାଧିକ ପୁରସ୍କାର ଜିତିଛନ୍ତି। ଜୁଡୋ କରାଟେ ଖେଳିବା ସହିତ ସେ ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜୁନିଅର କ୍ଲର୍କ ଭାବେ କାର୍ଯ୍ୟରତ ଅଛନ୍ତି। ଝିଅର ଏହି ସଫଳତାକୁ ନେଇ ଆମେ ଗର୍ବିତ ମନେ କରୁଥିବା ସଞ୍ଜୟ କହିଛନ୍ତି। ପିଲାଟିବେଳୁ ଝିଅ ପାଇଁ ମା' ଜ୍ୟୋତିମୟୀ ବେଶି ପରିଶ୍ରମ କରିଥିଲେ। ତେବେ ଝିଅର ସାଙ୍କେତିକ ଭାଷାକୁ ଆମେ ବୁଝିବାରେ ବେଳେବେଳେ ସମସ୍ୟା ହୁଏ। ମାତ୍ର ସେ ଆମର, ଆଉ ଆମେ ତା' ମନକଥାକୁ ମନର ଭାଷାରେ ବେଶ ବୁଝିଯାଉ ବୋଲି ବାପା ସଞ୍ଜୟ କହିଛନ୍ତି।

ସେହିପରି ଭୁବନେଶ୍ୱର ଉପକଣ୍ଠ ଅଟଳାର ପ୍ରଭାତ ରଞ୍ଜନ ଆଚାର୍ଯ୍ୟ ଓ ସ୍ନେହଲତା ମିଶ୍ରଙ୍କ ସାନଝିଅ ହେଉଛନ୍ତି ଅନୁଷା। ବୟସ ୨୪ବର୍ଷ। ହେଲେ ସେ ଜନ୍ମରୁ କଥା କହିପାରୁନାହାନ୍ତି କି ଶୁଣି ପାରୁନାହାନ୍ତି। ଝିଅର ଭବିଷ୍ୟତକୁ ନେଇ ଚିନ୍ତିତ ମା'ବାପା ପ୍ରଥମେ ତାଙ୍କୁ ସ୍ପିଚ୍ ଥେରାପି ଦେବା ଆରମ୍ଭ କରିଥିଲେ। ଧୀରେଧୀରେ ଅନୁଷା କିଛି ଶବ୍ଦ ଉଚ୍ଚାରଣ କରିବା ଆରମ୍ଭ କରିଥିଲେ। ମାତ୍ର ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଏକ ଗୋଡ଼ି ପଶି ଯାଇଥିଲା। ଅସ୍ତ୍ରୋପଚାର ପରେ ତାହା ବାହାରିଲା ମଧ୍ୟ ସେବେଠାରୁ ତାଙ୍କୁ ଫିଟ୍‌ସ ମାରିବା ଆରମ୍ଭ କରିଥିଲା। ତେଣୁ ସେ ଆଉ ସ୍ପିଚ୍ ଥେରାପି ନେଇ ପାରିଲେ ନାହିଁ। ତେବେ ମା' ବାପାଙ୍କ ସହଯୋଗ ଓ ନିଜର ଅଧ୍ୟବସାୟ ବଳରେ ସେ ପାଠ ପଢାରେ ମନ ଲଗାଇଥିଲେ। ଏଥିସହ ସେ ୨୦୨୦ରେ ଭୁବନେଶ୍ୱରରେ ଆୟୋଜିତ ଏକ ପ୍ରତିଯୋଗିତାରେ ମିସ୍ ଓଡ଼ିଶାର ଟାଇଟଲ୍ ହାସଲ କଲେ। ପାଠ ସହିତ ସେ ଜାତୀୟସ୍ତରୀୟ ମୂକବଧିର ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ମଧ୍ୟ ସଫଳତା ହାସଲ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ସେ ବେଷ୍ଟ ସ୍ପୋର୍ଟ୍ସ ଅଫ୍ ଦି ଇୟର ଆୱାର୍ଡ ପାଇଛନ୍ତି। ଯୁକ୍ତ୩ ପାସ୍ କରିବା ପରେ ବେଙ୍ଗାଲୁରୁରେ ବର୍ଷିଜିଆ ବିୟୁଟି କୋର୍ସ କରିବା ପରେ ଏବେ ସେ ବିୟୁଟି ପାର୍ଲର କରି ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ଅନ୍ୟମାନଙ୍କୁ ରୋଜଗାର ଦେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

ଘଣ୍ଟାଏ ଅନ୍ଧାରରେ ଛଟପଟ ରୋଗୀ

ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା

ଘସିପୁରା, ୨୨।୯ (ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ସମୟରେ ଅବ୍ୟବସ୍ଥାକୁ ନେଇ ଚର୍ଚ୍ଚା ଜୋର ଧରୁଛି। କେତେବେଳେ ଛାତରୁ କଂକ୍ରିଟ୍ ଖସିବାକୁ ନେଇ ତ କେତେବେଳେ ଡାକ୍ତରଖାନା ୱାର୍ଡ଼ରେ ସାପ ପଶୁଛି। ଶନିବାର ରାତିରେ ବିଦ୍ୟୁତ କାଟ୍ ପରେ ଡିଜି ନ ଚାଲିବାରୁ ରୋଗୀ ଏକ ଘଣ୍ଟା ଅନ୍ଧାର, ଗରମରେ ଛଟପଟ ହୋଇଥିବା ଅଭିଯୋଗ ହୋଇଛି। ଡିଜିରେ ତେଲ ନ ଥିବାରୁ ଏଭଳି ସମସ୍ୟା ଉପୁଜିଥିବା କୁହାଯାଉଛି।

ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ବିଜୁଳି ଘଡଘଡି ଓ ବର୍ଷା କାରଣରୁ ଅଞ୍ଚଳରେ ବିଦ୍ୟୁତ କାଟ ହୋଇଥିଲା। ଡାକ୍ତରଖାନାରେ ଥିବା ଡିଜି ନ ଚାଲିବାରୁ ପରିସର ଅନ୍ଧାରରେ ରହିଥିଲା। ରାତି ପ୍ରାୟ ୨ଟାଠାରୁ ୩ ଟା ପର୍ଯ୍ୟନ୍ତ ଏକ ଘଣ୍ଟା ଧରି ରୋଗୀ ଅନ୍ଧାରରେ ରହିଥିଲେ। ଏଭଳି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଡାକ୍ତରଖାନା କର୍ତ୍ତୃପକ୍ଷ ଘଟଣାକୁ ହାଲୁକା ଭାବେ ଗ୍ରହଣ କରିବା ଚର୍ଚ୍ଚାକୁ ଆସିଛି। ଘଟଣା ସମ୍ପର୍କରେ ଉପଖଣ୍ଡ ଡାକ୍ତରଖାନା ପରିଚାଳକ ଅବିନାଶ ଧଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେ ପ୍ରତିକ୍ରିୟା ରଖି କହିଥିଲେ, ଡିଜିରେ କେତେ ତେଲ ଅଛି, ତେଲ ପଡିବକି ନାହିଁ ଲଗ୍ ବୁକ୍ ଦ୍ୱାରା ପରିଚାଳନା କରାଯାଇଥାଏ। ଏହି ଲଗ୍ ବୁକ୍ ଦାୟିତ୍ୱରେ ଥିବା ବ୍ୟକ୍ତି ଠିକ୍ ସମୟରେ ତଥ୍ୟ ଯୋଗାଇ ନ ଥିବାରୁ ଡିଜିରେ କେତେ ତେଲ ଥିଲା ସ୍ପଷ୍ଟ ଜାଣି ହୋଇ ନ ଥିଲା। ଏଣୁ ସମସ୍ୟା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ତେଲ ପକାଯାଇ ଡିଜିକୁ ସ୍ୱାଭାବିକ କରାଯାଇଥିବା ଡାକ୍ତରରଖାନା ପରିଚାଳକ ପ୍ରକାଶ କରିଛନ୍ତି।

ଶ୍ୱାସ ନଳୀରେ ଖାଦ୍ୟ ଲାଗି ଶିଶୁ ମୃତ

ପାଟଣା, ୨୨।୯ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଖଡ଼ିକା ପଦା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ୨ ବର୍ଷର ଶିଶୁକନ୍ୟାଙ୍କ ଶ୍ୱାସ ନଳୀରେ ଖାଦ୍ୟ ଲାଗିଯିବାରୁ ଦୁଃଖଦ ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ଜଣକ ଉକ୍ତ ଗ୍ରାମର ଶିବ ମୁଣ୍ଡାଙ୍କ ଝିଅ ଲିସା।

ସୂଚନା ଅନୁଯାୟୀ, ଲିସାଙ୍କୁ ଶନିବାର ରାତି ୩ଟାରେ ତାଙ୍କ ମା' ଭାତ, ଡାଲି ଖୁଆଉଥିଲେ। ଏହି ସମୟରେ ଖାଦ୍ୟ ଶ୍ୱାସ ନଳୀରେ ପଶି ଯାଇଥିଲା। ପରେ ତାଙ୍କୁ ପ୍ରବଳ ଝାଡ଼ା, ବାନ୍ତି ହୋଇଥିଲା। ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପାଟଣା ଥାନାରେ ଏକ ମାମଲା(ନଂ.୬୩/୨୪)ରୁକୁ ହୋଇଥିବା ଏଏସ୍‌ଆଇ ଏନ୍. ଲୁଗୁନ କହିଛନ୍ତି। ଶ୍ୱାସ ନଳୀରେ ଖାଦ୍ୟ ଲାଗି ଯାଇଥିବାରୁ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ କରିଥିବା ଡା. ନିରଞ୍ଜନ ସାହୁ କହିଛନ୍ତି।

ଅଙ୍ଗନୱାଡି କେନ୍ଦ୍ରରେ କଙ୍ଗାରୁ କୋର୍ଟ ଘଟଣା

ଜେଲ ଗଲେ ୩ ମହିଳା

ବାଲେଶ୍ୱର, ୨୨।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ବାଲିଆପାଳ ବ୍ଲକ ଅନ୍ତର୍ଗତ ମହାପଦା ଅଙ୍ଗନୱାଡି କେନ୍ଦ୍ରରେ ପଶି କଙ୍ଗାରୁ କୋର୍ଟ କରି କର୍ମୀ ଉର୍ମିଳା ସାମଲଙ୍କୁ ଗଛରେ ବାନ୍ଧି ନିଯୁକ୍ତ ମାଡ଼ ମାରିବା ଘଟଣା ଆଲୋଡନ ସୃଷ୍ଟି କରିଛି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଙ୍ଗନୱାଡି କର୍ମୀଙ୍କ ସହ କଥା ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସୁରକ୍ଷାର ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ତମ ଚିକିତ୍ସା ନିମନ୍ତେ ସିଡିଏମ୍‌ଓଙ୍କୁ ପରାମର୍ଶ ଦେଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଉପ ମୁଖ୍ୟମନ୍ତ୍ରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ସିଂଲା ଥାନା ପୋଲିସ ରବିବାର ଭୋର୍ ସମୟରେ ଚଢ଼ାଉ କରି ମହାପଦା ଗ୍ରାମର ୩ ମହିଳାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି।

ଆହତ ଅଙ୍ଗନୱାଡି କର୍ମୀ ଓ ଉପ ମୁଖ୍ୟମନ୍ତ୍ରୀ।

ପ୍ରକାଶ ଯେ, ଗତ ୧୯ ତାରିଖରେ କର୍ମୀ ଉର୍ମିଳା ସାମଲ ଅଙ୍ଗନୱାଡି କେନ୍ଦ୍ର ପରିଚାଳନା କରୁଥିବାବେଳେ ୧୫ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ କେନ୍ଦ୍ରରେ ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କୁ ଏକ ଗଛରେ ବାନ୍ଧି ନିଯୁକ୍ତ ମାଡ଼ ମାରିଥିଲେ। ଉର୍ମିଳା ଚିତ୍କାର କରୁଥିବାବେଳେ ଏହାର ଭିଡିଓ ରେକର୍ଡିଂ କରି ମଜା ନେଉଥିଲେ। ଖବର ପାଇ ବାଲିଆପାଳ ସିଡିପିଓ ପାର୍ବତୀ ମୁର୍ମୁ ଓ କେତେଜଣ ଅଙ୍ଗନୱାଡି କର୍ମୀ ମହାପଦା ଗାଁରେ ପହଞ୍ଚି ଉର୍ମିଳାଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ତାଙ୍କୁ ବସ୍ତା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅଭିଯୋଗ ମୁତାବକ ସିଂଲା ପୋଲିସ ମାମଲା (ନଂ.୧୬୩/୨୪) ରୁକୁ କରି ତଦନ୍ତ ଆରମ୍ଭ କରିଥିଲା।

ସୁଭଦ୍ରା ଯୋଜନାରେ କାମ ନ କରିବା ଲାଗି ତଥା ଯୋଜନାକୁ ଗୁରୁତ୍ୱ ନ ଦେବା ପାଇଁ ଅଭିଯୁକ୍ତମାନେ ଉର୍ମିଳାଙ୍କୁ ଧମକ ଦେଇଥିଲେ। ମହିଳାମାନେ ଏକଜୁଟ୍ ହୋଇ ଉର୍ମିଳାଙ୍କୁ ଆକ୍ରମଣ କରିଥିଲେ। ସେତିକିରେ ମନ ବୁଝି ନ ଥିଲା ଯେ ପ୍ରଥମେ ସେମାନେ ଉର୍ମିଳାଙ୍କୁ ଗୋଟିଏ ଚୌକିରେ ବାନ୍ଧି ମାଡ଼ ମାରିଥିଲେ। ଏହାପରେ ଏକ ଗଛରେ ବାନ୍ଧି ନିଖୁଁମ୍ ମାଡ଼ ମାରିଥିଲେ। ଘଟଣା ଜାଣିବା ପରେ ସିଡିପିଓ ପାର୍ବତୀ ମୁର୍ମୁ ଓ ସଂଘର ନେତୃମଣ୍ଡଳୀ ପହଞ୍ଚିଥିଲେ। ତାଙ୍କୁ ମଧ୍ୟ ଘଣ୍ଟା ଘଣ୍ଟା ଅଟକ ରଖି ଗାଳିଗୁଳଜ କରାଯାଇଥିଲା। ଏମିତିକି ଉର୍ମିଳାଙ୍କୁ ଡାକ୍ତରଖାନା ନେବା ପାଇଁ ଆସିଥିବା ଆମ୍ବୁଲାନ୍ସକୁ ମଧ୍ୟ ଛାଡ଼ି ନ ଥିଲେ। ଏହି ଘଟଣାରେ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ସାଗରିକା ନାଥଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବିରେ ଦାବିପତ୍ର ପ୍ରଦାନ କରିଛି।

ମହିଳା ରୋଗୀଙ୍କୁ ଅସଦାଚରଣ, ଡାକ୍ତର ଗିରଫ

ଯୋଡ଼ା, ୨୨।୯ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ମୋହତା ହସ୍ପିଟାଲରେ ଜଣେ ମହିଳା ରୋଗୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଡା. ଆନ୍ନୋଲ ମୋହତା ବୋଲି ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ଯୋଡ଼ା ଅଞ୍ଚଳର ଜଣେ ମହିଳା ରୋଗୀ ଉକ୍ତ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ଡା. ଓମ ପ୍ରକାଶ ମୋହତାଙ୍କୁ ଦେଖାଇବା ପରେ ତାଙ୍କର ଅଲଟ୍ରାସାଉଣ୍ଡ କରିବା ପାଇଁ କହିଥିଲେ। ଡାକ୍ତରଙ୍କ ନିର୍ଦ୍ଦେଶ ମୁତାବକ ମହିଳା ରୋଗୀଙ୍କୁ ହସ୍ପିଟାଲର ମହିଳା କର୍ମଚାରୀ ଅଲଟ୍ରାସାଉଣ୍ଡ କକ୍ଷକୁ ନେଇଥିଲେ। ତେବେ ସେଠାରେ ମହିଳାଙ୍କୁ ଡାକ୍ତର ଅସଦାଚରଣ କରିଥିବା ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଯୋଡ଼ା ପୋଲିସ ଅଭିଯୁକ୍ତ ଡା. ଆନ୍ନୋଲ ମୋହତାଙ୍କୁ ଗିରଫ କରିଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା(ନଂ. ୨୬୪/୨୦୨୪)ରୁକୁ ହୋଇଛି। ଏ ସମ୍ପର୍କରେ ହସ୍ପିଟାଲର ମାଲିକ ଓମ୍ ପ୍ରକାଶ ମୋହତା କହିଛନ୍ତି, ଅଭିଯୋଗ ଭିତ୍ତିହୀନ, ପୋଲିସ କୌଣସି ତଦନ୍ତ ନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣା ପରେ ଅଞ୍ଚଳରେ ଏକ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା । ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ । – ଶ୍ରୀଅରବିନ୍ଦ

ପେଜର ବିସ୍ଫୋରଣରୁ ଶିକ୍ଷା

ଇସ୍ରାଏଲ–ହମାସ ଯୁଦ୍ଧ ଏବେ କଡ଼ ଲେଉଟାଇ ଇସ୍ରାଏଲ୍–ହେଜ୍‌ବୋଲ୍ଲା ଯୁଦ୍ଧର ରୂପ ନେଲାଣି । ଇସ୍ରାଏଲ ଅଭିନବ ବୁଦ୍ଧି ଖଟାଇ ଲେବାନନରେ କରିଥିବା ପେଜର, ୱାକିଟକି ଏବଂ ପରବର୍ତ୍ତୀ ସମୟରେ ଅନ୍ୟ ଯୋଗାଯୋଗ ଯନ୍ତ୍ରକୁ ବିସ୍ଫୋରଣ ଘଟାଇ ଅଧିକାଂଶ ଲଢୁଆ ହେଜ୍‌ବୋଲ୍ଲା ସଦସ୍ୟଙ୍କ ଚକ୍ଷୁ ନଷ୍ଟ କରିଦେଇ ଅନ୍ଧ କରିଦେବାର ଆଖିଦୃଶିଆ ସଫଳତା ଲାଭ କରିଛି । କୌତୂହଳର ବିଷୟ ହେଲା ଯେ, କ୍ଷୁଦ୍ର ବିସ୍ଫୋରଣ ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଉଗ୍ରବାଦୀ ହୋଇଥିବାରୁ ଇସ୍ରାଏଲର ଚତୁର ବୁଦ୍ଧିକୁ ପ୍ରଶଂସା କରିବା ବ୍ୟତୀତ ବିଶ୍ୱବ୍ୟାପୀ କେହି ସମାଲୋଚନା କରିପାରୁନାହାନ୍ତି । ଏହି ବହୁସଂଖ୍ୟକ ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ବୃଦ୍ଧି ହେବା ପରିବର୍ତ୍ତେ ଅଧିକ ଆହତ ବିଶେଷକରି ଅନ୍ଧ ହୋଇଯାଇଥିବା ଖବର ମିଳିଛି । ଏହି ବିସ୍ଫୋରଣରେ ମାତ୍ର ଦୁଇ ଜଣ ଶିଶୁ ସମେତ ୩୭ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଏହାର ପ୍ରତିଶୋଧ ନେବାକୁ ଯାଇ ହେଜ୍‌ବୋଲ୍ଲା ୨୨ ସେପ୍ଟେମ୍ବରରେ ୧୦୦ରୁ ଊର୍ଦ୍ଧ୍ୱ ରକେଟ ଇସ୍ରାଏଲ ଉପରେ ପକାଇ ଉତ୍ତେଜନାକୁ ବୃଦ୍ଧି କରିଦେଇଛି । ଏହାକୁ ପ୍ରତିରୋଧ କରିବାକୁ ଯାଇ ଇସ୍ରାଏଲ ମଧ୍ୟ ପାଲଟା ଆକ୍ରମଣ ଜାରି ରଖିଛି । କିନ୍ତୁ ଯେଉଁ ପ୍ରସଙ୍ଗଟି ବର୍ତ୍ତମାନ ଗମ୍ଭୀର ଅନ୍ତର୍ଜାତୀୟ ଆଲୋଚନାର ବିଷୟବସ୍ତୁ ପାଲଟିଛି ତାହା ହେଲେ ପେଜର ବିସ୍ଫୋରଣ ।

ସବୁ ଦେଶ ଇସ୍ରାଏଲକୁ ବିରୋଧ କରି ପ୍ରତିବାଦ ସଭା, ଧାରଣା ଏବଂ ନିନ୍ଦା କରୁଥିଲେ, କାରଣ ଦର୍ଶାଯାଉଥିଲା ଯେ ଇହୁଦୀ ଇସ୍ରାଏଲ ନିର୍ମମ ଭାବେ ମୁସଲମାନ ଗାଜାର ମହିଳା ଓ ଶିଶୁଙ୍କୁ ମାରି ପକାଉଛି । ଇସ୍ରାଏଲ ତରଫରୁ ଯୁଦ୍ଧ ଆରମ୍ଭରୁ କୁହାଯାଇଥିଲା ଯେ, ଆକ୍ରମଣ କେବଳ ହମାସ ବିରୋଧରେ ଉଦ୍ଦିଷ୍ଟ । ହମାସ ଏକ ଉଗ୍ରବାଦୀ ସଙ୍ଗଠନ ହୋଇଥିବାରୁ ତା' ସପକ୍ଷରେ ପ୍ରତିବାଦ ସଭା କରିବା କଷ୍ଟକର ହେଉଥିଲା । ତେଣୁ ଇସ୍ରାଏଲ ଦାବି କରୁଥିଲା ଯେ ଗାଜାର ମହିଳା ଓ ଶିଶୁଙ୍କୁ ଆଗରେ ରଖି ଯୁଦ୍ଧ ଲଢୁଥିବା ମୁସଲମାନ ହମାସ ଗୋଷ୍ଠୀ ନିଜର ନିରୀହ ନାଗରିକଙ୍କ ପ୍ରତି ବିପଦ ଟାଣିଆଣି ବିଶ୍ୱ ସମ୍ମୁଖରେ ସମବେଦନାର ପାତ୍ର ହେବାକୁ ଚେଷ୍ଟା କରୁଥିଲା । ଏବେ ହେଜ୍‌ବୋଲ୍ଲା ଉପରେ ଅଭିନବ ଶୈଳୀରେ ଯୁଦ୍ଧ କରି ଯେଉଁ ପରିସ୍ଥିତି ସୃଷ୍ଟି କରିଛି ସେଥିରେ କେହି ଇସ୍ରାଏଲକୁ ଦୋଷ ଦେଇପାରୁ ନାହାନ୍ତି ।

ଏଠାରେ ମନେରଖିବାକୁ ହେବ ଯେ ପେଜର, ୱାକି ଟକି ଏବଂ ଅନ୍ୟ ଯନ୍ତ୍ରପାତି ମାଧ୍ୟମରେ ବିସ୍ଫୋରଣ ଘଟାଇବାକୁ ହେଲେ କେଉଁ ବ୍ୟକ୍ତି ଆହତ ହେବା ଦରକାର ତାହା ବିସ୍ଫୋରଣ ଘଟାଇଥିବା ପକ୍ଷ ନିହାତି ଜାଣିବା ଆବଶ୍ୟକ । ତେବେ ମୃତ ଦୁଇ ଶିଶୁଙ୍କ ମଧ୍ୟରୁ ଯେଉଁ ଜଣେ ନିରୀହ ନାବାଳିକାର ମୃତ୍ୟୁ ସମ୍ପର୍କରେ ଖବର ପ୍ରକାଶ ପାଇଛି, ସେହି ଶିଶୁର ପିତା ହେଜ୍‌ବୋଲ୍ଲାର ବଡ଼ ପଦବୀର କମାଣ୍ଡର । ବାପା ପାଖରେ ଉପସ୍ଥିତ ଥିବା ପିଲାର ମୃତ୍ୟୁ ଘଟିଲା । ଏହି ଆଧୁନିକ ପଦ୍ଧତିର ଯୁଦ୍ଧରେ ପ୍ରତ୍ୟେକ ଶିକାରର ତଥ୍ୟ ବିରୋଧୀ ପକ୍ଷ ଜାଣିବା ଆବଶ୍ୟକ ହୋଇପଡୁଛି । ହେଜ୍‌ବୋଲ୍ଲା ଯୋଦ୍ଧାମାନଙ୍କର ବାୟୋମେଟ୍ରିକ୍ ବିଶେଷକରି ଆଖିର ଆଇରିସ୍ ସ୍କାନ ତଥ୍ୟ ସାହାଯ୍ୟରେ ସେମାନଙ୍କର ପେଜର ଏବଂ ଅନ୍ୟ ଯନ୍ତ୍ରପାତି କାର୍ଯ୍ୟକ୍ଷମ ହେଉଥିଲା । ସେଥିପାଇଁ ସେହି ଯୋଦ୍ଧାମାନେ ଆଖି ପାଖକୁ ପେଜରକୁ ନେଇ ଅନେଇଲା ବେଳେ ବିସ୍ଫୋରଣ ଘଟିଲା ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଜି ଦୃଷ୍ଟିହୀନ ହୋଇପଡ଼ିଛନ୍ତି । ଇସ୍ରାଏଲର ଏହି ଆକ୍ରମଣ ବିଶ୍ୱବ୍ୟାପୀ ସବୁ ଦେଶକୁ ଚେତେଇ ଦେଇଛି ଯେ ନିଜର ସୁରକ୍ଷା ବାହିନୀର ଲଢୁଆ ସଦସ୍ୟମାନଙ୍କର ବାୟୋମେଟ୍ରିକ୍ ତଥ୍ୟ କୌଣସି ଜାଗାରେ ଏକାଠି କରି ରଖିବା ଅତ୍ୟନ୍ତ ଅନୁଚିତ । ଏଭଳି ସ୍ଥିତିରେ ଭାରତରେ ସ୍ଥଳସେନା, ନୌସେନା ଓ ବାୟୁସେନା ସମେତ ଅନେକ କୋଟି ନାଗରିକଙ୍କର ବାୟୋମେଟ୍ରିକ୍ ତଥ୍ୟ 'ଆଧାର କାର୍ଡ' ମାଧ୍ୟମରେ ଗୋଟିଏ ଜାଗାରେ ସାଇତି ରଖାଯାଇଛି । ସେହି ବିପୁଳ ପରିମାଣର ତଥ୍ୟ ଭାରତ ପରିବର୍ତ୍ତେ ବିଦେଶୀ କମ୍ପାନୀ ସହ ବୁଝାମଣା କରାଯାଇ ଆମେରିକା ଓ ଚାଇନା ଭଳି ଦେଶରେ ଥିବା ସର୍ଭରଗୁଡ଼ିକରେ ରଖାଯାଇଛି ବୋଲି ଜଣାପଡ଼େ । ଏହାର ଅର୍ଥ ହେଉଛି ଇସ୍ରାଏଲ ଦର୍ଶାଇଥିବା ଆଧୁନିକ ଯୁଦ୍ଧ ପଦ୍ଧତିକୁ ବ୍ୟବହାର କରି କୌଣସି ଶକ୍ତିଶାଳୀ ଦେଶ ଯଦି ଭାରତ ଉପରେ ଆକ୍ରମଣ କରେ ତେବେ ଏକସଙ୍ଗେ ବିଭିନ୍ନ ଯୋଗାଯୋଗ ଉପକରଣ ଯଥା ମୋବାଇଲ ଫୋନ୍ ଭଳି ଯନ୍ତ୍ର ମାଧ୍ୟମରେ ଛୋଟକାଟିଆ ବିସ୍ଫୋରଣ ଘଟାଇ ସମଗ୍ର ଦେଶରେ ବିରାଟକାୟ କ୍ଷତି ଘଟାଇବା ସମ୍ଭବପର । ତେଣୁ ଭୟଭୀତ ହେବା ପରିବର୍ତ୍ତେ ଭାରତ ସରକାର ଅତିଶୀଘ୍ର ସଶସ୍ତ୍ର ବାହିନୀର ବାୟୋମେଟ୍ରିକ୍ ତଥ୍ୟକୁ ନଷ୍ଟ କରିବା ଉଚିତ । ନଚେତ୍ ଘରୋଇ ହ୍ୟାକରମାନେ ମଧ୍ୟ ଏହି ତଥ୍ୟକୁ ଚୋରି କରି ବିପଦ ସୃଷ୍ଟି କରିଦେଇପାରିବେ ।

ଇସ୍ରାଏଲ ଦର୍ଶାଇଥିବା ଆଧୁନିକ ଯୁଦ୍ଧ ପଦ୍ଧତିକୁ ବ୍ୟବହାର କରି କୌଣସି ଶକ୍ତିଶାଳୀ ଦେଶ ଯଦି ଭାରତ ଉପରେ ଆକ୍ରମଣ କରେ ତେବେ ଏକସଙ୍ଗେ ବିଭିନ୍ନ ଯୋଗାଯୋଗ ଉପକରଣ ଯଥା ମୋବାଇଲ ଫୋନ୍ ଭଳି ଯନ୍ତ୍ର ମାଧ୍ୟମରେ ଛୋଟକାଟିଆ ବିସ୍ଫୋରଣ ଘଟାଇ ସମଗ୍ର ଦେଶରେ ବିରାଟକାୟ କ୍ଷତି ଘଟାଇବା ସମ୍ଭବପର । ତେଣୁ ଭାରତ ସରକାର ଅତିଶୀଘ୍ର ସଶସ୍ତ୍ର ବାହିନୀର ବାୟୋମେଟ୍ରିକ୍ ତଥ୍ୟକୁ ନଷ୍ଟ କରିବା ଉଚିତ ।

su | do | ku

Puzzles by Srikant Ghosh

ସୁ–ଡୋ–କୁ

6			1		4		8	
3				9				6
		2	6					9
4				8				7
			4		6			2
	8			5				
					3		1	
		9	8	1				5
		8	5					

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

2	7	6	3	1	4	8	5	9
4	9	1	8	7	5	6	3	2
5	3	8	6	2	9	1	7	4
8	1	2	5	3	6	9	4	7
6	5	7	4	9	1	2	8	3
9	4	3	2	8	7	5	6	1
7	2	5	1	4	8	3	9	6
3	8	9	7	6	2	4	1	5
1	6	4	9	5	3	7	2	8

ଗତକାଲିର ଉତ୍ତର

ସ୍କୁଲ ମାଷ୍ଟରଙ୍କୁ ପତ୍ରଟିଏ

ଅକ୍ଷୟ କୁମାର ମିଶ୍ର

ସମ୍ମାନନୀୟ ଗୁରୁଜୀ,

ମୋର ନମସ୍କାର ନେବେ । ଅନେକ ଭାବିଚିନ୍ତି ପତ୍ରଟିଏ ଲେଖିଲି । ମନକୁ ଆସୁଥିବା କଥାଗୁଡ଼ିକ ଏକାଥରକେ ସଜାଡ଼ି କହିବା ସମ୍ଭବ ନୁହେଁ ବୋଲି ପତ୍ର ମାଧ୍ୟମରେ ଜଣାଇବାକୁ ଉଚିତ ମଣିଲି । ବିଶ୍ୱାସ କରିବେକି ନାହିଁ ଜାଣେ ନାହିଁ, ଏହି ପତ୍ରଟି ଲେଖିବାକୁ ମୋତେ ଏକ ସପ୍ତାହରୁ ଅଧିକ ସମୟ ଲାଗିଛି । ତଥାପି ହୁଏତ କିଛି ଭୁଲଭଟକା ରହି ଯାଇଥିବ, ସଂଶୋଧନ କରିନେବେ ।

ପ୍ରଥମେ ଜେଜେବାପାଙ୍କଠାରୁ ଶୁଣିଥିବା କଥାଟି କହୁଛି । ସେ କହୁଥିଲେ ତାଙ୍କ ସମୟରେ ଲୋକମାନେ ସ୍କୁଲ ମାଷ୍ଟରଙ୍କୁ ଗୁରୁଜୀ କିମ୍ବା ଅବଧାନେ ବୋଲି ଡାକୁଥିଲେ । ବହୁତ ସମ୍ମାନ ଦେଉଥିଲେ । ଷଠୀ ପୂଜାଠାରୁ ଶ୍ମଶାନରେ ଜୁଇ ଜଳିବା ଯାଏ ସମସ୍ତ କାର୍ଯ୍ୟକ୍ରମରେ ସ୍କୁଲ ମାଷ୍ଟରଙ୍କୁ ଖୋଜା ପଡୁଥିଲା । ଗାଁର ସବୁ ଯାତ୍ରାଯାତ୍ରାରେ ସେ ହେଉଥିଲେ ପ୍ରଥମ ଅତିଥି । ବିବାହ ଉତ୍ସବରେ ସ୍କୁଲ ମାଷ୍ଟରଙ୍କୁ ଗୁଆ ଦେଇ ନିମନ୍ତ୍ରଣ କରାଯାଉଥିଲା । ନିମନ୍ତ୍ରଣ ପତ୍ର ଲେଖୁଥିଲେ ସ୍କୁଲ ମାଷ୍ଟ୍ରୋ । ଡାକରେ ଚିଠିଟିଏ ଆସିଲେ ପଢୁଥିଲେ ଅବଧାନେ । ସେ କେବଳ ଗ୍ରାମବାସୀଙ୍କ ପୁଅଝିଅଙ୍କୁ ପାଠ ପଢ଼ାଉ ନ ଥିଲେ, ନୀତିଶିକ୍ଷା ମାଧ୍ୟମରେ ସେମାନଙ୍କୁ ମଣିଷ ପରି ମଣିଷଟିଏ କରି ଗଢ଼ିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ । ସମସ୍ତଙ୍କୁ ନିଜ ପୁଅ ଝିଅ ପରି ସ୍ନେହ କରୁଥିଲେ, ଅନୁଶାସନ ବି କରୁଥିଲେ । ସ୍କୁଲ ଥିଲା ତାଙ୍କ ଘର । ସବୁକିଛିର ଶିକ୍ଷାକେନ୍ଦ୍ର ଥିଲା ସ୍କୁଲ । ମାଷ୍ଟ୍ରେ ଦେଉଥିଲେ ଶିକ୍ଷା । ଲୋକଙ୍କର ଭରସା ଏତେ ବେଶି ଥିଲା ଯେ ଲୋକେ କହୁଥିଲେ "ଆମ ମାଷ୍ଟ୍ରେ ଗଧକୁ ବି ମଣିଷ କରିଦେବେ ।"

ଜେଜେଙ୍କ ସମୟ ଯାଇ ବାପାଙ୍କ ସମୟ ଆସିଲା । ସମୟ ବଦଳିବା ସହିତ ବିଦ୍ୟାଳୟର ଚେହେରା ବଦଳିଗଲା । ଜେଜେଙ୍କ ସମୟର ସ୍କୁଲଗୁଡ଼ିକ ଥିଲା ମାଟି କାନ୍ଥରେ ତିଆରି ଚାଳଛପର ଘର । ବାପାଙ୍କ ଯୁଗରେ ଲୋକମାନେ ସ୍କୁଲ ମାଷ୍ଟରଙ୍କୁ ଆଉ ଅବଧାନେ କିମ୍ବା ଗୁରୁଜୀ ବୋଲି ସମ୍ବୋଧନ କଲେ ନାହିଁ । ନାମ ସହିତ ବାବୁ ଯୋଡ଼ି ଡାକିଲେ । ଲୋକଙ୍କ ସହିତ ମାଷ୍ଟରଙ୍କ ସମ୍ପର୍କରେ ସାମାନ୍ୟ ଦୂରତା ପରିଲକ୍ଷିତ ହେଲା । ସ୍କୁଲର ମାଟିକାନ୍ଥ ଭାଙ୍ଗି ପକ୍କା କାନ୍ଥ ହେଲା । ନଡ଼ାଛପର ଜାଗାରେ ଆଜବେଷ୍ଟସ୍ ଛପର କରାଗଲା । ମାତ୍ର ପ୍ରଥମକରି ଦେଖାଗଲା ଗ୍ରାମର ଅଳ୍ପ କେତେ ଜଣ ଧନୀ ଶ୍ରେଣୀର ଲୋକ ତାଙ୍କ ପିଲାଙ୍କୁ ସହରରେ ନୂଆ କରି ଖୋଲିଥିବା ଘରୋଇ ବିଦ୍ୟାଳୟରେ ଭର୍ତ୍ତିକଲେ । ଏହା ସତ୍ତ୍ୱେ ଗାଆଁ ସ୍କୁଲରେ ପିଲା ସଂଖ୍ୟା ବହୁତ ଥିଲା, କାରଣ ଲୋକଙ୍କ ଭିତରେ ଶିକ୍ଷାର ଗୁରୁତ୍ୱ ବଢ଼ିଥିଲା । ପ୍ରାୟ ସମସ୍ତ



ଘରର ପିଲା ବିଦ୍ୟାଳୟକୁ ଆସୁଥିଲେ । କିନ୍ତୁ ମାଷ୍ଟର ଶିକ୍ଷକକୁ ରୂପାନ୍ତରିତ ହୋଇଗଲେ । କାମ ହେଲା କେବଳ ଶିକ୍ଷାଦାନ । ଆଉ ଯଦି କିଛି କାମ କରିବାକୁ ପଡ଼ିଲା ତାହା ସରକାରୀ କାମ ଯଥା ଜନଗଣନା, ଭୋଟ ସମୟରେ ଭୋଟ ଗ୍ରହଣ । କିନ୍ତୁ ଗାଆଁର ହାନିଲାଭ, ଭଲମନ୍ଦ, ବିପଦ ଆପଦରେ ଏମାନଙ୍କୁ ଛିଡ଼ା ହେବାକୁ ପଡ଼ିଲା ନାହିଁ । ନିର୍ଦ୍ଦିଷ୍ଟ ପାଠ୍ୟଖସଡ଼ା ଉପରେ ଏମାନେ ଅଧିକ ଧ୍ୟାନ ଦେଲେ । ଅନ୍ୟାନ୍ୟ ଶିକ୍ଷାଦାନରୁ ଶିକ୍ଷକ କ୍ରମଶଃ ଦୂରେଇ ଯିବାକୁ ଲାଗିଲେ ।

ମୋ ସମୟରେ ଶିକ୍ଷା କ୍ଷେତ୍ରରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିଛି । ବହୁ ସରକାରୀ ପ୍ରୋତ୍ସାହିତ ଶିକ୍ଷାନୁଷ୍ଠାନ ଖୋଲିଛି । ଢାଞ୍ଚା ଦୃଷ୍ଟିରୁ ବିଭିନ୍ନ ପ୍ରକାରର, ପୁଣି ଅନୁଦାନ ପ୍ରଦାନକୁ ନେଇ ଆଉ କିଛି ପ୍ରକାରର ବିଦ୍ୟାଳୟ ଗଢ଼ା ହୋଇଛି । ନିମ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ନୋଡାଲ ଉଚ୍ଚ ପ୍ରାଥମିକ, ଉନ୍ନୀତ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ନୋଡାଲ ଉଚ୍ଚ ବିଦ୍ୟାଳୟ– କେଉଁଠି କେତେଟା ଶ୍ରେଣୀ ଅଛି ଜାଣିବା ମୁସ୍କିଲ । ପୁଣି ପୁରୁଣା ସରକାରୀ, ନୂତନ ସରକାରୀ, ପୂର୍ଣ୍ଣ ଅନୁଦାନ, ନୂତନ ଅନୁଦାନ, ଅନୁଦାନଯୋଗ୍ୟ, ମାତ୍ର ଅନୁଦାନରୁ ବଞ୍ଚିତ ଏମିତି କେତେ ପ୍ରକାରର ବିଦ୍ୟାଳୟ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଜଣା ନ ଥିବ । ଏହାବାଦ୍ କେନ୍ଦ୍ରୀୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଟିଆର୍‌ଡବ୍ଲ୍ୟୁ ବିଦ୍ୟାଳୟ ଅଛି । ଏତେସବୁ ବିଦ୍ୟାଳୟ ରହିବା ସତ୍ତ୍ୱେ ଛତୁଫୁଟିଲା ପରି ଘରୋଇ ବିଦ୍ୟାଳୟ ଗଢ଼ି ଉଠିଛି । ବାପାଙ୍କ ସମୟରେ ମାଷ୍ଟର ସିନା ଶିକ୍ଷକକୁ ରୂପାନ୍ତରିତ ହୋଇଥିଲେ ମୋ ସମୟର ଶିକ୍ଷକଙ୍କୁ କୁହାଯାଉଛି ଶିକ୍ଷାକର୍ମୀ, ଶିକ୍ଷା ସହାୟକ, ଆଉ କାହାକୁ କୁହାଗଲା ପାରା ଶିକ୍ଷକ, ଗଣଶିକ୍ଷକ, ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଠିକା ଶିକ୍ଷକ, ଅତିଥି ଶିକ୍ଷକ ଏମିତି କେତେ କ'ଣ । ସମାନ କାମକୁ ସମାନ ଦରମାର ସାମ୍ବିଧାନିକ ଅଧିକାର ଭାଙ୍ଗିରୁଜି ଖଣ୍ଡବିଖଣ୍ଡିତ ହୋଇଯାଇଛି । ବୈଷମ୍ୟ ଏତେ ଚରମ ସୀମାକୁ ଯାଇଛି ଯେ ଏହାର ପ୍ରଭାବ ପଡ଼ିଛି ଶିକ୍ଷାଦାନରେ । ଫଳରେ ଛାତ୍ରୀଛାତ୍ର ସଂଖ୍ୟା କମୁଛି । ଏପରିକି ଗ୍ରାମର ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରର ପିଲାମାନେ ମଧ୍ୟ ଘରୋଇ ବିଦ୍ୟାଳୟ ଆଡ଼କୁ ମୁହାଁଇଲେ । ଅପରପକ୍ଷେ ବିଦ୍ୟାଳୟର ନବକଳେବର ହୋଇଛି । ସବୁଠି ପକ୍କାଘର ନିର୍ମାଣ ହୋଇଛି । କମ୍ପ୍ୟୁଟର, ବିଜ୍ଞାନ ଉପକରଣ, ଲାଇବ୍ରେରି ବହି ସରକାର ଯୋଗାଇ ଦେଇଛନ୍ତି । ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ମଧ୍ୟାହ୍ନ ଭୋଜନ, ପାଠ୍ୟ ପୁସ୍ତକ, ସ୍କୁଲ ୟୁନିଫର୍ମ, ଜୋତା, ସ୍କୁଲ ବ୍ୟାଗ୍, ସାଇକେଲ ଆଦି ପିଲାଙ୍କୁ ଦିଆଯାଉଛି । ହେଲେ ସେତେଟା ପ୍ରଭାବ ପଡ଼ିଛି ବୋଲି ମନେହେଉନାହିଁ । କହିବାକୁ ବାଧ୍ୟ ହେଉଛି, ଅଧିକାଂଶ ଶିକ୍ଷକ, ଶିକ୍ଷୟିତ୍ରୀ ନିଜ ପୁଅଝିଅଙ୍କୁ ନିଜ ବିଦ୍ୟାଳୟରେ କିମ୍ବା ଅନ୍ୟ କୌଣସି ସରକାରୀ ବିଦ୍ୟାଳୟରେ ପଢ଼ାଉ ନାହାନ୍ତି । ଘରୋଇ ବିଦ୍ୟାଳୟରେ ନେଇ ଛାଡୁଛନ୍ତି ଉତ୍ତମ ଶିକ୍ଷା ଦେବାପାଇଁ ।

ମୁଁ ଏବେ ବରିଷ୍ଠ ନାଗରିକ ଶ୍ରେଣୀର, ଅର୍ଥାତ୍ ମୋ ପୁଅଝିଅଙ୍କ ଯୁଗ ଚାଲିଲାଣି । ସେମାନେ ଏବେ ଶିକ୍ଷକଙ୍କୁ ସାର୍ (ମହାଶୟ) ବୋଲି ସମ୍ବୋଧନ କରୁଛନ୍ତି । ଛାତ୍ର ଶିକ୍ଷକର ସମ୍ପର୍କ ଶ୍ରେଣୀ କକ୍ଷ ଭିତରେ ସୀମିତ । ଲେଖା, ପଢ଼ା, ପୁସ୍ତକ, ପାଠ୍ୟଖସଡ଼ା, ରେକର୍ଡପତ୍ର, ମଧ୍ୟାହ୍ନ ଭୋଜନକୁ ନେଇ ଶିକ୍ଷକ ସର୍ବଦା ବ୍ୟସ୍ତ । ବିଭିନ୍ନ ଦିବସ ପାଳନ କରିବା ଓ ଫଟୋ ଉଠାଇ ଛାଡ଼ିବା ଏବଂ ଉପର ଅଫିସରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନ୍ ଲାଇନ୍‌ରେ ବିବରଣୀ ପ୍ରେରଣ କରିବା ଶିକ୍ଷକର ପ୍ରାଥମିକ କାମ । ତେଣିକି ଲୋକେ ଶିକ୍ଷକଙ୍କ ଉପରୁ ଭରସା ହରାଇ କହିବା ଆରମ୍ଭ କଲେଣି, "ଗଧ ଆଉ ମଣିଷ ହେଉନି ବରଂ ମଣିଷ ଗଧ ହୋଇଯାଉଛି ।"

ଏକଥା କାହିଁକି ହେଉଛି ବୋଲି ପଚାରିଲେ ଆପଣ ଅସୁବିଧା, ଅସଂଗତି, ଅସମାନତାର ଏକ ଲମ୍ବା ଫର୍ଦ୍ଦ ଥୋଇବେ । ଏହା ସତ୍ୟ ଯେ ଯେତିକି ଶିକ୍ଷକ ରହିବା କଥା ସେତିକି ନାହାନ୍ତି । ଶିକ୍ଷକ ଉପରେ ଅନ୍ୟ କାର୍ଯ୍ୟର ଚାପ ପଡୁଛି । ଶିକ୍ଷକଙ୍କ ଦରମାରେ ବୈଷମ୍ୟ ଜାଣିଶୁଣି କରାଯାଇଛି । ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦ ହୋଇଛି । ଅନୁଶାସନ ଅବୈଧ ଘୋଷଣା କରାଯାଇଛି । ତଥାପି ଶିକ୍ଷକ ଯେ ଜାତିର ନିର୍ମାତା ଏହାକୁ ଅସ୍ୱୀକାର କରିପାରିବେ ନାହିଁ । ହେଲେ ଏତେ ବିଶାଳ ଗୁରୁଦାୟିତ୍ୱ ବହନ କରୁଥିବା ଶିକ୍ଷକମାନେ ସତରେ କ'ଣ ସମାଜ ପ୍ରତି ଥିବା ଉତ୍ତରଦାୟିତ୍ୱକୁ ନିର୍ବାହ କରୁଛନ୍ତି? ନା, କେବଳ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଯନ୍ତ୍ରମାନବ ପରି କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି? ଆପଣମାନେ ଧରି ନେଇଛନ୍ତି ମୋତେ ଏତିକି ପଢ଼ାଇବାର ଅଛି ସେତିକି ପଢ଼ାଉଛନ୍ତି । ମୂଲ୍ୟବୋଧ ଭିତ୍ତିକ ମଣିଷଟିଏ ଗଢ଼ିବାରେ ନା ଅଛି ଚେଷ୍ଟା ନା ଅଛି ଆଗ୍ରହ! ଏହା ସତ୍ତ୍ୱେ ମୋ ଭଳି ସାଧାରଣ ମଣିଷମାନେ ଯେଉଁମାନେ ଗାଆଁରେ, ବସ୍ତିରେ, ସହରତଳି ଅଞ୍ଚଳରେ ବାସ କରୁଛନ୍ତି ସେମାନଙ୍କର ସ୍କୁଲ ମାଷ୍ଟରଙ୍କ ଉପରେ ପ୍ରଚଣ୍ଡ ଭରସା । ପିଲାଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଆନ୍ତରିକ ପ୍ରଚେଷ୍ଟା ରହିଲେ ଆପଣ ପୁଣି ଥରେ ସ୍କୁଲ ମାଷ୍ଟର ରୂପେ ଲୋକଙ୍କ ପ୍ରିୟଭାଜନ ହେବେ ଏଥିରେ ସନ୍ଦେହ ନାହିଁ । ବିଚାର ଆପଣଙ୍କର । ଶୁଭେଚ୍ଛା ଜଣାଇ ରହୁଛି ।

ସଭାପତି, ଓଷ୍ଟା
ମୋ: ୯୯୩୮୭୬୩୨୩୭

ନୀରବଦ୍ରଷ୍ଟା

ଯଦୁମଣି ପାଣିଗ୍ରାହୀ

ଅନେକ ସମୟରେ ଆଖିଆଗରେ କିଛି ଗୋଟେ ଘଟଣା କି ଦୁର୍ଘଟଣା ଘଟୁଥିବା ବେଳେ କିଛି ଲୋକ ନୀରବରେ ଏ ଦୃଶ୍ୟ ଉପଭୋଗ କରୁଥିବାର ଦେଖିବାକୁ ପାଇବେ । ଏମାନେ ଉକ୍ତ ଘଟଣା ବା ଦୁର୍ଘଟଣାକୁ ନେଇ ଆଦୌ ବ୍ୟଥିତ କି ବିଚଳିତ ହୁଅନ୍ତି ନାହିଁ । କୌଣସି ପ୍ରକାର ପ୍ରତିକ୍ରିୟା, ପ୍ରତିବାଦ କି ପ୍ରତିରୋଧ କରିବାର ସାମର୍ଥ୍ୟ ପ୍ରଦର୍ଶନ କରନ୍ତି ନାହିଁ । ଏମାନେ କେବଳ କିଛି ସମୟ ପାଇଁ ଦେଖଣାହାରି ସାଜିଥାନ୍ତି ଓ ପରେ ନିଜ ବାଟରେ ଚାଲିଯାଇ ଥାଆନ୍ତି । ରାସ୍ତାଘାଟରେ ଘଟୁଥିବା ଗାଡ଼ି ଦୁର୍ଘଟଣାରେ ଆହତ ହୋଇ ଛଟପଟ ହେଉଥିବା ଲୋକଟିଏ ହେଉ କି ଦିନ ଦ୍ୱିପ୍ରହରରେ ସର

ବଜ୍ରପାତରେ ୬ ଛେଳି ମୃତ

ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବାଦପଲ୍ଲୀ ପଞ୍ଚାୟତର ଗୁଣ୍ଡୁରୀପଲ୍ଲୀ ଗ୍ରାମରେ ରବିବାର ବଜ୍ରପାତ ଘଟି ୬ ଗୋଟି ଛେଳିଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗୁଣ୍ଡୁରୀ ପଲ୍ଲୀ ଗ୍ରାମର ପଙ୍କଜ ଗୌଡ଼ ସକାଳୁ ଛେଳି ଗୋଠ ନେଇ ଚରାଇବା ପାଇଁ ଗ୍ରାମ ନିକଟସ୍ଥ ପଦରକୁ ଯାଇଥିଲେ। ସେଠାରୁ ଛେଳି ଗୋଠ ନେଇ ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ହଠାତ ବର୍ଷା ସହ ବଜ୍ରପାତ ଘଟିଥିଲା। ଫଳରେ ଛେଳିଙ୍କ ମୃତ୍ୟୁ ଘଟିଥିଲା। ସରକାରୀ ସହାୟତା ପାଇଁ ପଙ୍କଜ ଗୌଡ଼ ନିବେଦନ କରିଛନ୍ତି।

ନଦୀ ସ୍ରୋତରେ ଭାସିଯାଇ ବୃଦ୍ଧଙ୍କ ମୃତ୍ୟୁ

ରାସ୍ତା ନ ଥିବାରୁ ଜୀବନକୁ ବାଜି, ସରୁନି ସେତୁ କାମ

ତୁମୁଡିବନ୍ଧ,୨୨।୯(ଦୀପକ କୁମାର ପରାସେଠ): କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡିଗଡ଼ ପଞ୍ଚାୟତ କାଣ୍ଡାମ ଗ୍ରାମରୁ ପଞ୍ଚାୟତ ଓ ବ୍ଲକ ସଦର ମହକୁମା ଆସିବା ପାଇଁ ଅନ୍ୟ କୌଣସି ରାସ୍ତା ନ ଥିବାରୁ ଲୋଲେ ଜୀବନକୁ ବାଜି ଲଗାଇ ରାଉଳ ନଦୀ ପାର ହୋଇ ଯା' ଆସ କରିଥାନ୍ତି। ଶନିବାର ନଦୀ ପାର୍ ହୋଇ ଫେରିବା ବେଳେ ସ୍ରୋତରେ ଭାସିଯାଇ ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରେଶ୍ୱର ମାଝି(୬୫)। ପୁରେଶ୍ୱର ଶନିବାର ପୂର୍ବାହ୍ନରେ ରାଉଳ ନଦୀ ପାର ହୋଇ ଧୁଙ୍ଗିଆପଙ୍କାଳ ଗ୍ରାମରେ ହେଉଥିବା ସାପ୍ତାହିକ ହାଟକୁ ଆସିଥିଲେ। ଜିନିଷପତ୍ର କିଣାକିଣି କରି ଅପରାହ୍ନରେ ସେ ଘରକୁ ଫେରୁଥିଲେ। ସେ ରାଉଳ ନଦୀର ଡଙ୍ଗା ଘାଟରେ ପାର ହେଉଥିବା ବେଳେ ହଠାତ ବଢ଼ି ପାଣି ମାଡ଼ି ଆସିବାରୁ ସ୍ରୋତରେ ଭାସିଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ରବିବାର ସକାଳେ ପୁଣି ସେ ଘାଟ ନିକଟରେ ଖୋଜିବା ପରେ ପ୍ରାୟ ଅଧ କି.ମି. ଦୂରରେ ଏକ ବଡ଼ ପଥର ନିକଟରେ ପୁରେଶ୍ୱରଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ଖବରପାଇ ତୁମୁଡିବନ୍ଧ ପୋଲିସ ଓ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ଥିଲେ। ଅଗ୍ନିଶମ ବିଭାଗ ଓଆଇସି ସର୍ବେଶ୍ୱର ପାତ୍ର, ଡ୍ରାଇଭର ଅରବିନ୍ଦ ପାତ୍ର, ଆଗ୍ନିକ ଅମୀୟ ରଞ୍ଜନ ସୁନା ଓ ଶିଶିର ଜେନା ନଦୀରୁ ମୃତଦେହକୁ ବାହାରକୁ ଆଣିଥିଲେ। ତୁମୁଡିବନ୍ଧ ପୋଲିସ ମୃତଦେହ ଜବତ କରି ନଂ. ୯/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଧୁଙ୍ଗିଆ ପଙ୍କାଳ ଗ୍ରାମ ନିକଟସ୍ଥ ରାଉଳ ନଦୀରେ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଧିମା ଗତିରେ ଚାଲିଛି। ସେତୁ କାମ ସରିଥିଲେ ଏପରି ଅଘଟଣ ଘଟିନଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି।

ବାପ-ପୁଅଙ୍କ ମୃତ୍ୟୁ,ମା' ଗୁରୁତର

ଟ୍ରକ ସହ ବାଇକ୍ ଧକ୍କା

ଗୋପାଳପୁର, ୨୨।୯(ନବୀନ ରାଜ ଆଚାରୀ): ଗଞ୍ଜାମ ଜିଲା ୧୬ ନ. ଜାତୀୟ ରାଜପଥ ଭାଲିଆଗାଡ଼ ନିକଟରେ ରବିବାର ସନ୍ଧ୍ୟାରେ ବାଇକ୍ ସହ ଟ୍ରକ ଧକ୍କା ହୋଇଛି। ଫଳରେ ଏଥିରେ ବାପପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ସୋରଳ ଗ୍ରାମର ଦେବ ସେଠୀ ଓ ତାଙ୍କ ପୁଅ ସୁନୀଲ। ସୂଚନା ଅନୁସାରେ ଗୋଳଛରା ଥାନା ଅଧୀନ ସୋରଳ ଅଞ୍ଚଳର ଦେବ ତାଙ୍କ ସ୍ତ୍ରୀ ଓ ପୁଅ ସୁନୀଲଙ୍କୁ ଧରି ବାଇକ୍‌ରେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିବା ବେଳେ ଭାଲିଆଗାଡ଼ ଗ୍ରାମସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ସହିତ ଧକ୍କା ହୋଇଥିଲେ। ଫଳରେ ୩ଜଣ ଗୁରୁତର ଆହତ ହୋଇ ରାସ୍ତା କଡ଼କୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ବାପା ଓ ପୁଅ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବେଳେ ମା' ଗୁରୁତର ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି।

ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ସହ ଶାଶୁଙ୍କ ବିରୋଧରେ ଏତଲା

ଦିଗପହଣ୍ଡି,୨୨।୯(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମର ଅହଲ୍ୟା ନାଇକଙ୍କୁ ତାଙ୍କ ସ୍ୱାମୀ ବିଚିତ୍ର ନାଇକ ଏବଂ ଶାଶୁ ମାଡ଼ ମାରିବା ସହ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ପୋଲିସ ପାଟପୁର ଥାନା ଜୁରା ଗ୍ରାମର ବିଚିତ୍ର ଏବଂ ତାଙ୍କ ମା'ଙ୍କ ନାଁରେ ଥାନା ମାମଲା ନଂ.୩୫୫/୨୪ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ୨୦୨୦ ଫେବୃୟାରୀ ୧୮ ତାରିଖରେ ଅହଲ୍ୟା ପାଟପୁର ଥାନା ଜୁରା ଗ୍ରାମର ସ୍ୱର୍ଗତ ରାଜୁ ନାଇକଙ୍କ ପୁଅ ବିଚିତ୍ରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ସ୍ୱାମୀଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଓ ଗହଣା ଦିଆଯାଇଥିଲା। ବିବାହର ପ୍ରାୟ ୬ ମାସ ପରେ ସ୍ୱାମୀ ଓ ଶାଶୁ ତାଙ୍କୁ ଘରେ ଖାଇବାକୁ ନଦେଇ ନାନା ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲେ। ୨୦୨୦ ଅଗଷ୍ଟ ୧ରେ ସ୍ୱାମୀ ବିଚିତ୍ର ଅହଲ୍ୟାଙ୍କୁ ଗାଳି ଗୁଲଜ କରି ମରଣାନ୍ତକ ଆକ୍ରମଣ କରିବା ସହ ଘରୁ ତଡି ଦେଇଥିଲେ। ଉପାୟ ନପାଇ ଅହଲ୍ୟା ବାପ ଘରକୁ ଚାଲି ଆସିଥିଲେ। ଏନେଇ କୁଳସଭାରେ ଅହଲ୍ୟାଙ୍କ ବାପା ଦରଖାସ୍ତ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନଥିଲା। ଗତ ବୁଧବାର ବାପାଙ୍କ ସହ ଅହଲ୍ୟା ଜୁରା ଗ୍ରାମ ସ୍ଥିତ ଶ୍ୱଶୁର ଘରକୁ ଯାଇ ଯୌତୁକ ସାମଗ୍ରୀ ଫେରାଇବା ପାଇଁ କହିବାରୁ ସ୍ୱାମୀ ବିଚିତ୍ର ମନା କରିବା ସହ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ଫିରିଙ୍ଗିଆ,୨୨।୯(ବିମଳ ଦିଗାଲ): ଗୋଛାପଡା ଥାନା ଅଞ୍ଚଳରେ ରବିବାର ବଜ୍ରପାତରେ ଲୁଇସିଂ ପଞ୍ଚାୟତ କିଲୁକୁମ୍ପା ଗ୍ରାମ ରଘୁନାଥ କହଁରଙ୍କ ସ୍ତ୍ରୀ ରାସନ୍ତୀ ମଲ୍ଲିକ (୨୫)ଙ୍କ ମୃତ୍ୟୁ ଘଟିଛି। ରାସନ୍ତୀ ଲୁଇସିଂ ପଞ୍ଚାୟତ ବାଘପଦରରେ ଥିବା ତାଙ୍କ ବାପ ଘରକୁ ଆସିଥିଲେ। ରବିବାର ସେ ଗାଁ ପାଖରେ ଥିବା ବିଲକୁ କାମ କରିବା ପାଇଁ ଯାଇଥିଲେ। ବର୍ଷା ହେବାରୁ ସେ ନିକଟସ୍ଥ ଏକ ଶାଳଗଛ ତଳକୁ ଚାଲି ଯାଇଥିବା ବେଳେ ବଜ୍ରପାତର ଶିକାର ହେଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜି ସେଠାରେ ପହଞ୍ଚିବା ବେଳକୁ ରାସନ୍ତୀଙ୍କ ମୃତ୍ୟୁ ଘଟି ସାରିଥିଲା। ସ୍ୱାମୀଙ୍କ ଏତଲା କ୍ରମେ ଗୋଛାପଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନାରେ ନଂ. ୮/୨୪ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଭାତ ବେହେରା ସୂଚନା ଦେଇଛନ୍ତି। ଲୁଇସିଂ ସରପଞ୍ଚ ସୁଦର୍ଶନ କହର ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ତହସିଲଦାର ଅନାମିକା ପାଣ୍ଡେଙ୍କୁ ପଚାରିବାରୁ ସରକାରଙ୍କ ଯୋଜନା ଅନୁସାରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ମିଳିବ ବୋଲି କହିଛନ୍ତି।

ପ୍ରତି ବ୍ଲକରେ ପ୍ରତିଷ୍ଠା ହେବ କୃଷି ସମୃଦ୍ଧି କେନ୍ଦ୍ର

ବିକାଶ ମେଳା

କାର୍ଯ୍ୟକ୍ରମକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

ଫୁଲବାଣୀ,୨୨।୯(ରାକେଶ କୁମାର ରାଉତ)

ଫୁଲବାଣୀ ସ୍ଥିତ କରୋନେଶନ ପଡ଼ିଆରେ ରାଜ୍ୟ ସରକାରଙ୍କର ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ପ୍ରଗତିର ନୂତନ ସୂର୍ଯ୍ୟୋଦୟ କାର୍ଯ୍ୟକ୍ରମ, ବିକାଶ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସରକାର ମାତ୍ର ୧୦୦ ଦିନରେ ଓଡ଼ିଆ ଭାଷା ସଂସ୍କୃତି ଓ ଐତିହ୍ୟକୁ ସମ୍ମାନ ଦେବା ସହିତ ୨ଶହ କୋଟିର ପାଣ୍ଠି ବ୍ୟବସ୍ଥା କରିଛନ୍ତି। କୃଷିର ବିକାଶରେ ରାଜ୍ୟ ତଥା ଦେଶର ବିକାଶ। ସେଥିପାଇଁ ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ନିର୍ମାଣ ହେବ । ପ୍ରତି ବ୍ଲକରେ କୃଷି ସମୃଦ୍ଧି କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ସେ ପ୍ରକାଶ କରିଛନ୍ତି।

ସେହିପରି ପ୍ରାଥମିକ ଶିକ୍ଷାର ଗୁଣାତ୍ମକତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ହୋଇଛି। ଏଥିରେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନେ ଉପକୃତ ହେବେ। ସୁଭଦ୍ରା ଯୋଜନାରେ ବିକଶିତ ଓଡ଼ିଶାର ସାରଥୀ ହେବେ ମହିଳା। ଶିକ୍ଷାରମାନ ବୃଦ୍ଧି କରିବ ପିଏମ୍-ଶ୍ରୀ ଯୋଜନା। ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ସୂଚନା-ପ୍ରଯୁକ୍ତିବିଦ୍ୟା ପାଠ୍ୟକ୍ରମର ପ୍ରଚଳନ ହେବ। ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ନଗଦବିହୀନ ସ୍ୱାସ୍ଥ୍ୟ ସେବା ଯୋଗାଇବ । ଶିଶୁ ଚିକିତ୍ସାକୁ ଅଗ୍ରାଧିକାର ଦିଆଯିବ। ଡ୍ରପ୍ ଆଉଟ୍ ହାର ରୋକିବା ଲକ୍ଷ୍ୟରେ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ଶିକ୍ଷାକୁ ପ୍ରାଥମିକତା ଦିଆଯିବ। ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୫ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ତାଙ୍କ ଡବଲ୍ ଇଞ୍ଜିନ ସରକାର ଲୋକମାନଙ୍କ ପାଇଁ କାମ କରିବ ବୋଲି ମନ୍ତ୍ରୀ ମଲ୍ଲିକ କହିଥିଲେ। ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଜିଲାର ଉନ୍ନତି ପାଇଁ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ କହିଲେ ଫୁଲବାଣୀ ଦେଇ ରେଳ ଲାଇନ ସଂଯୋଗ, ୮୦୦ଟି ବି.ଏସ୍.ଏନ୍.ଏଲ୍.ଟାୱାର ନିର୍ମାଣ, ପୂର୍ବ ସରକାରରେ ବିଭିନ୍ନ ଯୋଜନାରେ ଯେଉଁ ପ୍ରକୃତ ହିତାଧିକାରୀମାନେ ସାମିଲ ହୋଇପାରି ନାହାନ୍ତି, ସେମାନଙ୍କୁ ତାଙ୍କ ସରକାର ନିଶ୍ଚିତଭାବେ ସାମିଲ କରିବ। ଜିଲାପାଳ ଅମ୍ରିତ୍ ରତୁରାଜ୍ ପ୍ରାରମ୍ଭିକ ସୂଚନା ଦେଇ ଜିଲାରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନର ଲକ୍ଷ୍ୟ ଏବଂ ଏହି ଅଭିଯାନ ଅଧୀନରେ ଓଡ଼ିଶାର କନ୍ଧମାଳ ସମେତ ୨୭ ଜିଲାର ୨୩୪ଟି ବ୍ଲକ ଅନ୍ତର୍ଗତ ୭୬୭୭ ଜନଜାତି ବହୁଳ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଥିବା କହିଥିଲେ। ସେହିପରି ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର ସରକାରଙ୍କ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ଜିଲା ପ୍ରଶାସନକୁ ପୋଲିସ ବିଭାଗ ସମସ୍ତ ସହଯୋଗ ପ୍ରଦାନ କରିବ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା, ସୁଭଦ୍ରା ଯୋଜନାର ହିତାଧିକାରୀ, ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ବାଲିଗୁଡ଼ାର ଯୁବ ଉଦ୍ୟୋଗୀମାନଙ୍କୁ ୧ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରା ଯାଇଥିଲା। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଆଠଗଡ଼ପାଟଣାରେ ବାଘ ଆତଙ୍କ

ମାରିଲାଣି ୧୫ରୁ ଊର୍ଦ୍ଧ୍ୱ ଛେଳି, ବନ ବିଭାଗ ନୀରବ

କବିସୂର୍ଯ୍ୟନଗର,୨୨।୯(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା ଖଲିକୋଟ ବନାଞ୍ଚଳ ଅନ୍ତର୍ଗତ ଆଠଗଡ଼ ପାଟଣା ଜଙ୍ଗଲରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି । ଗ୍ରାମର ରାଜଉଆସ ନିକଟରେ ଏକ କଲରାପତରିଆ ବାଘ ୧୫ରୁ ଅଧିକ ଛେଳି ମାରିଦେଇଥିବା ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ଆଠଗଡ଼ ଗ୍ରାମର ଗିରିପାହାଡ଼ ନିକଟରେ ରାଜୁ ଗୌଡ଼ଙ୍କ ୬ଟି ଛେଳି, ବସନ୍ତ ପୋଲାଇଙ୍କ ୩ ଛେଳି, ଶିଶୁଳା ଗୌଡ଼ଙ୍କ ୧ ଛେଳି ଏବଂ ଗ୍ରାମର ବିଭିନ୍ନ ଲୋକଙ୍କ ୪ଟି ଛେଳି ବାଘ ମାରିଦେଇଛି। ଏଥିସହ କଲରାପତରିଆ ଦୁଇରୁ ଅଧିକ ଛେଳିଙ୍କୁ ଆକ୍ରମଣ କରିଥିବା ଜଣାପଡିଛି।

ରାଜଉଆସ ନିକଟରେ ରବିବାର ଛେଳିଚରାଳି ବାଘକୁ ଦେଖିବା ପରେ ଛେଳିଙ୍କୁ ଘରକୁ ନେଇ ଆସିଥିଲେ। ତେବେ ଗ୍ରାମ ନିକଟ ଜଙ୍ଗଲରେ ଦୁଇରୁ ଅଧିକ କଲରାପତରିଆ ବାଘ ଥିବା ଅନୁମାନ କରାଯାଉଛି। କେତେକ ସ୍ଥାନରେ ବାଘର ପାଦ ଚିହ୍ନ ଦେଖିବା ପରେ ଗ୍ରାମରେ ଏକ ପ୍ରକାର ଭୟର ବାତାବରଣ ଦେଖାଦେଇଛି । ଏ ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ଖଲ୍ଲିକୋଟ ବନ ବିଭାଗ ନୀରବ ରହିଛି। କୌଣସି ଅଧିକାରୀଙ୍କୁ ଫୋନ କଲେ ମଧ୍ୟ କେହି ଫୋନ ଉଠାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଛେଳିଚାଷୀମାନେ ଭୟରେ ସେମାନଙ୍କ ଛେଳିଙ୍କୁ ଜଙ୍ଗଲକୁ ନ ଛାଡି ଗୁହାଳରେ ବାନ୍ଧି ରଖୁଛନ୍ତି। ଭୟରେ ଚାଷୀ ବିଲବାଡ଼ିକୁ ଯାଉନାହାନ୍ତି। ଗାଈ, ମଇଁଷି ବାହାରେ ଚରାଇବା ପାଇଁ ଚରାଳି ଭୟ କରୁଛନ୍ତି। ସନ୍ଧ୍ୟା ହେଲେ ଗ୍ରାମବାସୀ ଘର ବାହାରକୁ ବାହାରୁନାହାନ୍ତି। ଏପରି ୧୫ ଦିନ ହେଲା ଜାରି ରହିଥିଲେ ମଧ୍ୟ ବନ ବିଭାଗ କର୍ମଚାରୀଙ୍କ ଦେଖାନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଇକମାଲ

ବିଜ୍ଞାପନ ସଂଖ୍ୟା :୨୭୧୦, ତା – ୧୭.୦୯.୨୦୨୪

ଏତଦ୍ଦ୍ୱାରା ପାଇକମାଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ଗ୍ରାପର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗ୍ରାମପଞ୍ଚାୟତ ଅଧୀନରେ ଥିବା ନିମ୍ନଦର୍ଶିତ ନିଜସ୍ୱ ସମ୍ପତ୍ତି ଯଥା ବନ୍ଧ, କଟା, ଜାଗ୍ରୀ ଜମି, ହାଟ ଇତ୍ୟାଦି ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାଇକମାଲ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟଠାରେ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ନିଲାମ କରାଯିବ । ଅତଏବ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଦିଷ୍ଟ ତାରିଖ ଓ ସ୍ଥାନରେ ଉପସ୍ଥିତ ରହି ନିଲାମରେ ଅଂଶଗ୍ରହଣ କରିପାରିବେ । ପ୍ରକାଶଥାଉକି, ନିଲାମରେ ଅଂଶଗ୍ରହଣ ସମୟରେ ନିମ୍ନୋକ୍ତ ନିୟମ ସବୁ ପାଳନ କରିବାକୁ ହେବ ।

୧. ନିଲାମରେ ଅଂଶଗ୍ରହଣ କରିବା ବ୍ୟକ୍ତି ଗ୍ରା.ପ.ର ବକେୟାଦାର ହୋଇନଥିବେ । ୨. ସର୍ବନିମ୍ନ ଠିକା ଧାର୍ଯ୍ୟ ମୂଲ୍ୟର ୦୧/୧୦ ଅଂଶ ଟଙ୍କା ଗ୍ରା.ପ.ରେ ଅମାନତ ଭାବରେ ଜମା ଦେବାକୁ ହେବ ଏବଂ ସର୍ବୋଚ୍ଚ ଡାକ କରିବା ବ୍ୟକ୍ତିଙ୍କ ଅମାନତ ଗ୍ରା.ପ. ପାଣ୍ଠିଭୁକ୍ତ କରାଯିବ ଓ ଅନ୍ୟମାନଙ୍କ ଅମାନତ ଫେରସ୍ତ କରାଯିବ । ୩. ନିଲାମ ନିର୍ଦ୍ଧାରିତ ଅଧିକାରୀଙ୍କ ଦ୍ୱାରା ଦୃଢ଼ୀକରଣ ହେଲାପରେ ନିଲାମଧାରୀ ୧୫ ଦିନ ମଧ୍ୟରେ ନିଜର ଖର୍ଚ୍ଚରେ ଗ୍ରା.ପ. ସହ ଚୁକ୍ତିନାମା ସମ୍ପାଦନ କରି ରେଜିଷ୍ଟ୍ରି କରିବେ ଅନ୍ୟଥା ନିଲାମ ରଦ୍ଦ କରାଯିବ । ୪. ନିଲାମ ସର୍ବୋଚ୍ଚ ଡାକର ୭୫ ପ୍ରତିଶତ ଟଙ୍କା ଗ୍ରା.ପରେ ନିଲାମ ଅନୁମୋଦନ ହେବାର ୧୫ ଦିନ ମଧ୍ୟରେ ଦାଖଲ ଦେବେ ଏବଂ ଗ୍ରା.ପ. ଲିଖିତ ଅନୁମତି ନେଲେ ସମ୍ପତ୍ତିରେ ପ୍ରବେଶ କରିପାରିବେ, ଅନ୍ୟଥା ନିଲାମ ରଦ୍ଦ କରାଯିବ । ୫. ନିଲାମ ପରିମାଣ ଯଦି ଟଙ୍କା ୫୦୦୦/- ବା ତା' ଠାରୁ ନିମ୍ନ ଅର୍ଥ ହୋଇଥାଏ ତେବେ ନିଲାମ ହୋଇଥିବା ଟଙ୍କା ନିଲାମ ସମ୍ପାଦନ ହେବା ସଙ୍ଗେସଙ୍ଗେ ଏକକାଳୀନ ଆଦାୟ କରାଯିବ । ୬. କୌଣସି କାରଣ ନ ଦର୍ଶାଇ ସର୍ବୋଚ୍ଚ ନିଲାମ ଡାକ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ଅଛି ।

କ୍ର.ନଂ.	ଗ୍ରା.ପ.ର ନାମ	ତାରିଖ	ସମୟ	ସ୍ଥାନ
୧	ବରତୁଣ୍ଡା	୨୫.୦୯.୨୦୨୪	ପୂର୍ବାହ୍ନ ୧୦.୦୦ ଘଟିକା	ଗ୍ରା.ପ. କାର୍ଯ୍ୟାଳୟ ପରିସର
୨	ଖାରବନ୍ଧ	୨୬.୦୯.୨୦୨୪	ପୂର୍ବାହ୍ନ ୧୦.୦୦ ଘଟିକା	ଗ୍ରା.ପ. କାର୍ଯ୍ୟାଳୟ ପରିସର
୩	ଛିନ୍ଦେଇକେଲା	୨୬.୦୯.୨୦୨୪	ଅପରାହ୍ନ ୨.୦୦ ଘଟିକା	ଗ୍ରା.ପ. କାର୍ଯ୍ୟାଳୟ ପରିସର
୪	ସରାଇକେଲା	୨୭.୦୯.୨୦୨୪	ପୂର୍ବାହ୍ନ ୧୦.୦୦ ଘଟିକା	ଗ୍ରା.ପ. କାର୍ଯ୍ୟାଳୟ ପରିସର
୫	ଚର୍ଦ୍ଦାପାଲି	୨୭.୦୯.୨୦୨୪	ଅପରାହ୍ନ ୨.୦୦ ଘଟିକା	ଗ୍ରା.ପ. କାର୍ଯ୍ୟାଳୟ ପରିସର

ସ୍ୱା./-ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାଇକମାଲ

ପୂର୍ବ ତଟ ରେଳପଥ

'ଇ'-ପ୍ରୋକ୍ୟୁରମେଣ୍ଟ ପ୍ରଣାଳୀ

ଟେଣ୍ଡର ନୋଟିସ୍ ନଂ.: PCMM/ EP/ 2024-25/120, ତାରିଖ.17.09.2024

କ୍ର. ନଂ. ୦୧: TENDER NO. 03243903, ସାମଗ୍ରୀର ସଂକ୍ଷିପ

କୃପାମୟ ଅନଙ୍ଗଭୀମ ଦେବଙ୍କ ସ୍ମୃତିଚାରଣ ସଭା

ବ୍ରହ୍ମପୁର,୨୨।୯(ସ୍ମୃତି ରଞ୍ଜନ ମହାଲିକ)

ଉତ୍କଳ ସମ୍ମିଳନୀ ଗଠନ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ କୃପାମୟ ଅନଙ୍ଗ ଭୀମ ଦେବଙ୍କ ଅବଦାନ ଅବିସ୍ମରଣୀୟ। ବ୍ରହ୍ମପୁରରେ ଉତ୍କଳ ସମ୍ମିଳନୀର ଏକ ସ୍ୱତନ୍ତ୍ର ସଭାଗୃହ ନିମନ୍ତେ କୃପାମୟ ଦେବ ଶେରଗଡ ରାଜାଙ୍କ ବଙ୍ଗଳା ନିକଟ ସ୍ଥାନକୁ ଉତ୍କଳ ସମ୍ମିଳନୀ ନାମରେ କିଣି ଉତ୍କଳ ଆଶ୍ରମ ନାମକରଣ କରିଥିଲେ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ଶନିବାର ଉତ୍କଳ ଆଶ୍ରମ ସଭାଗୃହରେ କୃପାମୟ ଦେବଙ୍କ ୧୦୨ତମ ଶ୍ରାଦ୍ଧ ବାର୍ଷିକୀରେ ବକ୍ତାମାନେ ସ୍ମୃତି ଚାରଣ କରି କହିଛନ୍ତି । ସମ୍ମିଳନୀର ସଭାପତି ଡ ସୁବ୍ରତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ରୂପେ ଉପସଭାପତି ଡ ବନମାଳୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ସଂପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସଂପାଦକୀୟ ପାଠ କରିଥିଲେ। ସମ୍ମିଳନୀର କେନ୍ଦ୍ରୀୟ କମିଟି ସଦସ୍ୟ କାହ୍ନୁ ବାଳକୃଷ୍ଣ ବିହାରୀ ଓ ଶିକ୍ଷାବିତ ଭିକାରୀ ଚରଣ ମହାପାତ୍ର, ଯୁଗ୍ମ ସଂପାଦକ ରାଜ କିଶୋର ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଦସ୍ୟ ନବୀନ ପଟ୍ଟନାୟକ, ହାଡିବନ୍ଧୁ ମାଳି ଓ ସୂର୍ଯ୍ୟକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସୁଧୁରୁନାହାନ୍ତି, ବିପଦକୁ ଡାକୁଛନ୍ତି

ବ୍ରହ୍ମପୁର,୨୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଯେତେ ସବୁ ଦୁର୍ଘଟଣା ଘଟୁଛି ଅସେଚତନତା ହିଁ ଏହାର କାରଣ ହୋଇଛି। ବସ୍‌ଠାରୁ ଆରମ୍ଭ କରି ଦୁଇ ଚକିଆ ଯାନ ପର୍ଯ୍ୟନ୍ତ ଯେତିକି ଯାତ୍ରୀ ଯିବା କଥା ତା'ଠାରୁ ଅଧିକ ଯାତ୍ରୀ ପରିବହନ କରିବା, ପରିବହନ ବିଭାଗ ପକ୍ଷରୁ ଯାହା ନିୟମ ରହିଛି ତାକୁ ଅବମାନନା କରିବା ବିପଦକୁ ବାଟ କଢ଼ାଇ ଦେଉଛି। ଦୁର୍ଘଟଣାରେ ଅନେକ ଜୀବନ ଯାଉଥିବାବେଳେ ବହୁ ସଂଖ୍ୟାରେ ଗୁରୁତର ହେଉଥିବା ଖବର ମିଳୁଛି। ଏସବୁ ଜାଣିବା ପରେ ପୋଲିସ ବିଭାଗ ପକ୍ଷରୁ ଅନେକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ନିୟମକୁ ବି କଡାକଡି କରାଯାଉଥିଲେ ବି ଲୋକେ ଶୁଣୁ ନ ଥିବାରୁ ଏହି ନିୟମ ଫାଇଲ ତଳେ ଚାପି ହୋଇଯାଇଛି। ଏ ସଂକ୍ରାନ୍ତରେ ପୋଲିସ ବିଭାଗର କେତେଜଣ ଅଧିକାରୀ କହିଛନ୍ତି ଯେ, କାର୍ଯ୍ୟାନୁଷ୍ଠାନ ନିଆଯିବା ବଡ କଥା ନୁହେଁ ଲୋକେ ସେମାନଙ୍କ ଜୀବନ କିଭଳି ସୁରକ୍ଷିତ ରହିବ ସେଥିପ୍ରତି ନିଜେ

ଫାଇଲ ତଳେ ପୋଲିସର ସଚେତନତା

ସଚେତନ ହେବା କଥା।

ରବିବାର ହଳଦିଆପଦର ପଟୁ ବ୍ରହ୍ମପୁରକୁ ଏକ ଡାଲା ଅଟୋରେ ପ୍ରାୟ ୧୦ ଜଣ ଶ୍ରମିକ ଶ୍ରେଣୀର ଲୋକେ ବୁହା ହୋଇ ଆସୁଥିଲେ। ଏତେ ଲୋକ କିଭଳି ଆଣୁଛ ବୋଲି ଡ୍ରାଇଭରଙ୍କୁ ପଚାରିବାରୁ ସେ ପେଟପାଟଣା କଥା ବୋଲି କହିଥିଲେ। ଅନ୍ୟପକ୍ଷରେ ଶ୍ରମିକମାନଙ୍କୁ ପଚାରିବାରୁ ସେମାନେ କହିଥିଲେ ଯେ, ବସକୁ ଅପେକ୍ଷା କରିଥିଲୁ। କିନ୍ତୁ ଡାଲା ଅଟୋଟି ଆସୁଥିବା ଦେଖି ସେଥିରେ ଚାଲି ଆସିଲୁ।

ତେବେ ନିଜ ଜୀବନକୁ ବାଜି ଲଗାଇ ଏଭଳି ଆସିବା ଉଚିତ ନୁହେଁ ବୋଲି କହିବାରୁ ସେମାନେ କହିଥିଲେ ଯେ, କ'ଣ କରିବୁ କାମ ଗଲେ ତ ଚଳିବୁ। ଖାଲି ଏମାନେ ନୁହଁନ୍ତି। ସହରକୁ ବିଭିନ୍ନ ଗାଁରୁ ଶ୍ରମିକମାନେ ଯେନତେନ ପ୍ରକାରେ ଯାତ୍ରୀବାହୀ ଅଟୋ ହେଉ କି ବସରେ ଖୁନ୍ଦି ହୋଇ ଆସୁଥିବା ଦେଖିବାକୁ ମିଳୁଛି। ସେହିପରି ଅନେକ ଅଟୋ ସ୍କୁଲ ପିଲାମାନଙ୍କୁ ବି ଖୁନ୍ଦି ଆଣୁଛନ୍ତି। ସେହିପରି ଅନ୍ୟ ଏକ ଘଟଣାକୁ ଯଦି ଦେଖାଯାଏ ସନ୍ଧ୍ୟାରେ ବ୍ରହ୍ମପୁରରେ ଝିପି ଝିପି ବର୍ଷା ସମୟରେ ଗୋଟିଏ ବାଇକରେ ୩ଜଣ ଆସୁଥିବା ବେଳେ ଦ୍ରୁତ ଗତି ଯୋଗୁ ଗଜପତି ନଗର ନିକଟରେ ବାଇକ ସ୍ଲିପ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି କମାପଲ୍ଲୀ ପଟୁ ଆସୁଥିବା ଏକ ବାଇକ୍‌ରେ ୪ଜଣ ବସି ଆସୁଥିଲେ। ବ୍ରେକ ନ ଧରିବାରୁ ଅନ୍ୟ ଗାଡିରେ ପିଟି ହୋଇଥିବା ଦେଖିବାକୁ ମିଳିଥିଲା। ଲୋକଙ୍କ ଏଭଳି ଅସଚେତନତାରୁ ଅନେକ ଛୋଟବଡ ଦୁର୍ଘଟଣା ଦେଖିବାକୁ ମିଳୁଛି। ଅନେକ ଜୀବନ ବି ଯାଉଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଏସପି ରମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଲେ ଯେ, ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏଥି ସହିତ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ସଚେତନ କରାଯାଉଛି। ଗାଡି ଚାଳକମାନେ ଟ୍ରାଫିକ ନିୟମ ମାନିବା ଦରକାର। ସେହିପରି ଜନସାଧାରଣ ଅଧିକ ସଚେତନ ହେଲେ ଦୁର୍ଘଟଣାଜନିତ ମୃତ୍ୟୁ ଯଥେଷ୍ଟ ହ୍ରାସ ପାଇବ ବୋଲି ସେ କହିଛନ୍ତି।

ଘରୁ ଡାକି ଯୁବକଙ୍କୁ ହାଣିଥିଲେ, ୩ ବନ୍ଧାହେଲେ

ବ୍ରହ୍ମପୁର,୨୨।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ସଦର ଥାନା ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀ ଓରଫ ଶିବାଙ୍କୁ ଘରୁ ଡାକି ନେଇ ଗତ ୧୭ ତାରିଖ ରାତିରେ ହାଣି ହତ୍ୟା ପରେ ଡେଙ୍ଗାପଦର ନିକଟ ପୋଖରୀ ଫିଙ୍ଗି ଦିଆଯାଇଥିଲା। ଏ ନେଇ ଶିବାଙ୍କ ବାପା ରାମକୃଷ୍ଣ ଚୌଧୁରୀ ସଦର ଥାନାରେ ଅଭିଯୋଗ କରିଥିଲେ। ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ କାବୁ କରିଛି। ତଦନ୍ତରେ ବାଧା ଦୃଷ୍ଟିରୁ ସେମାନଙ୍କ ନାମ ପ୍ରକାଶ କରି ନଥିବାବେଳେ ପଚରାଉଚରା ଜାରି ରଖିଛି। ଅଭିଯୁକ୍ତ ମାନେ ଦକ୍ଷିଣପୁର ଗ୍ରାମର ଜଣେ ଜେଲ ଫେରନ୍ତାଙ୍କୁ ହତ୍ୟା କରିବାକୁ ଟାର୍ଗେଟ କରିଥିଲେ। ହେଲେ ତାଙ୍କୁ ଘରେ ନପାଇ ତାଙ୍କର ସହଯୋଗୀଙ୍କୁ ହତ୍ୟା କରିଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣାର ମାଷ୍ଟରମାଇଣ୍ଡଙ୍କୁ ଧରିବା ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଗତ ସୋମବାର ରାତି ପ୍ରାୟ ସାଢ଼େ ୧୧ଟାରେ କେତେକ ସାଙ୍ଗ ଶିବାଶିଷଙ୍କ ଘରକୁ ଯାଇ କୌଣସି କାମରେ ତାଙ୍କୁ ଡାକି ନେଇଥିଲେ। ରାତିରେ ସେ ଘରକୁ ଫେରି ନ ଥିଲେ। ବୁଧବାର ସକାଳେ ଡେଙ୍ଗାପଦର ଗାଁ ନିକଟସ୍ଥ ପୋଖରୀରେ ଭାସୁଥିବା ତାଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା।

ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ସମ୍ମିଳନୀ

ସମ୍ମିଳନୀରେ ଉପସ୍ଥିତ ପ୍ରଧାନଶିକ୍ଷକମାନେ।

ବ୍ରହ୍ମପୁର,୨୨।୯(ସ୍ୱାଧୀନ ଶେଖର ପାଢ଼ୀ)

ରଙ୍ଗେଇଲୁଣ୍ଡା ବ୍ଲକ ପାକାନାଟି ଆଦର୍ଶ ଉଚ୍ଚ ବିଦ୍ୟାଳୟ ଗୋପାଳପୁର ବେଳାଭୂମି ପରିସରରେ ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ମାସିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ଦେବେନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ମହାନଗର ନିଗମ ତଥା ବ୍ଲକର ୫୦ରୁ ଅଧିକ ପ୍ରଧାନଶିକ୍ଷକ ଅଂଶଗ୍ରହଣ କରି ବିଦ୍ୟାଳୟ ପରିଚାଳନା ସମ୍ପର୍କ ତଥା ୟୁଡ଼ାଇସର ବ୍ୟବହାର କୌଶଳ ଜନିତ ବିଭିନ୍ନ ତାଲିମ ଦେଇଥିଲେ। ସିଟିହାଇସ୍କୁଲ ପ୍ରଧାନଶିକ୍ଷକ ପନ୍ନଗ ଭୂଷଣ ମାଝୀ ପ୍ରଧାନଶିକ୍ଷକମାନଙ୍କୁ ୟୁଡ଼ାଇସର ବ୍ୟବହାର ସମ୍ପର୍କରେ ତାଲିମ ଦେଇଥିଲେ। ବ୍ଲକ କୋଡ଼ିନେଟର ତଥା ମୋ ସ୍କୁଲ ତତ୍ତ୍ୱବଧାରିକା ପାୟଲ ଦାସ ଅକାଂକ୍ଷା କ୍ଲବ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଗାୟତ୍ରୀବାଳା ସାହୁ, ପୂଜା ପାଢ଼ୀ, ରଶ୍ମିତା ମହାଙ୍କୁଡ, ଏସ. ସୌଜନ୍ୟା, ବିନାୟକ ତ୍ରିପାଠୀ, ରବିଶଙ୍କର ପାଣିଗ୍ରାହୀ, ଏମ କୈଳାସ,ସିଏଚ ଚନ୍ଦ୍ର ମୋହନ ରେଡ୍ଡୀ, ସ୍ୱର୍ଣ୍ଣ ସାହୁ ସହଯୋଗ କରିଥିଲେ।

ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ନେଇ ଟିପିଏସ୍‌ଓଡିଏଲ୍‌ର ପ୍ରଚାର ଅଭିଯାନ

ବ୍ରହ୍ମପୁର,୨୨।୯(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସଓଡିଏଲ ସୌର ଶକ୍ତି ବ୍ୟବହାର ବଢାଇବା ପାଇଁ ସମଗ୍ର ଦକ୍ଷିଣ ଓଡିଶାରେ ପିଏମ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାକୁ ପ୍ରୋତ୍ସାହିତ କରୁଛି। ଲୋକଙ୍କୁ ସୁଲଭ ସୌର ଶକ୍ତି ଯୋଗାଇବା ସହ ଏକ ସ୍ଥାୟୀ, ସବୁଜ ଭବିଷ୍ୟତ ଗଢିବା ହେଉଛି ଏହି ଯୋଜନାର ଉଦ୍ଦେଶ୍ୟ। ବୌଦ୍ଧ, ଜୟପୁର, ରାୟଗଡା, ମାଲକାନଗିରି, ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ କନ୍ଧମାଳ ଜିଲାରେ ଷ୍ଟଲ, ଆରଟରିଚ କାର୍ଯ୍ୟକ୍ରମ ଓ ବିକାଶ ମେଳାରେ ଅଂଶଗ୍ରହଣ ମାଧ୍ୟମରେ ଟିପିଏସଓଡିଏଲ ପକ୍ଷରୁ ପ୍ରଚାର ପ୍ରସାର କରାଯାଉଛି। ଏହି ଯୋଜନାରେ ଉପଭୋକ୍ତା ନିଜ ଘରେ ୩ କିଲୋୱାଟ କ୍ଷମତା ପର୍ଯ୍ୟନ୍ତ ସୌର ପ୍ୟାନେଲ ସ୍ଥାପନ କରିପାରିବେ। ଯାହା ଦ୍ୱାରା ମାସିକ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ସଞ୍ଚୟ ହୋଇପାରିବ। ଉକ୍ତ ଯୋଜନାରେ ସବସିଡି ମିଳିବା ସହ ୭୮ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବ। ସବୁ ବର୍ଗର ଉପଭୋକ୍ତାଙ୍କ ପାଇଁ ଏହା ଉପଲବ୍ଧ ହେବ। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ସ୍ୱଚ୍ଛ ଓ ଅକ୍ଷୟ ଶକ୍ତି ଆପଣାଇବା ପାଇଁ ନାଗରିକଙ୍କୁ ସଶକ୍ତ କରିବା ଦିଗରେ ଏହି ଯୋଜନା ଏକ ବୈପ୍ଳବିକ ପଦକ୍ଷେପ।

ଗିରି ମାର୍କେଟ ନୂତନ କୋଠା ନିର୍ମାଣ ନେଇ ବୈଠକ

ବୈଠକରେ ଉପସ୍ଥିତ ମେୟର, କମିଶନର ଓ ଅନ୍ୟମାନେ।

ବ୍ରହ୍ମପୁର,୨୨।୯(ସ୍ମୃତି ରଞ୍ଜନ ମହାଲିକ)

ଗିରି ମାର୍କେଟ କୋଠା ଭଙ୍ଗାଯିବାର ଦୀର୍ଘ ବର୍ଷ ପରେ ଏବେ ନୂତନ କୋଠା ନିର୍ମାଣ ନେଇ ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପକ୍ଷରୁ ଯୋଜନା ଆରମ୍ଭ ହୋଇଛି। ବିଇଏମସି ପରିସରରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡି ଓ କମିଶନର ଭବାନୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ଏକ ବୈଠକ ହୋଇଥିଲା। ବୈଠକରେ ଆର୍କିଟେକଚରଙ୍କ ଦ୍ୱାରା ଗିରି ମାର୍କେଟ କୋଠାର ନକ୍ସାକୁ ପ୍ରଦର୍ଶନ କରାଯାଇଥିଲା। ୯୭ କୋଟି ଟଙ୍କା ବ୍ୟୟରେ ୫ ମହଲା ବିଶିଷ୍ଟ କୋଠା ନିର୍ମାଣ ନେଇ ଯୋଜନା କରାଯାଇଛି। ଏଥିରେ ୧୪୦ ହୋଲସେଲ ଦୋକାନ ଓ ୭୦ରୁ ୮୦ ରିଟେଲର ଦୋକାନ ରହିବ। ୨ ପାର୍କିଂ ସ୍ଥଳ ନିର୍ମାଣ କରାଯିବ। ଫୁଡ କୋର୍ଟ ଓ ଆଇମ୍ୟାକ୍ସ ସିନେମା ହଲ ରହିବ। ପାର୍କିଂ ସ୍ଥଳକୁ ଅଧିକ ବୃଦ୍ଧି ପାଇଁ କର୍ପୋରେଟରମାନେ ମତ ରଖିଥିଲେ। କମିଶନର ସହମତି ପ୍ରକାଶ କରି ଏଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ବ୍ୟବସାୟୀ ଓ ଗ୍ରାହକଙ୍କ ନିମନ୍ତେ ଶୌଚାଳୟ ରହିବ। ସର୍ବସାଧାରଣଙ୍କ ସୁବିଧାକୁ ଗୁରୁତ୍ୱ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆଗାମୀ ଦିନରେ ବୃତାନ୍ତ ନକ୍ସା ପ୍ରସ୍ତୁତି ପରେ ଟେଣ୍ଡର କରାଯିବ। କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା, ଦ୍ରୁପତି ପାତ୍ର, ଅଶ୍ୱିନୀ କୁମାର ପଟ୍ଟନାୟକ, ଦୁର୍ଗା ଲାୟକ, ଡି କରୁଣାକାର, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ପାର୍ବତୀ ପ୍ରଧାନ, ସୋନାଲି ଗନ୍ତାୟତଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ।

ରୋଟାରୀ କ୍ଲବ ପକ୍ଷରୁ ଜିଲାର ୫୩ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୨୨।୯(ସ୍ୱାଧୀନ ଶେଖର ପାଢ଼ୀ) ସ୍ଥାନୀୟ ପ୍ରେମ ନଗର ସ୍ଥିତ ରୋଟାରୀ କ୍ଲବ ହଲ ପରିସରରେ ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ହୋଇଯାଇଛି। ଜିଲାର ବିଭିନ୍ନ ବିଦ୍ୟାଳୟର ୫୩ ଉତ୍ତମ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ରୋଟାରିଆନ ସିଏ ଆର ଲକ୍ଷ୍ମୀ ତରୁଣ ସମ୍ବର୍ଦ୍ଧିତ ଶିକ୍ଷକ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ରୋଟାରିଆନ ପ୍ରଶାନ୍ତ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ହୃଦରୋଗ ବିଶେଷଜ୍ଞ ଡ଼ା. ରିତେଶ ଆଚାର୍ଯ୍ୟ ଯୋଗ ଦେଇ ହୃଦଘାତ କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ କହିଥିଲେ। କ୍ଲବର ସଦସ୍ୟ ରୋଟାରିଆନ ଭେଙ୍କଟ ଆନନ୍ଦ, ସରିତା ପ୍ରିୟଦର୍ଶିନୀ, ମଧୁସ୍ମିତା ସାହୁ, ମିହିର ପାଣିଗ୍ରାହୀ, ଭି. ସତ୍ୟନାରାୟଣ, ଏମ. ପ୍ରବୀଣ ଓ ଭି. ଅଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

ଘରୋଇ ବ୍ୟାଙ୍କରେ ଚାକିରି ଦେବାକୁ କହି ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୨।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଘରୋଇ ବ୍ୟାଙ୍କରେ ଚାକିରି ଦେବାକୁ କହି ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଓ ତାଙ୍କୁ ଠକିବା ଅଭିଯୋଗରେ ପୁରୁଷୋତ୍ତମପୁର ପ୍ରଧାନ କଲୋନୀ ରଥ ସାହିର ରବୀନ୍ଦ୍ର ମହାରଣା ଓରଫ ପପୁ(୨୯)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଏକ ମୋବାଇଲ ଓ କିଛି ଫଟୋ ଜବତ କରିଛି। ନଂ ୨୬୩/୨୪ରେ ପପୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ଟାଉନ ଥାନା ଅଞ୍ଚଳରେ ରହୁଥିବା ଅଭିଯୋଗକାରୀ ଯୁବତୀ ଜଣଙ୍କ ଏମବିଏ ପାଠ ଶେଷ ପରେ ଚାକିରି ସନ୍ଧାନରେ ଥିଲେ । ଏହି ସମୟରେ କ୍ୟାପିଟାଲ ସ୍କଲ ଫାଇନାନ୍ସ ବ୍ୟାଙ୍କରେ ଅଫିସ ଆସିଷ୍ଟାଣ୍ଟ ପଦବୀ ପାଇଁ ବିଜ୍ଞାପନ ବାହାରିଥିବା ଯୁବତୀ ଜଣଙ୍କ ଅନଲାଇନରେ ଦେଖିବାକୁ ପାଇଥିଲେ। ଏହାପରେ ରବୀନ୍ଦ୍ର ଯୁବତୀଙ୍କ ସହ ଯୋଗାଯୋଗ କରିବା ସହ ଆଭାସୀରେ ତାଙ୍କର ସାକ୍ଷାତକାର ନେଇଥିଲେ । ପରେ ଯୁବତୀ ଜଣଙ୍କ ରବୀନ୍ଦ୍ର ସହ ନିୟମିତ ଯୋଗାଯୋଗରେ ରହିଥିଲେ । ଯୁବତୀଙ୍କ ଠାରୁ ୫୦୦୦ ଟଙ୍କା ନେବା ସହ ତାଙ୍କ ନାମରେ ଏକ ଲୋନ ଆକାଉଣ୍ଟ ଖୋଲି ସେଥିରୁ ୨୦ ହଜାର ଟଙ୍କା ଉଠାଇ ନେଇଥିଲେ। ରବୀନ୍ଦ୍ର ତାଙ୍କ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିବାରୁ ଯୁବତୀ ଜଣକ ତାଙ୍କ କଥାରେ ରାଜି ହୋଇଥିଲେ । କିଛି ଦିନ ପରେ ଚାକିରି ପାଇଁ ଅଫର ଲେଟର ଦେବାକୁ ରବୀନ୍ଦ୍ର ଯୁବତୀଙ୍କୁ ବିଜିପୁର ସ୍ଥିତ ଏକ ହୋଟେଲକୁ ଡାକିଥିଲେ। ରବୀନ୍ଦ୍ରଙ୍କ କଥା ଶୁଣି ଯୁବତୀ ଜଣଙ୍କ ତାଙ୍କ ସହ ୩ ଦିନ ଯାଏଁ ସେହି ହୋଟେଲ ରୁମରେ ରହିଥିଲେ । ଏହାଭିତରେ ରବୀନ୍ଦ୍ର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ଯୁବତୀ ଜଣଙ୍କ ଅଫର ଲେଟର ମାଗିବାରୁ ତାଙ୍କୁ ଧମକ ଦେଇ ତାଙ୍କ ଫଟୋକୁ ଏଡିଟ କରି ଭାଇରାଲ କରିବେ ବୋଲି ଡରାଇଥିଲେ। ପରେ ଯୁବତୀ ଜଣକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯୁବତୀଙ୍କ ବୟାନ ରେକର୍ଡ କରି ଡାକ୍ତରୀ ମାଇନା କରାଇଥିଲା। ଅଭିଯୁକ୍ତଙ୍କର ମଧ୍ୟ ଡାକ୍ତରୀ ମାଇନା କରାଯାଇଥିଲା। ଏପରିକି ଧାରା ୧୬୪ ଅନୁସାରେ ପିଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

ପୁରୁଷୋତ୍ତମପୁରରେ ବୁଲିଲା ଖଣ୍ଡା, ୨ ଆହତ

ପୁରୁଷୋତ୍ତମପୁର,୨୨।୯(ସୀମାଞ୍ଚଳ ମିଶ୍ର)

ଭାଜପା କର୍ମୀଙ୍କୁ ଘରେ ପଶି ଆକ୍ରମଣ ଅଭିଯୋଗ

ପୁରୁଷୋତ୍ତମପୁରରେ ରାଜନୈତିକ ଶତ୍ରୁତାରୁ ରବିବାର ଗୋଷ୍ଠୀ ସଂଘର୍ଷ ହୋଇଛି। ସହରରେ ଖଣ୍ଡା ବୁଲିଛି। ଆକ୍ରମଣରେ ଉଭୟ ଗୋଷ୍ଠୀର ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଖଲ୍ଲିକୋଟର ତୋଫାନ ମହାରଣା ଓ ପୁରୁଷୋତ୍ତମପୁରର ତିରୁପତି ଦୋରା।

ପୁରୁଷୋତ୍ତମପୁର ଏନଏସିରେ ଗତ ୧୨ ତାରିଖରେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ହୋଇଥିଲା। ଏଥିରେ ଅଧ୍ୟକ୍ଷାଙ୍କ ବିରୋଧରେ ୧୦ଟି ଭୋଟ ଯାଇଥିଲା। ଫଳରେ ଭାଜପାକୁ ସଫଳତା ମିଳିଥିଲା। ଅଧ୍ୟକ୍ଷା ଓ ତାଙ୍କ ସମର୍ଥିତ କାଉନସିଲର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାରୁ ଏହାର ଶୁଣାଣି ସୋମବାରକୁ ରହିଛି। ଏନଏସିରେ ଦଳୀୟ ସ୍ଥିତି ପରଖିବା ସହ କର୍ମୀଙ୍କ ସହ ଆଲୋଚନା କରିବା ପାଇଁ ଭାଜପାର ପ୍ରତିନିଧି ଭାବେ ଖଲ୍ଲିକୋଟ ସ୍ୱାସ୍ଥ୍ୟ କଲୋନୀର ତୋଫାନ ମହାରଣା ଆସି ପୁରୁଷୋତ୍ତମପୁରର ଭାଜପା କର୍ମୀ ସୁରେଶ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ।

ସେ ସୁରେଶଙ୍କ ଘରେ ଥିବା ବେଳେ ହଠାତ ଅମୁଣିଆ ସାହିର କେତେଜଣ ଯୁବକ ଓ ଅନ୍ୟ କେତେଜଣ ମାରଣାସ୍ତ୍ର ଧରି ମହାରଣାଙ୍କୁ ଘୋଷାଡି ଆଣି ମାଡ଼ ମାରିବାରୁ ସେ ଆହତ ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣା ପ୍ରଘଟ ପରେ ମହରଣାଙ୍କ ସମର୍ଥକମାନେ ମଧ୍ୟ ଘଟଣା ସ୍ଥଳକୁ ଆସିଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ତିରୁପତି ଦୋରା ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଛି। ଏନେଇ ମହାରଣାଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ନଂ. ୬୦୬/୨୪ରେ ମାମଲା ରୁଜୁକରି ଜଣଙ୍କୁ ଧରିଆଣି ପୋଲିସ ପଚାରାଉଚରା କରୁଛି। ଆଇଆଇସି ବିପିନ ବିହାର

୨ ଦିନରେ ୭ ଜଣଙ୍କୁ କାମୁଡ଼ିଲାଣି ବିଲୁଆ

ଆନନ୍ଦପୁର,୨୨।୯(ଉମେଶ ଚନ୍ଦ୍ର ପାଢ଼ୀ) କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଞ୍ଚଳ ବରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଗତ ୨ ଦିନ ମଧ୍ୟରେ ପାଗଳ ବିଲୁଆ କାମୁଡ଼ାରେ ୭ ଜଣ ଆହତ ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଛେଳି ମଧ୍ୟ କ୍ଷତାକ୍ତ ହୋଇଛନ୍ତି। ବିଲୁଆ ଆକ୍ରମଣରେ ନୂହାମାଳିଆ ଗ୍ରାମର କାହ୍ନୁଚରଣ ମୁଣ୍ଡା (୩୪), ଶ୍ୟାମ ମୁଣ୍ଡା (୩୦) ଏବଂ ସେହି ଗ୍ରାମର ବୈରାଗି ମୁଣ୍ଡାଙ୍କ ୧୦ରୁ ଊର୍ଦ୍ଧ୍ୱ ଛେଳି ଗୁରୁତର ହୋଇଛନ୍ତି। ସେହିପରି ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ପଡ଼ା ଗ୍ରାମ କୀର୍ତନପାଟିଆର ଚନ୍ଦ୍ରମୋହନ ଚମ୍ପିଆ, ନାନିକାବାହାଳିପଡ଼ା ଗ୍ରାମର ୩ରୁ ଊର୍ଦ୍ଧ୍ୱ ମହିଳା ଏବଂ ଜଣେ ଶିଶୁ ପାଗଳ ବିଲୁଆ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ଲୋକେ ସଂଘବଦ୍ଧ ହୋଇ ଗୋଟିଏ ବିଲୁଆକୁ ପିଟିମାରି ଦେଇଥିବା ଜଣାପଡ଼ିଛି। ଅପରପକ୍ଷେ ସ୍ଥାନୀୟ ବନବିଭାଗ ପକ୍ଷରୁ ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯାଇ ତୁରନ୍ତ ଆର୍ଥିକ କ୍ଷତିପୂରଣ ଦେବାକୁ ପୀଡ଼ିତ ପରିବାର ପକ୍ଷରୁ ଦାବି କରାଯାଇଛି।

ତା୧୩।୦୯।୨୦୨୪ ରିଖରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "AU" ସିରିଜ୍ ଉଠାଣର ଫଳାଫଳ

No. TT-

First Prize	Rs.500000/-	03185371					
Second Prize	Rs.300000/-	08340305	03910470				
Third Prize	Rs.200000/-	01477956	06390716	10461751			
Fourth Prize	Rs.100000/-	04485254	02563679	00585507	03333186		
Fifth Prize	Rs.50000/-	03658520	00568662	01836975	06735900	06020758	
Sixth Prize	Rs.25000/-	12439639	08972277	00074303	06331662	04817050	01152956

Seventh Prize Rs.10000/-

00000005 00051465 00102925 00154385 00205845 00257305 00308765 00360225
00411685 00463145 00514605 00566065 00617525 00668985 00720445 00771905
00823365 00874825 00926285 00977745 01029205 01080665 01132125 01183585
01235045 01286505 01337965 01389425 01440885 01492345 01543805 01595265
01646725 01698185 01749645 01801105 01852565 01904025 01955485 02006945
02058405 02109865 02161325 02212785 02264245 02315705 02367165 02418625
02470085 02521545 02573005 02624465 02675925 02727385 02778845 02830305
02881765 02933225 02984685 03036145 03087605 03139065 03190525 03241985
03293445 03344905 03396365 03447825 03499285 03550745 03602205 03653665
03705125 03756585 03808045 03859505 03910965 03962425 04013885 04065345
04116805 04168265 04219725 04271185 04322645 04374105 04425565 04477025
04528485 04579945 04631405 04682865 04734325 04785785 04837245 04888705
04940165 04991625 05043085 05094545 05146005 05197465 05248925 05300385
05351845 05403305 05454765 05506225 05557685 05609145 05660605 05712065
05763525 05814985 05866445 05917905 05969365 06020825 06072285 06123745
06175205 06226665 06278125 06329585 06381045 06432505 06483965 06535425
06586885 06638345 06689805 06741265 06792725 06844185 06895645 06947105
06998565 07050025 07101485 07152945 07204405 07255865 07307325 07358785
07410245 07461705 07513165 07564625 07616085 07667545 07719005 07770465
07821925 07873385 07924845 07976305 08027765 08079225 08130685 08182145
08233605 08285065 08336525 08387985 08439445 08490905 08542365 08593825
08645285 08696745 08748205 08799665 08851125 08902585 08954045 09005505
09056965 09108425 09159885 09211345 09262805 09314265 09365725 09417185
09468645 09520105 09571565 09623025 09674485 09725945 09777405 09828865
09880325 09931785 09983245 10034705 10086165 10137625 10189085 10240545
10292005 10343465 10394925 10446385 10497845 10549305 10600765 10652225
10703685 10755145 10806605 10858065 10909525 10960985 11012445 11063905
11115365 11166825 11218285 11269745 11321205 11372665 11424125 11475585
11527045 11578505 11629965 11681425 11732885 11784345 11835805 11887265
11938725 11990185 12041645 12093105 12144565 12196025 12247485 12298945
12350405 12401865 12453325 12504785 12556245 12607705 12659165 12710625
12762085 12813545

Eighth Prize Rs.4000/-

00000005 00005155 00010305 00015455 00020605 00025755 00030905 00036055
00041205 00046355 00051505 00056655 00061805 00066955 00072105 00077255
00082405 00087555 00092705 00097855 00103005 00108155 00113305 00118455
00123605 00128755 00133905 00139055 00144205 00149355 00154505 00159655
00164805 00169955 00175105 00180255 00185405 00190555 00195705 00200855
00206005 00211155 00216305 00221455 00226605 00231755 00236905 00242055
00247205 00252355 00257505 00262655 00267805 00272955 00278105 00283255
00288405 00293555 00298705 00303855 00309005 00314155 00319305 00324455
00329605 00334755 00339905 00345055 00350205 00355355 00360505 00365655
00370805 00375955 00381105 00386255 00391405 00396555 00401705 00406855
00412005 00417155 00422305 00427455 00432605 00437755 00442905 00448055
00453205 00458355 00463505 00468655 00473805 00478955 00484105 00489255
00494405 00499555 00504705 00509855 00515005 00520155 00525305 00530455
00535605 00540755 00545905 00551055 00556205 00561355 00566505 00571655
00576805 00581955 00587105 00592255 00597405 00602555 00607705 00612855
00618005 00623155 00628305 00633455 00638605 00643755 00648905 00654055
00659205 00664355 00674655 00679805 00684955 00690105 00695255 00700405
00705555 00710705 00715855 00721005 00726155 00731305 00736455 00741605
00746755 00751905 00757055 00762205 00767355 00772505 00777655 00782805
00787955 00793105 00798255 00803405 00808555 00813705 00818855 00824005
00829155 00834305 00839455 00844605 00849755 00854905 00860055 00865205
00870355 00875505 00880655 00885805 00890955 00896105 00901255 00906405
00911555 00916705 00921855 00927005 00932155 00937305 00942455 00947605
00952755 00957905 00963055 00968205 00973355 00978505 00983655 00988805
00993955 00999105 01004255 01009405 01014555 01019705 01024855 01030005
01035155 01040305 01045455 01050605 01055755 01060905 01066055 01071205
01076355 01081505 01086655 01091805 01096955 01102105 01107255 01112405
01117555 01122705 01127855 01133005 01138155 01143305 01148455 01153605
01158755 01163905 01169055 01174205 01179355 01184505 01189655 01194805
01199955 01205105 01210255 01215405 01220555 01225705 01230855 01236005
01241155 01246305 01251455 01256605 01261755 01266905 01272055 01277205
01282355 01287505 01292655 01297805 01302955 01308105 01313255 01318405
01323555 01328705 01333855 01339005 01344155 01349305 01354455 01359605
01364755 01369905 01375055 01380205 01385355 01390505 01395655 01400805
01405955 01411105 01416255 01421405 01426555 01431705 01436855 01442005
01447155 01452305 01457455 01462605 01467755 01472905 01478055 01483205
01488355 01493505 01498655 01503805 01508955 01514105 01519255 01524405
01529555 01534705 01539855 01545005 01550155 01555305 01560455 01565605
01570755 01575905 01581055 01586205 01591355 01596505 01601655 01606805
01611955 01617105 01622255 01627405 01632555 01637705 01642855 01648005
01653155 01658305 01663455 01668605 01673755 01678905 01684055 01689205
01694355 01699505 01704655 01709805 01714955 01720105 01725255 01730405
01735555 01740705 01745855 01751005 01756155 01761305 01766455 01771605
01776755 01781905 01787055 01792205 01797355 01802505 01807655 01812805
01817955 01823105 01828255 01833405 01838555 01843705 01848855 01854005
01859155 01864305 01869455 01874605 01879755 01884905 01890055 01895205
01900355 01905505 01910655 01915805 01920955 01926105 01931255 01936405
01941555 01946705 01951855 01957005 01962155 01967305 01972455 01977605
01982755 01987905 01993055 01998205 02003355 02008505 02013655 02018805
02023955 02029105 02034255 02039405 02044555 02049705 02054855 02060005
02065155 02070305 02075455 02080605 02085755 02090905 02096055 02101205
02106355 02111505 02116655 02121805 02126955 02132105 02137255 02142405
02147555 02152705 02157855 02163005 02168155 02173305 02178455 02183605
02188755 02193905 02199055 02204205 02209355 02214505 02219655 02224805
02229955 02235105 02240255 02245405 02250555 02255705 02260855 02266005
02271155 02276305 02281455 02286605 02291755 02296905 02302055 02307205
02312355 02317505 02322655 02327805 02332955 02338105 02343255 02348405
02353555 02358705 02363855 02369005 02374155 02379305 02384455 02389605
02394755 02399905 02405055 02410205 02415355 02420505 02425655 02430805
02435955 02441105 02446255 02451405 02456555 02461705 02466855 02472005
02477155 02482305 02487455 02492605 02497755 02502905 02508055 02513205
02518355 02523505 02528655 02533805 02538955 02544105 02549255 02554405
02559555 02564705 02569855 02575005 02580155 02585305 02590455 02595605
02600755 02605905 02611055 02616205 02621355 02626505 02631655 02636805
02641955 02647105 02652255 02657405 02662555 02667705 02672855 02678005
02683155 02688305 02693455 02698605 02703755 02708905 02714055 02719205
02724355 02729505 02734655 02739805 02744955 02750105 02755255 02760405
02765555 02770705 02775855 02781005 02786155 02791305 02796455 02801605
02806755 02811905 02817055 02822205 02827355 02832505 02837655 02842805
02847955 02853105 02858255 02863405 02868555 02873705 02878855 02884005
02889155 02894305 02899455 02904605 02909755 02914905 02920055 02925205
02930355 02935505 02940655 02945805 02950955 02956105 02961255 02966405
02971555 02976705 02981855 02987005 02992155 02997305 03002455 03007605
03012755 03017905 03023055 03028205 03033355 03038505 03043655 03048805
03053955 03059105 03064255 03069405 03074555 03079705 03084855 03090005
03095155 03100305 03105455 03110605 03115755 03120905 03126055 03131205
03136355 03141505 03146655 03151805 03156955 03162105 03167255 03172405
03177555 03182705 03187855 03193005 03198155 03203305 03208455 03213605
03218755 03223905 03229055 03234205 03239355 03244505 03249655 03254805
03259955 03265105 03270255 03275405 03280555 03285705 03290855 03296005
03301155 03306305 03311455 03316605 03321755 03326905 03332055 03337205
03342355 03347505 03352655 03357805 03362955 03368105 03373255 03378405
03383555 03388705 03393855 03399005 03404155 03409305 03414455 03419605
03424755 03429905 03435055 03440205 03445355 03450505 03455655 03460805
03465955 03471105 03476255 03481405 03486555 03491705 03496855 03502005
03507155 03512305 03517455 03522605 03527755 03532905 03538055 03543205
03548355 03553505 03558655 03568955 03574105 03579255 03584405 03589555
03594705 03599855 03605005 03610155 03615305 03620455 03625605 03630755
03635905 03641055 03646205 03651355 03656505 03661655 03666805 03671955
03677105 03682255 03687405 03692555 03697705 03702855 03708005 03713155
03718305 03723455 03728605 03733755 03738905 03744055 03749205 03754355
03759505 03764655 03769805 03774955 03780105 03785255 03790405 03795555
03800705 03805855 03811005 03816155 03821305 03826455 03831605 03836755
03841905 03847055 03852205 03857355 03862505 03867655 03872805 03877955
03883105 03888255 03893405 03898555 03903705 03908855 03914005 03919155
03924305 03929455 03934605 03939755 03944905 03950055 03955205 03960355
03965505 03970655 03975805 03980955 03986105 03991255 03996405 04001555
04006705 04011855 04017005 04022155 04027305 04032455 04037605 04042755
04047905 04053055 04058205 04063355 04068505 04073655 04078805 04083955
04089105 04094255 04099405 04104555 04109705 04114855 04120005 04125155
04130305 04135455 04140605 04145755 04150905 04156055 04161205 04166355
04171505 04176655 04181805 04186955 04192105 04197255 04202405 04207555
04212705 04217855 04223005 04228155 04233305 04238455 04243605 04248755
04253905 04259055 04264205 04269355 04274505 04279655 04284805 04289955
04295105 04300255 04305405 04310555 04315705 04320855 04326005 04331155
04336305 04341455 04346605 04351755 04356905 04362055 04367205 04372355
04377505 04382655 04387805 04392955 04398105 04403255 04408405 04413555
04418705 04423855 04429005 04434155 04439305 04444455 04449605 04454755
04459905 04465055 04470205 04475355 04480505 04485655 04490805 04495955
04501105 04506255 04511405 04516555 04521705 04526855 04532005 04537155
04542305 04547455 04552605 04557755 04562905 04568055 04573205 04578355
04583505 04588655 04593805 04598955 04604105 04609255 04614405 04619555
04624705 04629855 04635005 04640155 04645305 04650455 04655605 04660755
04665905 04671055 04676205 04681355 04686505 04691655 04696805 04701955
04707105 04712255 04717405 04722555 04727705 04732855 04738005 04743155
04748305 04753455 04758605 04763755 04768905 04774055 04779205 04784355
04789505 04794655 04799805 04804955 04810105 04815255 04820405 04825555
04830705 04835855 04841005 04846155 04851305 04856455 04861605 04866755
04871905 04877055 04882205 04887355 04892505 04897655 04902805 04907955
04913105 04918255 04923405 04928555 04933705 04938855 04944005 04949155
04954305 04959455 04964605 04969755 04980055 04985205 04990355 04995505
05000655 05005805 05010955 05016105 05021255 05026405 05031555 05036705
05041855 05047005 05052155 05057305 05062455 05067605 05072755 05077905
05083055 05088205 05093355 05098505 05103655 05108805 05113955 05119105
05124255 05129405 05134555 05139705 05144855 05150005 05155155 05160305
05165455 05170605 05175755 05180905 05186055 05191205 05196355 05201505
05206655 05211805 05216955 05222105 05227255 05232405 05237555 05242705
05247855 05253005 05258155 05263305 05268455 05273605 05278755 05283905
05289055 05294205 05299355 05304505 05309655 05314805 05319955 05325105
05330255 05335405 05340555 05345705 05350855 05356005 05361155 05366305
05371455 05376605 05381755 05386905 05392055 05397205 05402355 05407505
05412655 05417805 05422955 05428105 05433255 05438405 05443555 05448705
05453855 05459005 05464155 05469305 05474455 05479605 05484755 05489905
05495055 05500205 05505355 05510505 05515655 05520805 05525955 05531105
05536255 05541405 05546555 05551705 05556855 05562005 05567155 05572305
05577455 05582605 05587755 05592905 05598055 05603205 05608355 05613505
05618655 05623805 05628955 05634105 05639255 05644405 05649555 05654705
05659855 05665005 05670155 05675305 05680455 05685605 05690755 05695905
05701055 05706205 05711355 05716505 05721655 05726805 05731955 05737105
05742255 05747405 05752555 05757705 05762855 05768005 05773155 05778305
05783455 05788605 05793755 05798905 05804055 05809205 05814355 05819505
05824655 05829805 05834955 05840105 05845255 05850405 05855555 05860705
05865855 05871005 05876155 05881305 05886455 05891605 05896755 05901905
05907055 05912205 05917355 05922505 05927655 05932805 05937955 05943105
05948255 05953405 05958555 05963705 05968855 05974005 05979155 05984305
05989455 05994605 05999755 06004905 06010055 06015205 06020355 06025505
06030655 06035805 06040955 06046105 06051255 06056405 06061555 06066705
06071855 06077005 06082155 06087305 06092455 06097605 06102755 06107905
06113055 06118205 06123355 06128505 06133655 06138805 06143955 06149105
06154255 06159405 06164555 06169705 06174855 06180005 06185155 06190305
06195455 06200605 06205755 06210905 06216055 06221205 06226355 06231505
06236655 06241805 06246955 06252105 06257255 06262405 06267555 06272705
06277855 06283005 06288155 06293305 06298455 06303605 06308755 06313905
06319055 06324205 06329355 06334505 06339655 06344805 06349955 06355105
06360255 06365405 06370555 06375705 06380855 06386005 06391155 06396305
06401455 06406605 06411755 06416905 06422055 06427205 06432355 06437505
06442655 06447805 06452955 06458105 06463255 06468405 06473555 06478705
06483855 06489005 06494155 06499305 06504455 06509605 06514755 06519905
06525055 06530205 06535355 06540505 06545655 06550805 06555955 06561105
06566255 06571405 06576555 06581705 06586855 06592005 06597155 06602305
06607455 06612605 06617755 06622905 06628055 06633205 06638355 06643505
06648655 06653805 06658955 06664105 06669255 06674405 06679555 06684705
06689855 06695005 06700155 06705305 06710455 06715605 06720755 06725905
06731055 06736205 06741355 06746505 06751655 06756805 06761955 06767105
06772255 06777405 06782555 06787705 06792855 06798005 06803155 06808305
06813455 06818605 06823755 06828905 06834055 06839205 06844355 06849505
06854655 06859805 06864955 06870105 06875255 06880405 06885555 06890705
06895855 06901005 06906155 06911305 06916455 06921605 06926755 06931905
06937055 06942205 06947355 06952505 06957655 06962805 06967955 06973105
06978255 06983405 06988555 06993705 06998855 07004005 07009155 07014305
07019455 07024605 07029755 07034905 07040055 07045205 07050355 07055505
07060655 07065805 07070955 07076105 07081255 07086405 07091555 07096705
07101855 07107005 07112155 07117305 07122455 07127605 07132755 07137905
07143055 07148205 07153355 07158505 07163655 07168805 07173955 07179105
07184255 07189405 07194555 07199705 07204855 07210005 07215155 07220305
07225455 07230605 07235755 07240905 07246055 07251205 07256355 07261505
07266655 07271805 07276955 07282105 07287255 07292405 07297555 07302705
07307855 07313005 07318155 07323305 07328455 07333605 07338755 07343905
07349055 07354205 07359355 07364505 07369655 07374805 07379955 07385105
07390255 07395405 07400555 07405705 07410855 07416005 07421155 07426305
07431455 07436605 07441755 07446905 07452055 07457205 07462355 07467505
07472655 07477805 07482955 07488105 07493255 07508705 07513855 07519005
07524155 07529305 07534455 07539605 07544755 07549905 07555055 07560205
07565355 07570505 07575655 07580805 07585955 07591105 07596255 07601405
07606555 07611705 07616855 07622005 07627155 07632305 07637455 07642605
07647755 07652905 07658055 07663205 07668355 07673505 07678655 07683805
07688955 07694105 07699255 07704405 07709555 07714705 07719855 07725005
07730155 07735305 07740455 07745605 07750755 07755905 07761055 07766205
07771355 07776505 07781655 07786805 07791955 07797105 07802255 07807405
07812555 07817705 07822855 07828005 07833155 07838305 07843455 07848605
07853755 07858905 07864055 07869205 07874355 07879505 07884655 07889805
07894955 07900105 07905255 07910405 07915555 07920705 07925855 07931005
07936155 07941305 07946455 07951605 07956755 07961905 07967055 07972205
07977355 07982505 07987655 07992805 07997955 08003105 08008255 08013405
08018555 08023705 08028855 08034005 08039155 08044305 08049455 08054605
08059755 08064905 08070055 08075205 08080355 08085505 08090655 08095805
08100955 08106105 08111255 08116405 08121555 08126705 08131855 08137005
08142155 08147305 08152455 08157605 08162755 08167905 08173055 08178205
08183355 08188505 08193655 08198805 08203955 08209105 08214255 08219405
08224555 08229705 08234855 08240005 08245155 08250305 08255455 08260605
08265755 08270905 08276055 08281205 08286355 08291505 08296655 08301805
08306955 08312105 08317255 08322405 08327555 08332705 08337855 08343005
08348155 08353305 08358455 08363605 08368755 08373905 08379055 08384205
08389355 08394505 08399655 08404805 08409955 08415105 08420255 08425405
08430555 08440855 08446005 08451155 08456305 08461455 08466605 08471755
08476905 08482055 08487205 08492355 08497505 08502655 08507805 08512955
08518105 08523255 08528405 08533555 08538705 08543855 08549005 08554155
08559305 08564455 08569605 08574755 08579905 08585055 08590205 08595355
08600505 08605655 08610805 08615955 08621105 08626255 08631405 08636555
08641705 08646855 08652005 08657155 08662305 08667455 08672605 08677755
08682905 08688055 08693205 08698355 08703505 08708655 08713805 08718955
08724105 08729255 08734405 08739555 08744705 08749855 08755005 08760155
08765305 08770455 08775605 08780755 08785905 08791055 08796205 08801355
08806505 08811655 08816805 08821955 08827105 08832255 08837405 08842555
08847705 08852855 08858005 08863155 08868305 08873455 08878605 08883755
08888905 08894055 08899205 08904355 08909505 08914655 08919805 08924955
08930105 08935255 08940405 08945555 08950705 08955855 08961005 08966155
08971305 08976455 08981605 08986755 08991905 08997055 09002205 09007355
09012505 09017655 09022805 09027955 09033105 09038255 09043405 09048555
09053705 09058855 09064005 09069155 09074305 09079455 09084605 09089755
09094905 09100055 09105205 09110355 09115505 09120655 09125805 09130955
09136105 09141255 09146405 09151555 09156705 09161855 09167005 09172155
09177305 09182455 09187605 09192755 09197905 09203055 09208205 09213355
09218505 09223655 09228805 09233955 09239105 09244255 09249405 09254555
09259705 09264855 09270005 09275155 09280305 09285455 09290605 09295755
09300905 09306055 09311205 09316355 09321505 09326655 09331805 09336955
09342105 09347255 09352405 09357555 09362705 09367855 09373005 09378155
09383305 09388455 09393605 09398755 09403905 09409055 09414205 09419355
09424505 09429655 09434805 09439955 09445105 09450255 09455405 09460555
09465705 09470855 09476005 09481155 09491455 09496605 09501755 09506905
09512055 09517205 09522355 09527505 09532655 09537805 09542955 09548105
09553255 09558405 09563555 09568705 09573855 09579005 09584155 09589305
09594455 09599605 09604755 09609905 09615055 09620205 09625355 09630505
09635655 09640805 09645955 09651105 09656255 09661405 09666555 09671705
09676855 09682005 09687155 09692305 09697455 09702605 09707755 09712905
09718055 09723205 09728355 09733505 09738655 09743805 09748955 09754105
09759255 09764405 09769555 09774705 09779855 09785005 09790155 09795305
09800455 09805605 09810755 09815905 09821055 09826205 09831355 09836505
09841655 09846805 09851955 09857105 09862255 09867405 09872555 09877705
09882855 09888005 09893155 09898305 09903455 09908605 09913755 09918905
09924055 09929205 09934355 09939505 09944655 09949805 09954955 09960105
09965255 09970405 09975555 09985855 09991005 09996155 10001305 10006455
10011605 10016755 10021905 10027055 10032205 10037355 10042505 10047655
10052805 10057955 10063105 10068255 10073405 10078555 10083705 10088855
10094005 10099155 10104305 10109455 10114605 10119755 10124905 10130055
10135205 10140355 10145505 10150655 10155805 10160955 10166105 10171255
10176405 10181555 10186705 10191855 10197005 10202155 10207305 10212455
10217605 10222755 10227905 10233055 10238205 10243355 10248505 10253655
10258805 10263955 10269105 10274255 10279405 10284555 10289705 10294855
10300005 10305155 10310305 10315455 10320605 10325755 10330905 10336055
10341205 10346355 10351505 10356655 10361805 10366955 10372105 10377255
10382405 10387555 10392705 10397855 10403005 10408155 10413305 10418455
10423605 10428755 10433905 10439055 10444205 10454505 10459655 10464805
10469955 10475105 10480255 10485405 10490555 10495705 10500855 10506005
10511155 10516305 10521455 10526605 10531755 10536905 10542055 10547205
10552355 10557505 10562655 10567805 10572955 10578105 10583255 10588405
10593555 10598705 10603855 10609005 10614155 10619305 10624455 10629605
10634755 10639905 10645055 10650205 10655355 10660505 10665655 10670805
10675955 10681105 10686255 10691405 10696555 10701705 10706855 10712005
10717155 10722305 10727455 10732605 10737755 10742905 10748055 10753205
10758355 10763505 10768655 10773805 10778955 10784105 10789255 10794405
10799555 10804705 10809855 10815005 10820155 10825305 10830455 10835605
10840755 10845905 10851055 10856205 10861355 10866505 10871655 10876805
10881955 10887105 10892255 10897405 10902555 10907705 10912855 10918005
10923155 10928305 10933455 10938605 10943755 10948905 10954055 10959205
10964355 10969505 10974655 10979805 10984955 10990105 10995255 11000405
11005555 11010705 11015855 11021005 11026155 11031305 11036455 11041605
11051905 11057055 11062205 11067355 11072505 11077655 11082805 11087955
11093105 11098255 11103405 11108555 11113705 11118855 11124005 11129155
11134305 11139455 11144605 11149755 11154905 11160055 11165205 11170355
11175505 11180655 11185805 11190955 11196105 11201255 11206405 11211555
11216705 11221855 11227005 11232155 11237305 11242455 11247605 11252755
11257905 11263055 11268205 11273355 11278505 11283655 11288805 11293955
11299105 11304255 11309405 11314555 11319705 11324855 11330005 11335155
11340305 11345455 11350605 11355755 11360905 11366055 11371205 11376355
11381505 11386655 11391805 11396955 11402105 11407255 11412405 11417555
11422705 11427855 11433005 11438155 11443305 11448455 11453605 11458755
11463905 11469055 11474205 11479355 11484505 11489655 11494805 11499955
11505105 11510255 11515405 11520555 11525705 11530855 11536005 11541155
11546305 11551455 11556605 11561755 11566905 11572055 11577205 11582355
11587505 11592655 11597805 11602955 11608105 11613255 11618405 11623555
11628705 11633855 11639005 11644155 11649305 11654455 11659605 11664755
11669905 11675055 11680205 11685355 11690505 11695655 11700805 11705955
11711105 11716255 11721405 11726555 11731705 11736855 11742005 11747155
11752305 11757455 11762605 11767755 11772905 11778055 11783205 11788355
11793505 11798655 11803805 11808955 11814105 11819255 11824405 11829555
11834705 11839855 11845005 11850155 11855305 11860455 11865605 11870755
11875905 11881055 11886205 11891355 11896505 11901655 11906805 11911955
11917105 11922255 11927405 11932555 11937705 11942855 11948005 11953155
11958305 11963455 11968605 11973755 11978905 11984055 11989205 11994355
11999505 12004655 12009805 12014955 12020105 12025255 12030405 12035555
12040705 12045855 12051005 12056155 12061305 12066455 12071605 12076755
12081905 12087055 12092205 12097355 12102505 12107655 12112805 12117955
12123105 12128255 12133405 12138555 12143705 12148855 12154005 12159155
12164305 12169455 12174605 12179755 12184905 12190055 12195205 12200355
12205505 12210655 12215805 12220955 12226105 12231255 12236405 12241555
12246705 12251855 12257005 12262155 12267305 12272455 12277605 12282755
12287905 12293055 12298205 12303355 12308505 12313655 12318805 12323955
12329105 12334255 12339405 12344555 12349705 12354855 12360005 12365155
12370305 12375455 12380605 12385755 12390905 12396055 12401205 12406355
12411505 12416655 12421805 12426955 12432105 12437255 12442405 12447555
12452705 12457855 12463005 12468155 12473305 12478455 12483605 12488755
12493905 12499055 12504205 12509355 12514505 12519655 12524805 12529955
12535105 12540255 12545405 12550555 12555705 12560855 12566005 12571155
12576305 12581455 12586605 12591755 12596905 12602055 12607205 12612355
12617505 12622655 12627805 12632955 12638105 12643255 12648405 12653555
12658705 12663855 12669005 12674155 12679305 12684455 12689605 12694755
12699905 12705055 12710205 12715355 12720505 12725655 12730805 12735955
12741105 12746255 12751405 12756555 12761705 12766855 12772005 12777155
12782305 12787455 12792605 12797755 12802905 12808055 12813205 12818355
12823505 12828655 12833805 12838955 12844105 12849255 12854405 12859555

ପୁରସ୍କାର ଅର୍ଥ ପାଇବାର ନିୟମାବଳୀ

ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା 'ଏଟି' ସିରିଜ୍ ଉଠାଣର ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ରାଶି ପ୍ରାପ୍ତି ପାଇଁ 11.12.2024 ରିଖ ସୁଦ୍ଧା ନିମ୍ନଲିଖିତ ଦସ୍ତାବିଜ୍‌ଗୁଡ଼ିକ ସଂଲଗ୍ନ କରି, ପ୍ରଦତ୍ତ ଆବେଦନ ପତ୍ର ମାଧ୍ୟମରେ ରେଜିଷ୍ଟ୍ରି ଡାକଯୋଗେ କୁପନ ସଂଗୃହୀତ ହୋଇଥିବା ଜିଲ୍ଲାର ଜିଲ୍ଲାପାଳଙ୍କୁ ଆବେଦନ କରିବାକୁ ପଡ଼ିବ ।

(1) ପୁରସ୍କାର ବିଜୟୀ ମୂଳ କୁପନ ।
(2) ସମ୍ପୃକ୍ତ ସ୍ୱଳ୍ପ ସଞ୍ଚୟ ସାର୍ଟିଫିକେଟ/ପାସ୍‌ବୁକ୍‌ର ଅବିକଳ ନକଲ ।
(3) ପୁରସ୍କାର ରାଶି ଜମା ନିମନ୍ତେ ବ୍ୟାଙ୍କ ସେଭିଂସ୍ ପାସ୍‌ବୁକ୍‌ର ଅବିକଳ ନକଲ ।
(4) ନିଜସ୍ୱ ଠିକଣା ଲିଖିତ ଏକ ଡାକ ବିଭାଗୀୟ ଲଫାପା ।

ଆବେଦନ ପତ୍ରଗୁଡ଼ିକ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ନିର୍ଦ୍ଧାରିତ ଶେଷ ତାରିଖ 11.12.2024 ସୁଦ୍ଧା ପହଞ୍ଚିବା ଆବଶ୍ୟକ ।

ପୁରସ୍କାର ବିଜୟୀ ସ୍ୱଳ୍ପ ସଞ୍ଚୟ ସାର୍ଟିଫିକେଟ୍/ପାସ୍‌ବୁକ୍‌ଟି ଯୁଗ୍ମ ହୋଇଥିଲେ ପୁରସ୍କାର ରାଶି ପ୍ରାପ୍ତି ନିମନ୍ତେ ଉପସ୍ଥାପନ କରାଯାଇଥିବା ବ୍ୟାଙ୍କ ସେଭିଂସ୍ ପାସ୍‌ବୁକ୍‌ଟି ମଧ୍ୟ ଯୁଗ୍ମ ହୋଇଥିବା ନିତ୍ୟାନ୍ତ ଆବଶ୍ୟକ । ଏକାଧିକ ପୁରସ୍କାର ପାଇଁ ପୃଥକ୍ ପୃଥକ୍ ଦାବିପତ୍ର ଦାଖଲ କରିବାକୁ ପଡ଼ିବ ।

ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ପୁରସ୍କାର ବିଜେତାମାନେ ପୁରସ୍କାର ଅର୍ଥ ପାଇବା ନିମନ୍ତେ ଉପର ବର୍ଣ୍ଣିତ ସମସ୍ତ ପ୍ରମାଣପତ୍ର ସହ PAN Card ର ଅବିକଳ ନକଲ ସହିତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସହ ନିର୍ଦ୍ଦେଶକ ସଞ୍ଚୟ ଓ ଆର୍ଥିକ ସେବା/ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀଙ୍କ ନିକଟରେ ଦାଖଲ କରିବେ । ଏଥିସହିତ ଯୋଗାଯୋଗ ନିମନ୍ତେ ନିଜର ଟେଲିଫୋନ୍ ନମ୍ବର ପ୍ରଦାନ କରିବେ । ଉପର ସୂଚିତ ଶେଷ ତାରିଖ ପରେ ପହଞ୍ଚିଥିବା ଆବେଦନପତ୍ର ଗୁଡ଼ିକ ଗ୍ରହଣଯୋଗ୍ୟ ହେବନାହିଁ ।

ଉପରୋକ୍ତ ଉଠାଣର ଫଳାଫଳ ଓଡ଼ିଶା ସରକାରଙ୍କର ୱେବସାଇଟ୍ https://finance.odisha.gov.in/ ଏବଂ https://assa.odisha.gov.in/ ରେ ମଧ୍ୟ ଉପଲବ୍ଧ ।

ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର

ODISHA SMALL SAVINGS (INCENTIVE SCHEME) RULES, 2000 CLAIM BILL FOR PRIZE AMOUNT

a) Name & full address of the prize winner :

b) Father's / Husband's name :

c) Alphabetical Notation of Series : " AU " series

d) Date of draw : 13.09.2024.

e) Category of prize :

f) Amount of prize money :

g) Prize winning coupon number :

h) Details of Small Savings instruments i.e. Name of Scheme, Number, Date of issue, Amount etc. :

i) Type of Account (Single/Joint A/Joint B) :

j) Name of Post Office/ Bank in Odisha issuing the concerned Small Savings instruments :

k) Bank Account No. (S.B) :
Name of the Bank :
IFSC No. :

l) PAN No. :

m) Contact Tel. No. :

Full Signature of the Claimant
Date _____

OIPR-05001/11/0003/2425

ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ

ଶେରଗଡ,(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ ଥାନା ଅନ୍ତର୍ଗତ କୁମାରପାଣି ବଡତୋଟାରୁ ପୋଲିସ ରବିବାର ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ କରିଛି । ତାଙ୍କ ବୟସ ପ୍ରାୟ ୬୫ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଏ ନେଇ ଶେରଗଡ ଥାନାରେ ନଂ.୧୪/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବରେନ୍ଦ୍ର କୁମାର ସିଆଳ ସୂଚନା ଦେଇଛନ୍ତି।

ସଂକ୍ଷେପରେ

ସାପ କାମୁଡ଼ାରେ ପୂଜକ ମୃତ

ଧରାକୋଟ,୨୨।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଜଗମୋହନ ପଞ୍ଚାୟତ ପୁଟୁ ଗ୍ରାମର ମନ୍ଦିର ପୂଜକ ବିଜୟ ମୁନିଙ୍କ ରବିବାର ସାପ କାମୁଡାରେ ମୃତ୍ୟୁ ଘଟିଛି। ସେ ପୁଟୁ ଗ୍ରାମରେ ବିଜେ ମୁକ୍ତେଶ୍ୱର ଓ ଜାହାଡା ଗ୍ରାମର ବିଜେ ସ୍ୱପ୍ନେଶ୍ୱର ମନ୍ଦିରର ପୂଜକ ରହିଥିଲେ। ଭୋରରେ ସ୍ନାନଶୌଚ ପାଇଁ ବାରିପଟକୁ ଯାଇଥିବା ବେଳେ କୌଣସି ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ପ୍ରଥମେ ଧରାକୋଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ଆସିକା ମେଡିକାଲ ନିଆଯାଇଥିଲା। ସେଠାରେ ବିଜୟଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଗରିବ ଶ୍ରେଣୀର ବିଜୟଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଜିଲା ସ୍ତରୀୟ ଶିକ୍ଷାଶ୍ରୀ ସମ୍ମାନ

ଚକାପାଦ,୨୨।୯(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଅନ୍ତର୍ଗତ ବି ବି ହାଇସ୍କୁଲର ସହକାରୀ ଶିକ୍ଷକ ବିକ୍ରମ ବିହାରୀ ବେହେରାଙ୍କୁ ବାନଯୋତ୍ସ୍ନା ସାହିତ୍ୟ ସଂସଦ ତରଫରୁ ଚଳିତ ବର୍ଷ ଜଣେ ଆଦର୍ଶ ଶିକ୍ଷକ ରୂପେ ମାନପତ୍ର ପ୍ରଦାନ କରାଯାଇଛି।

ଡାବାରାଗୁଡ଼ାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଆର.ଉଦୟଗିରି,୨୨।୯(ମନୋଜ କୁମାର ପାଢ଼ୀ)

ଡାବାରାଗୁଡା ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଯିଖରିୟ ରଇତ, ପିଇଓ ଶଶାଙ୍କ ଶେଖର ସୁବୁଦ୍ଧି ନେତୃତ୍ୱରେ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସିଆର୍‌ପିସିଏମ୍ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନେ ଯୋଗ ଦେଇଥିଲେ। ଡାବାରାଗୁଡା ଗ୍ରାମର ଆଶ୍ରମ ବିଦ୍ୟାଳୟଠାରୁ ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ରାସ୍ତା ସଫେଇ କରିଥିଲେ। ବିଦ୍ୟାଳୟ ପରିସର, ଅଙ୍ଗନୱାଡି କେନ୍ଦ୍ର, ଡାବରାଗୁଡା ଗ୍ରାମ, ଦୁର୍ଗମ ଗାଁ ତଇଗାଁରେ ମଧ୍ୟ ସଫେଇ କରାଯାଇଥିଲା। ପରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସଚେତନତା ବୈଠକ କରାଯିବା ସହ ସ୍ୱଚ୍ଛତା ପାଇଁ ଶପଥ ପାଠ କରାଯାଇଥିଲା।

ଶିକ୍ଷକ ସଂଘର ଅବସରକାଳୀନ ସମ୍ବର୍ଦ୍ଧନା

ଖଜୁରିପଡ଼ା,୨୨।୯(ବିଦୁର ବେହେରା)

ଖଜୁରିପଡ଼ା ସଦର ମହକୁମାଠାରେ ଥିବା ପଞ୍ଚାୟତ କଲ୍ୟାଣମଣ୍ଡପଠାରେ ଶିକ୍ଷକ ସଂଘ ତରଫରୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମିତି ଅଧ୍ୟକ୍ଷା ଅନିମା କହଁର,ସମ୍ମାନିତ ଅତିଥି ଭାବେ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ବିଧାୟକ ଉମାଚରଣ ମଲ୍ଲିକ, ସରପଞ୍ଚ ମନୋରଞ୍ଜନ ଜାନି, ସନ୍ତୋଷ ଦିଗାଲ, ବଂଶୀଧର ପଣ୍ଡା, ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୪୨ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଲେଖ କୁମାର ଦାସ ଧନ୍ୟବାଦ ଦେଇଥିଲେ।

ଆଇନ ସଚେତନତା କାର୍ଯ୍ୟକ୍ରମ

ବେଲଗୁଣ୍ଡା,୨୨।୯(କୃଷ୍ଣଚନ୍ଦ୍ରପଟ୍ଟନାୟକ)

ବେଲଗୁଣ୍ଡା ବ୍ଲକ ଅନ୍ତର୍ଗତ ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ତାଲୁକ୍ ଲିଗାଲ୍ ସର୍ଭିସ୍ କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କମିଟିର ଏଡିଜେ-କମ୍-ଚେୟାର୍ ମ୍ୟାନ୍ ଦେବଦତ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସିଭିଲ୍ ଜଜ୍ ଦେବାଶିଷ ବିଷୋୟୀ, ଜେଏମ୍‌ଏଫସି ଭିଏନ୍ନା ନାୟକ, ଭଞ୍ଜନଗର ଏସ୍‌ଡିପିଓ ସୁଜିତ୍ ନାୟକ, ତାଲୁକ୍ ଲିଗାଲ୍ ସର୍ଭିସ୍ କମିଟି ସଭ୍ୟ ଅଳକା ମଞ୍ଜରୀ ପଟ୍ଟନାୟକ, ଡ.ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ବିଦ୍ୟାଳୟ ଅଧ୍ୟକ୍ଷା ମାମା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ପୋକ୍ସୋ ଆଇନ୍ ଏବଂ ମହିଳାଙ୍କ ସୁରକ୍ଷା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ବିଭୁପାଦ ଜେନା, ଆଇଆଇସି ରାଜେଶ୍ ନାୟକ, ଭଞ୍ଜନଗର ଆଇଆଇସି କୁମାର ମୁଦୁଲିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

କଥା ଦେଇ କଥା ରଖିବା ଆମ ସରକାରର କାମ

ଛତ୍ରପୁର,୨୨।୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ମନ୍ତ୍ରୀ ସହାୟତା ବଣ୍ଟନ କରୁଛନ୍ତି।

ଗଞ୍ଜାମ ଜିଲାସ୍ତରୀୟ ବିକାଶ ମେଳା ଜିଲା ସଦର ମହକୁମା ଛତ୍ରପୁରଠାରେ ରବିବାର ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟଅତିଥି ଭାବେ ଜିଲାସ୍ତରୀୟ ବିକାଶ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା କହିଥିଲେ, କଥା ଦେଇ କଥା ରଖିବା ଆମ ସରକାରର କାମ। ନିର୍ବାଚନ ସଂକଳ୍ପ ପତ୍ରରେ ଯାହା ଉଲ୍ଲେଖ କରିଥିଲୁ ତାହା ପାଳନ କରୁଛୁ । ୧୦୦ ଦିନର ସଫଳତା ମଧ୍ୟରେ ମହାପ୍ରଭୁ ଜଗନ୍ନାଥ ମନ୍ଦିରରଙ୍କ ଚାରି ଦ୍ୱାର ଖୋଲିବା, ଚାଷୀଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବା, ଯୁବଶକ୍ତି ଓ ନାରୀ ଶକ୍ତିର ଉନ୍ନତି କରିବା ଆଦି ରହିଛି। ସୁଭଦ୍ରା ଯୋଜନାରେ ୫୫ ହଜାର କୋଟିର ସହାୟତା ରାଶି ବଣ୍ଟନ ବ୍ୟବସ୍ଥା ହୋଇଛି। ଆୟୁଷ୍ମାନ ଭାରତ ଓ ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନାରେ ଏକ କୋଟି ପରିବାରକୁ ମାଗଣା ସ୍ୱାସ୍ଥ୍ୟସେବା ମିଳିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ଅତିଥିମାନଙ୍କୁ ସ୍ୱାଗତ କରି ଗଞ୍ଜାମ ଜିଲାରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବହୁବିଦ୍ଧ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଜନସାଧାରଣ ଅବଗତ ହେଲେ ସେଥିରୁ ସୁଫଳ ପାଇପାରିବେ ବୋଲି କହିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, କବିସୂର୍ଯ୍ୟ ନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବହୁବିଧ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇ ୧୦୦ ଦିନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ରୂପେ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ରମ୍ଭା ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, କୋଦଳା ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାୟକ, ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ବାଲି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଅଧୀନରେ ଛତ୍ରପୁର କୃଷକ ଉତ୍ପାଦ ସଙ୍ଗଠନ ଓ ପୁରୁଷୋତ୍ତମପୁର ବାବା ବିଶ୍ୱନାଥ କୃଷକ ଉତ୍ପାଦ ସଙ୍ଗଠନକୁ ମିନି ଡାଲି ମିଲ୍ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ବ୍ରୟଲର କୁକୁଡା ପାଳନ ନିମନ୍ତେ ମାଟିଖାଲର ଜୟନ୍ତୀ ପ୍ରଧାନଙ୍କୁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ବାୟୋଫ୍ଲକ ମାଛଚାଷ ପାଇଁ ଛତ୍ରପୁର ବ୍ଲକର ମଞ୍ଜୁଲତା ସାମନ୍ତରାୟଙ୍କୁ ୧୫ ଲକ୍ଷ ଓ ଚିକିଟି ବ୍ଲକର ଚନ୍ଦନ ବିଷୋୟୀଙ୍କୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ମଞ୍ଜୁଲତା ପାଇଥିବା ଟଙ୍କାରେ ୧୧ଲକ୍ଷ ଓ ଚନ୍ଦନ ପାଇଥିବା ଟଙ୍କାରେ ୨୯ ଲକ୍ଷ ଟଙ୍କା ରିହାତି ରହିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ସଂସ୍କୃତି ଅଧକାରୀ ରବି ନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ । ଓରମାସ ଦ୍ୱାରା ଆୟୋଜିତ ଏହି ବିକାଶ ମେଳା ତିନି ଦିନ ଧରି ଚାଲିବ। ଏହି ଅବସରରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଯୋଡିଶଙ୍କ, ପଶୁମୁଖା ନୃତ୍ୟ, ଓଡିଶୀ ନୃତ୍ୟ ଓ ଗଞ୍ଜାମ ଜିଲାର ପାରମ୍ପରିକ ଲୋକକଳା ପରିବେଷିତ ହୋଇଥିଲା ।

ଗଞ୍ଜାମ ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

■ ସରକାରଙ୍କ ୧୦୦ ଦିନର ସଫଳତା ବଖାଣିଲେ ମନ୍ତ୍ରୀ

ଘର, ଛାତ ଉପରେ ଔଷଧୀୟ ପାର୍କ କରିଛନ୍ତି ପଦ୍ମଜା

ପାରଳାଖେମୁଣ୍ଡି,୨୨।୯(ଗିରିଧାରୀ ପରିଛା)

ନିଜ ହାତ ତିଆରି ଔଷଧୀୟ ବଗିଚାରେ ପଦ୍ମଜା।

ତାଙ୍କ ବଗିଚାରେ ରହିଛି ଶତାଧିକ କିସମର ଫଳ ସହ ଔଷଧୀୟ ଗଛ। ଛାତ, ଶିଡ଼ିଠାରୁ ଆରମ୍ଭ କରି ଘର ପରିସର ରାସ୍ତା ଓ ଅନ୍ୟ ସ୍ଥାନରେ ସେ କରିଛନ୍ତି ବଗିଚା। ଗଛ ଲଗାଇବାକୁ ଭଲ ପାଉଛନ୍ତି ତ ଶହେରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଔଷଧୀୟ ଗଛ ଲଗାଇ ସାରିଲେଣି। ସମୟକ୍ରମେ ଏହି ଔଷଧୀୟ ଗଛଗୁଡିକ ଅନେକ ରୋଗ ନିରାକରଣରେ ବେଶ୍ ସହାୟକ ହେଉଛି। ଅନ୍ୟ ପାଇଁ ଏପରି ଉଦାହରଣ ସୃଷ୍ଟି କରିଛନ୍ତି ପଦ୍ମଜା। ଗଜପତି ଜିଲା ପାରଳାଖେମୁଣ୍ଡି ଉପକଣ୍ଠ ଫରେଷ୍ଟ ଗେଟ୍ ଅଞ୍ଚଳରେ ରହୁଥିବା ଟି. ସଞ୍ଜୀବଙ୍କ ସ୍ତ୍ରୀ ଟି.ପଦ୍ମଜାଙ୍କ ଏପରି ପ୍ରୟାସ ତାଙ୍କୁ ବିଭିନ୍ନ ମହଲରେ କରିପାରିଛି ପରିଚିତ।

ବନ ବିଭାଗର ଅବସରପ୍ରାପ୍ତ ମୁଖ୍ୟ କିରାଣି ସଞ୍ଜୀବଙ୍କ ସ୍ତ୍ରୀ ପଦ୍ମଜାଙ୍କ ପ୍ରଥମରୁ ଗଛ ଲଗାଇବା ପ୍ରତି ଦୁର୍ବଳତା ରହିଥିଲା। ଏହା ଜାଣିବା ପରେ ସଞ୍ଜୀବ ଦେଇଥିଲେ ତାଙ୍କୁ ପ୍ରେରଣା। ନିଜ ଘରେ ସୀମିତ ଜାଗା ଭିତରେ କିପରି ଗଛ ଲଗାଇବେ ଚିନ୍ତାରେ ପଡିଥିଲେ ସେ। ଛାତ ଉପରେ ପ୍ରଥମେ କିଛି ଫୁଲ ଗଛ ଲଗାଇଥିଲେ। ସେଥିରେ ଫୁଲ ଫୁଟିବା ଦେଖି ଅନ୍ୟ ଗଛ ଲଗାଇବା ପାଇଁ ମନ କଲେ ପଦ୍ମଜା। ଏଥିପାଇଁ ଅନ୍‌ଲାଇନରେ ବିଭିନ୍ନ କିସମର ଚାରା ମଗାଇ ସେ ଛାତ ଉପରେ ଲଗାଇଲେ। ଛାତକୁ ବଗିଚା ପରି ସଜାଇ ଦେଲେ। ନିଜ ହାତ ତିଆରି ବଗିଚାକୁ ଦେଖିଲେ ପେଟ ପୂରିଯାଏ। ସକାଳୁ ଆଗ ଛାତ ଉପରେ କିଛି ସମୟ ବୁଲି ଆସିଲେ ମନଟା ହାଲୁକା ଲାଗେ ବୋଲି କହନ୍ତି ଏହି ପ୍ରକୃତିପ୍ରେମୀ ମହିଳା ପଦ୍ମଜା। ନିଜ ବାହାଘର ଓ ଜନ୍ମ ଦିନରେ ଗଛ ଲଗାଇବା ପାଇଁ ଅନ୍ୟମାନଙ୍କୁ ଗଛ ବାଣ୍ଟୁଥିବା ପଦ୍ମଜା ନିଜ କାର୍ଯ୍ୟ ପାଇଁ ହାଇଦ୍ରାବାଦର ହାପି ଗାଡେନ୍ସ, ସିଟିଜି ସିଟି ଟେରେଷ୍ଟ ଗାର୍ଡେନ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହୋଇଛନ୍ତି ସମ୍ମାନିତ।

ପାଇପ୍ ବିଛା ଯାଉଥିବା ବେଳେ କାର୍ଯ୍ୟ ବନ୍ଦ କଲେ ଲୋକେ

ଦାରିଙ୍ଗବାଡି,୨୨।୯(ଅରୁଣ ସାହୁ)

୫ ଦିନ ହେଲା ଗଦାପୁରରେ ନାହିଁ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ



ଲୋକମାନେ ଜେସିବି କାର୍ଯ୍ୟ ବନ୍ଦ କରୁଛନ୍ତି।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ଅଞ୍ଚଳରେ ଗତ ୫ ଦିନ ହେଲା ବିଏସ୍‌ଏନ୍‌ଏଲ ନେଟ୍‌ୱର୍କ ଅଚଳ ହୋଇପଡିଛି। ଏହାକୁ ମରାମତି ଦିଗରେ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ଏନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ଖବରରୁ ଜଣାପଡିଛି, ଉକ୍ତ ଅଞ୍ଚଳରେ ଏକାଧିକ ସ୍ଥାନରେ ପାଣି ଯୋଗାଣ ପାଇଁ ପାଇପ୍‌ବିଛା କାର୍ଯ୍ୟ ଚାଲିଛି। ଜେସିବି ମାଧ୍ୟମରେ ଖୋଲାଯାଇ ପାଇପ୍ ବିଛାଯାଉଛି। ତେବେ ପୁଇଗୁଡ଼ା ଘାଟିରେ ପକାଯାଇଥିବା ବିଭାଗର ଓଏଫସି (ଅପ୍‌ଟିକ ଫାଇବାର କେବୁଲ)ଗୁଡିକ କଟିଯିବାରୁ ଗଦାପୁରକୁ ବିଏସ୍‌ଏନ୍‌ଏଲ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହି କେବୁଲ ସଂଯୋଗ କରାଗଲେ ଗଦାପୁର ଅଞ୍ଚଳବାସୀ ସେବା ପାଇପାରନ୍ତେ। ମାତ୍ର ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ରବିବାର ଅଞ୍ଚଳବାସୀ ସଞ୍ଜୀବ ଦେଓ, ଦମନିକ ଉଠାଣ ସିଂ, ସୁରେଶ ସାହୁ, ସୀମାଦ୍ରି ଦେଓ, ଭୀମସେନ ମଣ୍ଡଳ, ମହେଶ୍ୱର ପାତ୍ର, ଶିବରାମ ସେଠୀଙ୍କ ସମେତ ବହୁ ଉପଭୋକ୍ତା ଏକାଠି ହୋଇ ପାଇପ୍ ବିଛାଯାଉଥିବା କାର୍ଯ୍ୟସ୍ଥଳକୁ ଆସି କେବୁଲ କାଟି ଦେଇଥିବା ଜେସିବି କାର୍ଯ୍ୟ ବନ୍ଦ କରିଥିଲେ। ଏହି ସମୟରେ ସମ୍ପୃକ୍ତ ସ୍ଥାନରେ କିଛି ସମୟ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବର ଲେଖାଯିବା ଯାଏ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ କିମ୍ବା ବିଏସ୍‌ଏନ୍‌ଏଲ୍‌ର ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିନାହାନ୍ତି। ସୂଚନାଯୋଗ୍ୟ, ପ୍ରାୟ ୪୦ଟି ଗ୍ରାମ ନିର୍ଭର କରୁଥିବା ଗଦାପୁରରେ ଗତ ୫ ଦିନ ହେଲା ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ନ ଥିବାରୁ ମୋ ସେବାକେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରଗୁଡିକରେ କାର୍ଯ୍ୟବନ୍ଦ ହୋଇଯାଇଛି। ମହିଳାମାନେ ସୁଭଦ୍ରା ଯୋଜନାରେ ଆବେଦନ କରିପାରୁନାହାନ୍ତି। ଆଧାର ସଂଶୋଧନ, ବ୍ୟାଙ୍କରୁ ଟଙ୍କା ଉଠାଇବା ଏବଂ ଡିପୋଜିଟ୍ କରିବାରେ ବାଧାସୃଷ୍ଟି ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

ରାଜ୍ୟ ସାମ୍ବାଦିକ ସଂଘ ବୈଠକ

ଭଞ୍ଜନଗର,୨୨।୯(ବାବୁଲା ପ୍ରଧାନ)

ରାଜ୍ୟ ସାମ୍ବାଦିକ ସଂଘ ଗଞ୍ଜାମ ଜିଲା ଶାଖାର ଏକ ବୈଠକ ରବିବାର ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଖବରଦାତାମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଆଗାମୀ ଦିନରେ ସେମାନଙ୍କ ପାଇଁ ବୀମା ଅର୍ଥ ବୃଦ୍ଧି ଏବଂ ସମସ୍ତ ଖବରଦାତାଙ୍କୁ କିଭଳି ଭତ୍ତା ମିଳିବ ସେନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି ବିଧାୟକ ବିଷୋୟୀ କହିଥିଲେ। ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ଉପସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ସମ୍ପାଦକ ହେମାଙ୍ଗ ପ୍ରସାଦ ରାଉଳ, ଜିଲା ସଭାପତି ବିଶ୍ୱନାଥ ମହାରଣା ଅତିଥି ଭାବେ ଯୋଗଦେଇ ଖବରଦାତାମାନେ ଏକାଠି ହେଲେ ସେମାନଙ୍କ ଦାବି ସହଜରେ ପୂରଣ ହୋଇପାରିବ। ସମସ୍ତେ ଏକତାର ମନୋଭାବ ନେଇ ଆଗକୁ ବଢିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ଉପସଭାପତି ରାଜ କିଶୋର ବିଷୋୟୀ ସ୍ୱାଗତ ସୂଚନା ଓ ଏଲ. ସତିଶ ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

ମୁଁ ଝିଅଟିଏ, ନୂତନ ସୃଜନର ଆଧାର କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୨।୯(ଗିରିଧାରୀ ପରିଛା)

ଅନ୍ତଃରାଷ୍ଟ୍ରୀୟ କନ୍ୟା ଦିବସ ଅବସରରେ ବାଲ ମୁକୁନ୍ଦ କେନ୍ଦ୍ର ଉପସ୍ଥାପନ କରିଥିବା ଗଜପତି ଜିଲା ଗୁମ୍ମା ବ୍ଲକ ଯୋଗିପଡୁ ଗ୍ରାମର ପ୍ରାଥମିକ ବାଲ୍ ସଂସ୍କାର କେନ୍ଦ୍ରରେ 'ମୁଁ ଝିଅଟି' କାର୍ଯ୍ୟକ୍ରମ ଭେଙ୍କଟ ରାଓ ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସେହିପରି ଜୀବା ଗ୍ରାମରେ ନିଲାପୁ ହରିଶଙ୍କ ଦ୍ୱାରା 'କନ୍ୟା ପୂଜନ' କାର୍ଯ୍ୟକ୍ରମ ହୋଇଥିଲା। ଉଭୟ କାର୍ଯ୍ୟକ୍ରମରେ କେନ୍ଦ୍ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଉପସ୍ଥିତ ଥିଲେ। ବାଲ୍ ମୁକୁନ୍ଦ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ବାଲ୍ ରାଧାରାଣୀଙ୍କ ସ୍ମୃତିଚାରଣ କରି କାର୍ଯ୍ୟକ୍ରମ ସଫଳ କରିଥିଲେ।

ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ପୂରଣ କର

ଫୁଲବାଣୀ, ୨୨।୯(ରାକେଶ କୁମାର ରାଉତ)

ରାଜ୍ୟ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ କନ୍ଧମାଳ ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆଉଟସୋର୍ସିଂ କର୍ମଚାରୀଙ୍କ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପୂର୍ବରୁ ସରକାରଙ୍କୁ ସଂଘ ପକ୍ଷରୁ କରାଯାଇଥିବା ଦାବି ଉପରେ ସରକାର କର୍ଣ୍ଣପାତ କରୁ ନ ଥିବାରୁ ଆଗାମୀ ୩୦ରେ ରାଜଧାନୀରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

ଆମେ ବାରମ୍ବ

୭% ହାରରେ ଭାରତୀୟ ଅର୍ଥନୀତି ଅଭିବୃଦ୍ଧି ଆଶା

ଭୁବନେଶ୍ୱର,୨୨।୯ (ଅନୁରାଧା ମହାରଣା)

ଭାରତର ଅର୍ଥନୀତି ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ୮.୨ ପ୍ରତିଶତ ହାରରେ ବୃଦ୍ଧି ପାଇଥିବାବେଳେ ଭାରତୀୟ ଅର୍ଥନୀତି ଅଭିବୃଦ୍ଧି ନେଇ ବିଭିନ୍ନ ଗବେଷଣାକାରୀ ସଂସ୍ଥା ତଥା ଅର୍ଥନୀତିଜ୍ଞ ଆକଳନ କରୁଛନ୍ତି। ଏହିକ୍ରମରେ ରବିବାର ଦେଶର ଅଗ୍ରଣୀ ଆକାଉଣ୍ଟିଂ ଏବଂ ପରାମର୍ଶଦାତା ସଂସ୍ଥା ଡେଲୋଏଟ ଆକଳନ କରିଛନ୍ତି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ପ୍ରାୟ ୭ ପ୍ରତିଶତ ହାରରେ ବୃଦ୍ଧି ପାଇବ। ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୬.୭ ପ୍ରତିଶତ ହୋଇପାରେ ବୋଲି ଡେଲୋଏଟ ପକ୍ଷରୁ ଆକଳନ କରାଯାଉଛି। ଡେଲୋଏଟ ଦକ୍ଷିଣ ଏସିଆର ସିଇଓ ରୋମାଲ ଶେଙ୍ଗୀଙ୍କ ଅନୁଯାୟୀ ଦେଶରେ ମୁଦ୍ରାସ୍ଫୀତିନିୟନ୍ତ୍ରଣରେ ରହିଛି। ଗ୍ରାମାଞ୍ଚଳରେ ଚାହିଦା ବଢୁଛି। ଏହା ବ୍ୟତୀତ ଯାନବାହନ ବିକ୍ରି ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏଭଳି ପରିସ୍ଥିତିରେ ଚଳିତ ଆର୍ଥିକ ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧି ହାର ୭ ରୁ ୭.୧ ପ୍ରତିଶତ ହୋଇପାରେ। ତେବେ ମଧ୍ୟ ପୂର୍ବ ଏବଂ ୟୁକ୍ରେନରେ ଚାଲିଥିବା ଉତ୍ତେଜନା ଏବଂ ପାଶ୍ଚାତ୍ୟ ଦେଶଗୁଡିକରେ ଅର୍ଥନୈତିକ ମନ୍ଥରତା ଭାରତର ଜିଡିପି ଅଭିବୃଦ୍ଧି ଉପରେ ମଧ୍ୟ ପ୍ରଭାବ ପକାଇବ। ରୋମାଲ ଶେଙ୍ଗୀଙ୍କ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗ ଯଥାଶୀଘ୍ର

କାର୍ଯ୍ୟ ସମାପ୍ତ କରିବାକୁ ପ୍ରସ୍ତୁତ ଅଛନ୍ତି। ଭାରତ ବର୍ତ୍ତମାନ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତି ଏବଂ ଏହା ୫ ଟ୍ରିଲିୟନ ଡଲାର ଆଡକୁ ଗତି କରୁଛି। ଏକ ଦଶନ୍ଧି ମଧ୍ୟରେ ଆମେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହୋଇଯିବ। ଅଶୋଧିତ ତୈଳର ମୂଲ୍ୟ ହ୍ରାସ ଭାରତ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଆମେରିକାର ଫେଡେରାଲ ରିଜର୍ଭ (ୟୁଏସ ଫେଡ) ମଧ୍ୟ ସୁଧ ହାର ହ୍ରାସ କରି ଭାରତୀୟ ଅର୍ଥନୀତି ଅଭିବୃଦ୍ଧିର ପଥ ସରଳ କରିଛି। ଭାରତ ବିଶ୍ୱର ସର୍ଭସ୍ କ୍ୟାପିଟାଲ ହେବ ଏବଂ ଉତ୍ପାଦନ ବୃଦ୍ଧି ପାଇଁ କୃଷି କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର ଉପରେ ଧ୍ୟାନ ଦେବାକୁ ପଡ଼ିବ ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡିକୁ ଖୋଜିବାକୁ ପଡ଼ିବ ଯେଉଁଠାରେ ଭାରତ ବିଶ୍ୱରେ ନିଜର ଆଭିମୁଖ୍ୟ ପ୍ରତିଷ୍ଠା କରିପାରିବ। ସୂଚନା ଥାଉକି, ପୂର୍ବରୁ ଏକାଧିକ ଅନୁସନ୍ଧାନକାରୀ ସଂସ୍ଥା ୨୦୩୦-୩୧ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ନେଇ ଆକଳନ କରିଛନ୍ତି। ଏଥିପାଇଁ ବାଣିଜ୍ୟ କାରବାର ଏବଂ ସାମଗ୍ରୀର ଉନ୍ନତି, ଘରୋଇ କ୍ଷେତ୍ରର ପୁଞ୍ଜି ବିନିଯୋଗକୁ ପ୍ରୋତ୍ସାହିତ କରିବା ଏବଂ ସାଧାରଣ ପୁଞ୍ଜି ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଜାରି ସଂସ୍କାର ଆବଶ୍ୟକ ବୋଲି ଅର୍ଥନିତୀ ବିଶେଷଜ୍ଞଙ୍କ ମତ ରହିଛି। ପ୍ରମୁଖ ଉଦୀୟମାନ ବଜାର ସୂଚକାଙ୍କରେ ଭାରତ ଅନ୍ତର୍ଭୁକ୍ତ ହେବା ପରେ ଭାରତୀୟ ସରକାରୀ ବଣ୍ଡରେ ବିଦେଶୀ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଛି। ଏହା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ବାଣିଜ୍ୟ ସୁବିଧାକୁ ଅଧିକ କରିବା ପାଇଁ ଭାରତକୁ ଭିତ୍ତିଭୂମି ଏବଂ ଭୌଗୋଳିକ ରାଜନୈତିକ କୌଶଳ ବିକାଶ କରିବାକୁ ପଡିବ ବୋଲି ମଧ୍ୟ ଅନେକଙ୍କ ମତ ରହିଛି।

ପ୍ରଯୁକ୍ତି ସହାୟତାରେ ସଶକ୍ତୀକରଣ

ଭୁବନେଶ୍ୱର,୨୨।୯

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ମସାଇ ସ୍କୁଲ ସମଗ୍ର ଭାରତ ବର୍ଷରେ ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏପରିକି ଖୁବ୍ କମ୍ ଦିନ ମଧ୍ୟରେ ସ୍କୁଲ ୫୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପ୍ରଯୁକ୍ତି ସହାୟତାରେ ସଶକ୍ତୀକରଣ କରାଇବା ସହିତ ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସେହିଭଳି ୧୦୦ରୁ ଅଧିକ ଦଳଙ୍କୁ ପ୍ରଶିକ୍ଷିତ କରିବା ସହିତ ବିଭିନ୍ନ ସ୍ତରରେ ନିୟୋଜିତ କରିପାରିଛି। ବର୍ତ୍ତମାନ ୬୦୦୦ରୁ ଊର୍ଦ୍ଧ୍ୱ ପିଲା (ଛାତ୍ରୀଛାତ୍ର) ନାମ ଲେଖା ପାଇଁ କୃତକାର୍ଯ୍ୟ ହାଇପାରିଛନ୍ତି। ଏ ସମ୍ପର୍କରେ ମସାଇ ସ୍କୁଲର ସହ-ପ୍ରତିଷ୍ଠାତା ତଥା ସିଇଓ ପ୍ରତୀକ୍ ଶୁକ୍ଲା କହିଛନ୍ତି, ଆମେ କେବଳ ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇ ଦେଇଥାଉ। ଫଳରେ ସେମାନେ ତାଙ୍କର ଦକ୍ଷତା ଓ କୌଶଳ ପ୍ରଦର୍ଶନ କରିଥାନ୍ତି। ଏପରିକି ଯୋଜନାକୁ ରୂପରେଖ ଦେବା ସହିତ ଶିଳ୍ପ କ୍ଷେତ୍ରରେ ରହିଥିବା ଅନେକ ପ୍ରମୁଖ ପ୍ରତିଷ୍ଠାନ ସହିତ ହାତ ମିଳାଇ ମସାଇ ସ୍କୁଲ ସହଭାଗିତାର ବିକାଶକୁ ଆଗକୁ ନେଇପାରିଛି। ସେଥିମଧ୍ୟରେ ଆଇଆଇଟି ଗୁଆହାଟୀ, ଆଇଆଇଟି ମଣ୍ଡି ଏବଂ ଆଇଆଇଟି ରୋପାର ସମେତ ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ କର୍ପୋରେଶନ (ଏନଏସଡିସି) ଭଳି ଶିକ୍ଷାନୁଷ୍ଠାନ ସାମିଲ ରହିଛି, ଯାହାକୁ ସାଙ୍ଗରେ ନେଇ ରହିଥିବା ବାଧାକୁ ଦୂର କରି ମସାଇ ସ୍କୁଲ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରିଛି।

ଆଇଏସ୍‌ବି ପକ୍ଷରୁ ପିଜିପି ୱାଇଏଲ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୨।୯

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଅଗ୍ରଣୀ ମ୍ୟାନେଜମେଣ୍ଟ କଲେଜ ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ବା ଆଇଏସ୍‌ବିର ନୂତନ ପାଠ୍ୟକ୍ରମ 'ପିଜିପି ୱାଇଏଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ୨୦୨୫ ମଧ୍ୟଭାଗରେ ଆରମ୍ଭ ହେଉଥିବା ଏହି ଅଭିନବ ଓ ଅତ୍ୟାଧୁନିକ ପାଠ୍ୟକ୍ରମ ମାଧ୍ୟମରେ ଏକ ବିସ୍ତୃତ ଶିକ୍ଷା ଅନୁଭୂତି ପ୍ରଦାନ କରାଯିବ। ସେହିଭଳି ଏହି ପାଠ୍ୟକ୍ରମକୁ ଦ୍ରୁତ ବିକଶିତ ବ୍ୟବସାୟିକ ପରିଦୃଶ୍ୟ ଓ ଟେକ୍ନୋଲୋଜି ଉଦ୍ଭାବନଗୁଡିକର ଏକ ପ୍ରତିକ୍ରିୟା ଭାବେ ଡିଜାଇନ କରାଯାଇଛି। ଏପରିକି ଛାତ୍ରୀଛାତ୍ରମାନଙ୍କ ସୀମିତ କାର୍ଯ୍ୟ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ପିଜିପି ୱାଇଏଲ୍ ପାଠ୍ୟକ୍ରମକୁ ବିଜ୍‌ନେସ୍ ଡିଜାଇନ ଲ୍ୟାବ୍ ଓ ଏକ ଇନୋଭେଶନ ଲ୍ୟାବ୍ ସମେତ ଗୁରୁତ୍ୱପୂର୍ଣ୍ଣ ଅନୁଭୂତିଶୀଳ ଶିକ୍ଷା ଉପାଦାନଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଡିଜାଇନ କରାଯାଇଛି। ଏହାଛଡା ଛାତ୍ରୀଛାତ୍ରମାନଙ୍କୁ ଏକ ବାଧ୍ୟତାମୂଳକ ଦୁଇ-ମାସିଆ ସମର ଇଣ୍ଟର୍ନଶିପ୍ ସମ୍ପୂର୍ଣ୍ଣ କରିବାକୁ ପଡିବ,ଯାହା ସେମାନଙ୍କୁ ବିଭିନ୍ନସ୍ଥିତିରେ ବ୍ୟବସାୟିକ ପରିବେଶ ପ୍ରତି ପ୍ରାକ୍ଟିକାଲ ଏକ୍ସପୋଜର ପ୍ରଦାନ କରିବ। ପିଜିପି ୱାଇଏଲ୍ ପ୍ରୋଗ୍ରାମରେ ଛାତ୍ରୀଛାତ୍ରମାନଙ୍କୁ ଆଇଏସ୍‌ବି ଓ ଅନ୍ୟ ଶୀର୍ଷ ଇଣ୍ଟରନ୍ୟାଶନାଲ ବି-ସ୍କୁଲଗୁଡିକରୁ ପ୍ରତିଷ୍ଠିତ ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯିବ।

ଏ ସମ୍ପର୍କରେ ଆଇଏସ୍‌ବିର ଡିନ୍ ପ୍ରଫେସର ମଦନ ପିଲୁଟ୍‌ଲା କହିଛନ୍ତି, ୨୦୦୧ ରେ ଆମର ଆରମ୍ଭ ପରଠାରୁ ଆଇଏସ୍‌ବି ଭାରତ ଓ ସମଗ୍ର ବିଶ୍ୱ ପାଇଁ ଲିଡର ସୃଷ୍ଟି କରିବା ଲାଗି ବିଶ୍ୱସ୍ତରୀୟ ମ୍ୟାନେଜମେଣ୍ଟ୍‌ଶିକ୍ଷା ପ୍ରଦାନ କରିଆସୁଛି।

୫୦ କୋଟିର କାରବାର ଆକଳନ

ରଗ୍ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୯ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜୟପୁରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ରଗ୍ ଉତ୍ସବ' ନିକଟରେ ଆରମ୍ଭ ହୋଇଯାଇଛି। ଏପରିକି ଭାରତର ହସ୍ତତନ୍ତ ଉତ୍ପାଦନ କରୁଥିବା ଏବଂ ସମୃଦ୍ଧ ବୟନ ଐତିହ୍ୟର ସ୍ଥଳୀ ଜୟପୁରର ବହୁ ପ୍ରତୀକ୍ଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ରଗ ଉତ୍ସବରେ ଭାରତୀୟ କାରିଗରମାନଙ୍କ କଳା ସାମଗ୍ରୀ ଦେଖିବାକୁ ମିଳିବ। ସେହିଭଳି ଦୀର୍ଘ ଏକ ମାସ ବ୍ୟାପୀ ଚାଲିଥିବା ଥିବା



ଏହି ଉତ୍ସବରେ ହସ୍ତତନ୍ତ ସାମଗ୍ରୀର ଏକ ସମୃଦ୍ଧ ପରମ୍ପରା ଦେଖିବାକୁ ମିଳିବ। ଗତ ବର୍ଷ ଏହି ଉତ୍ସବରେ ୧୫ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା। ଚଳିତ ବର୍ଷ ପ୍ରାୟ ୫୦ କୋଟି ଟଙ୍କାର କାରବାର ହେବା ନେଇ ଆୟୋଜନଙ୍କ ପକ୍ଷରୁ ଆକଳନ କରାଯାଇଛି। ରଗ୍ ଉତ୍ସବ ଜୟପୁର ରଗ କାରିଗରଙ୍କ ଅତୁଳନୀୟ କାରିଗରି ସମ୍ମାନ ଦେବା ସହିତ ଦେଶବ୍ୟାପୀ ରଗର କଳାକୁ ପ୍ରସାରିତ କରାଯାଉଥିବାବେଳେ ବିଶ୍ୱର ଦର୍ଶକ ଓ ଗ୍ରାହକଙ୍କ ପାଇଁ ଏହା ଏକ ଆଧୁନିକ ଡିଜାଇନ ସହିତ ପରମ୍ପରାକୁ ମଧ୍ୟ ପ୍ରତିପାଦିତ କରିବ।

ଏ ସମ୍ପର୍କରେ ଜୟପୁର ରଗସର ପ୍ରମୁଖ ସଦସ୍ୟ ଯୋଗେଶ ଚୌଧୁରୀ କହିଥିଲେ,ରଗ୍ ଉତ୍ସବ କେବଳ ଏକ ପର୍ବ ନୁହେଁ ଏହା ମାନବର ଆତ୍ମା ଓ ସୃଜନଶୀଳତାର ଏକ ଉତ୍ସବ ହୋଇଥିଲାବେଳେ ବିଶ୍ୱରେ ଭାରତର ଆତ୍ମାକୁ ପ୍ରତିଫଳିତ କରୁଥିବା ଏହା ଏକ କାର୍ଯ୍ୟକ୍ରମ ବୋଲି ଯୋଗେଶ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଦିଲ୍ଲୀ, ମୁମ୍ବାଇ, ପୁଣେ, ଜୟପୁର, ବେଙ୍ଗାଲୁରୁ, ଚେନ୍ନାଇ, ଅହମଦାବାଦ, ସୁରଟ ସମେତ ଅନଲାଇନ ପ୍ଲାଟଫର୍ମରେ ଥିବା ରଗ ଷ୍ଟୋର ସହିତ ଯୋଗାଯୋଗ କରି ଗ୍ରାହକମାନେ ସେମାନଙ୍କର ମନପସନ୍ଦର ସାମଗ୍ରୀ ପାଇପାରିବେ।

TAHASIL OFFICE, RAIRANGPUR

RAIRANGPUR, DIST-MAYURBHANJ

PUBLIC NOTICE

भारत का राजपत्र
The Gazette of India

ଅସାଧାରଣ (EXTRAORDINARY)

ଭାଗ II-ଖଣ୍ଡ ୩ ଉପ ବିଭାଗ (II) PART II- SECTION 3-SUB-SECTION(II)

ପ୍ରାଧିକର୍ତ୍ତାଙ୍କ ଦ୍ୱାରା ପ୍ରକାଶିତ (PUBLISHED BY AUTHORITY)

ସଂଖ୍ୟା : ୩୧୧୫, ନୂଆଦିଲ୍ଲୀ, ସୋମବାର, ଅଗଷ୍ଟ ୧୨, ୨୦୨୪ / ଶ୍ରାବଣ 21, 1946

NO. : 3115, NEW DELHI, MONDAY, 12TH AUGUST, 2024 / SRABAN 21, 1946

MINISTRY OF ROAD TRANSPORT AND HIGHWAYS NOTIFICATION

New Delhi, the12th August, 2024

S.O. 3275(E) — Whereas by the notification of the Government of India in the Ministry of Road Transport and Highways, 788(E) Dated:19.02.2024 , published in the Gazette of India, Extraordinary, Part II, Section 3, Sub- section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for "Construction of Bypass Road at Rairangpur on Ranchi-Vijayawada Corridor of N.H.-220 in the Km. 31.5 to Km. 38.5 in the district of MAYURBHANJ in the state of ODISHA".

And whereas the substance of the said notification has been published in "THE DHARITRI-ODIADAILY" and "AJIKALI-ODIADAILY" both dated 06.06.2024; under sub-section(3)of section3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

Name of village/ Town	Name of the Landowner/ interested person	Field Survey No.	Area of land in his share	Any structures/trees/ tube-well attached to the land	Name of the Bank & Branch in which he / she holds the Account	Particulars of the Bank Account No._____, IFSC Code of the Bank Branch

Tahasildar-cum-CALA, Green Field Highway,
Kissan Nagar, Dist-Cuttack

SCHEDULE

Brief description of the land to beacquired, with or without structure, falling within the NH220 in the stretch of land from Km. 31.5 to Km. 38.5 (Rairangpur Bypass) in the district of MAYURBHANJ in the state of ODISHA.

State: ODISHA — District: MAYURBHANJ

Sl. No.	Survey / Plot Number	Type of Land	Nature of Land	Area (in Hectares)	Name of Land Owner/ Interested Person
1	2	3	4	5	6
Taluk:Rairangpur					
Village:Purunapani					
1	137	Private	Sarada2	0.004	1. HARIHAR MOHANTA, BIDYADHAR MOHANTASONOF KARANA MOHANTA 137
2	137/1040	Private	Sarada2	0.0323	GHANAMOHANTA SON OF TAHAL MOHANTA137/1040
3	141	Private	Sarada1	0.0364	HARIHAR MOHANTA, BIDYADHAR MOHANTASONOF KARANA MOHANTA 141
4	141/1056	Private	Sarada1	0.0242	GHANAMOHANTA SON OF TAHAL MOHANTA 141/1056
5	147/1042	Private	Sarada1	0.0161	GHANAMOHANTA SON OF TAHAL MOHANTA 147/1042
6	54	Private	SaradaJal2	0.0121	ASHOK KUMAR MOHANTASONOF GOBINDA MOHANTA 54
7	54/1093	Private	Gharabari	0.0323	CHNDRA BHUSAN JADAV SON OF BALESWARJADAV 54/1093
8	564	Private	Gharabari	0.008	ASHOK KUMAR AGARWALLASON OF MADAN LAL AGARWALLA
9	564/1088	Private	Gharabari	0.0161	PREMLATA CHOUBE WIFE OF SURENDRAKUMAR CHOUBE 564/1088
Village:Sijukala					
10	1009/1337	Private	Gharabari	0.0101	NARASINGHA MAJHI,GOPINATH MAJHI SON OF MANU MAJHI 1009/1337
Village:Halda					
11	736	Private	Sarada 1 Jalasechita	0.1659	SUDHIRMOHANTA, SARAT MOHANTA, DHRUBENDRA MOHANTA,MALATIMOHANTA, NETI MOHANTA, KUNTI MOHANTA, SANTI MOHANTA, SAKUNTALA MOHANTA, F-MOHENDRA MOHANTA,LALITA MOHANTA,REBATI MOHANTAWIFEOF MOHENDRA MOHANTA 736
12	736/1158	Private	Sarada 1 Jalasechita	0.1659	PORESHCHANDRA MOHANTASONOF BAIKUNTHA MOHANTA736/1158
13	742/1098	Private	SaradaJal Dafasili1	0.0647	PRAFULA KUMAR MOHANTASONOF KAILASH CHANDRA MOHANTA742/1098
14	974	Private	SaradaJal3	0.0607	PRAMILA MOHANTA DAUGHTEROF SATYANATH MOHANTA 974
15	974/1164	Government(Private)	SaradaJal3	0.006	ARPITAPALWIFE OF CHINMAY KUMAR DAS 974/1164
Village:Bhanjasara					
16	163	Private	Sarada Jal 2	0.008	RAMAKANTA PARIDA, SANTOSH PARIDA, GANESH PARIDA, KARTIK PARIDA, SUPRABHA PARIDA, INDU PARIDA SON OF MAHESHCHANDRAPARIDA, CASTE- BANIA, VILL- KUCHEIBUDHI, KAMALA PARIDA, KUNTALA PARIDA, BIMALA PARIDA SON OF MAHESH CHANDRA PARIDA, CHANCHALA PARIDA WIFE OF MAHESHCHANDRA PARIDA, RAMESHCHANDRA PARIDA, SURESH CHANDRA PARIDA, PARESH CHANDRA PARIDA, NARESH CHANDRA PARIDA, DHIRESHCHANDRA PARIDA SON OF MADAN MOHAN PARIDA163
17	163/922	Private	Sarada Jal 2	0.1618	DASRATHMURMU, MONAJ KUMAR MURMU SON OF GANESH MAJHI 163/922
18	165	Private	Sarada Jal 2	0.2144	SRIKANTA TUDU, DUKHURAMTUDU, SAUNRI TUDU, AINA TUDU, BASI TUDU SON OF BAHADUR TUDU, DANGI TUDU WIFE OF KRITU TUDU, MAIDASH TUDU, CHAMURU TUDU, GEETA TUDU SON OF KRITU TUDU165
19	165/959	Private	Gharabari	0.0202	SRIKANTA TUDU, DUKHURAMTUDU, SAUNRI TUDU, AINA TUDU, BASI TUDU SON OF BAHADUR TUDU, DANGI TUDU WIFE OF KRITU TUDU, MAIDASH TUDU, CHAMURU TUDU, GEETA TUDU SON OF KRITU TUDU 165/959
20	329	Private	Sarada Jal 1	0.004	UTTARA MAJHI, DUKHU MAJHI, MIRZA MAJHI SON OFDASMATMAJHI, PARAN MAJHI SON OF MIRZA MAJHI, DASMAT MAJHI SONOFKANHU MAJHI
Village:Nuagaon					
21	1161/1824	Private	Sarada Jal 1 Jalasechit	0.0348	LAL MOHAN MOHANTASONOF PRAHALLAD MOHANTA 1161/1824
22	1161/1825	Private	Sarada Jal 1 Jalasechit	0.0121	NABA KUMAR MOHANTASONOF BASUDEB MOHANTA 1161/1825
23	1162	Private	Sarada Jal 1 Jalasechit	0.008	KARUNAKAR MOHANTA SON OF LAXMISWAR MOHANTA,GAGARI MOHANTAWIFEOF LAXMISWAR MOHANTA 1162
24	1162/1826	Private	Sarada Jal 1 Jalasechit	0.0121	NABA KUMAR MOHANTASONOF BASUDEB MOHANTA
25	1240	Private	SaradaJal1	0.0242	SUSEN KUMAR MOHANTASONOF JANAKI MOHANTA 1240
26	1536	Private	Sarada2	0.0016	KARUNAKAR MOHANTA SON OF LAXMISWAR MOHANTA,GAGARI MOHANTAWIFEOF LAXMISWAR MOHANTA 1536
27	1536/1852	Private	Gharabari	0.0012	NAMRTA AGARWALWIFEOF BINIT AGARWAL 1536/1852
			Total	1.1572	

[F.No.RO/BBSR/11017/LA/97/2016/3D1] ABHAYJAIN, Director

ଦେବାଶିଷଙ୍କ ମନ୍ତବ୍ୟକୁ ନେଇ ଆକ୍ଷେପ ପ୍ରତିଆକ୍ଷେପ ଜାରି

- ମୋହନ ସରକାରକୁ ଚେତାବନୀ ଦେଇଥିଲି- ଦେବାଶିଷ
- ଦେବାଶିଷ ବାବୁ ଦିନରେ ସ୍ୱପ୍ନ ଦେଖୁଛନ୍ତି: ମୋକିମ
- ଗାଲୁଆଙ୍କ ବାରବାଟୀ ଚାଷ: ଭର୍ତ୍ତୃହରି

ଦେବାଶିଷ ସାମନ୍ତରାୟ

ମହମ୍ମଦ ମୋକିମ

ଭର୍ତ୍ତୃହରି ମହତାବ

କଟକ, ୨୨।୯(ଶିଳ୍ପା ପ୍ରିୟଦର୍ଶିନୀ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ରାଜ୍ୟର ଭାଜପା ସରକାରକୁ ଟାର୍ଗେଟ କରିବା ପରେ ରାଜନୀତି ଜୋର ଧରିଛି। ସେଠାରେ ସେ କହିଥିଲେ, ନୂତନ ସରକାର ଗଠନ ପାଇଁ ଆବଶ୍ୟକ ପଡ଼ିଲେ କଂଗ୍ରେସ ସହିତ ବିଜେଡି ହାତ ମିଶାଇବ। ଏଭଳି ଏକ ସମ୍ବେଦନଶୀଳ କଥା କହିଥିବାରୁ ତାଙ୍କୁ କଂଗ୍ରେସ ଓ ଭାଜପା ପକ୍ଷରୁ ସମାଲୋଚନା କରାଯାଇଥିଲା। ତାଙ୍କ କଥା ରାଜନୀତିରେ ନୂଆ ମୋଡ଼ ନେଉଥିବାରୁ ଦେବାଶିଷ କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟରେ ରବିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମନ୍ତବ୍ୟ ମାଧ୍ୟମରେ ମୋହନ ସରକାରକୁ କେବଳ ଚେତାବନୀ ଦେଇଛନ୍ତି। ଏଥିସହିତ ସେ କହିଥିଲେ ସତ୍ୟପାଠ ଦାଖଲ ସମୟରେ ଯେକୌଣସି ପ୍ରାର୍ଥୀ ଭୁଲ୍ ତଥ୍ୟ ଦେଇଥିବେ ସେ ସମ୍ପର୍କରେ ନ୍ୟାୟାଳୟରେ ବିଚାର କରାଯିବ। ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ବିଧାୟକ ପଦ ରଦ୍ଦ ହେବା ଭଳି ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବ। ୨୦୨୪ ନିର୍ବାଚନରେ ଭାଜପାର ୨୦ରୁ ଊର୍ଦ୍ଧ୍ୱ ବିଧାୟକ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ପରାଜିତ ପ୍ରାର୍ଥୀମାନେ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ସେଥିମଧ୍ୟରୁ ୭ ଜଣ ବିଧାୟକ ଏହି ମାମଲାରେ ଛନ୍ଦି ହେବେ ସୁନିଶ୍ଚିତ। ସେଥିପାଇଁ ଭାଜପା ସରକାରଙ୍କୁ ଚେତାଇ ଦେଉଥିଲି ମହିଳାଙ୍କ ସହ ଭଲ ବ୍ୟବହାର କରନ୍ତୁ ବୋଲି ଦେବାଶିଷ କହିଛନ୍ତି। କୁଜଙ୍ଗ ବିଡିଓ ଯେଉଁଭଳି ଭାବେ ବ୍ଲକ ଅଧ୍ୟକ୍ଷା ଓ ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିଛନ୍ତି ସେସବୁକୁ ନେଇ ମୋହନ ସରକାରକୁ ଚେତାବନୀ ଦେଇଥିବା ବିଷୟ ସେ ଦୋହରାଇଛନ୍ତି। ମୋହନ ସରକାର ନିଜକୁ ସ୍ଥାୟୀ ସରକାର ବୋଲି ଭାବିବା ଅନୁଚିତ୍। ୭ଟି ବିଧାୟକଙ୍କ ପଦ ରଦ୍ଦ ନେଇ ଶୁଣାଣି ହେଲେ ସେ ସମୟରେ ମୋହନ ସରକାରର ସ୍ଥାୟିତ୍ୱ ରହିବ ନାହିଁ ବୋଲି ଦେବାଶିଷ କହିଛନ୍ତି।

ଅନ୍ୟପଟେ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ ବିଜେଡି ସହ କଂଗ୍ରେସ ହାତ ମିଶାଇବା ନେଇ ଦେବାଶିଷଙ୍କ ମନ୍ତବ୍ୟରେ ଟାର୍ଗେଟ କରି କହିଛନ୍ତି, ଦେବାଶିଷ ବାବୁ ଦିନରେ ସ୍ୱପ୍ନ ଦେଖୁଛନ୍ତି। ଦିନରେ ସ୍ୱପ୍ନ ଦେଖିବା ଭଲ, କାରଣ ଦିନରେ ଦେଖିଥିବା ସ୍ୱପ୍ନ କେବେ ସତ ହୋଇ ନ ଥାଏ। ମଞ୍ଚରେ ସେ ଏଭଳି ମନ୍ତବ୍ୟ ଦେବା ସମ୍ପୂର୍ଣ୍ଣ ଭାବେ ହାସ୍ୟାସ୍ପଦ। ରାଜ୍ୟରେ ସରକାର ଗଢ଼ିବା ପାଇଁ କେବେ ବି ବିଜେଡି ସହ କଂଗ୍ରେସ ମେଣ୍ଟ କରିବ ନାହିଁ। ରାଜ୍ୟରେ ବିଜେଡି ସରକାର କରିବା ପୂର୍ବରୁ ଭାଜପା ଓ ବିଜେଡି ମେଣ୍ଟ ଥିଲା। ଏପରି କି ଦିଲ୍ଲୀରେ କେନ୍ଦ୍ର ସରକାରଙ୍କୁ ବିଜେଡି ସମର୍ଥନ ଦେଇଆସିଛି। ଜଣେ ଦାୟିତ୍ୱବାନ ରାଜ୍ୟ ସଭା ସଦସ୍ୟ ହୋଇ କିପରି ଭାବେ ନ୍ୟାୟପାଳିକାର ବିଚାର ବିଭାଗକୁ ନିଜ ଆଡ଼କୁ ଟାଣି ନେଇ ଏକ ପାଖିଆ ମନ୍ତବ୍ୟ ରଖିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଥାଉ ଥାଉ ଦେବାଶିଷ ସାମନ୍ତରାୟ କିଏ ଏଭଳି ମନ୍ତବ୍ୟ ଦେବାକୁ। ବିଜେଡି ଦ୍ୱିତୀୟ କ୍ଷମତାପ୍ରାପ୍ତ ବ୍ୟକ୍ତି କାର୍ତ୍ତିକ ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ଏପରିକି ସନ୍ନ୍ୟାସ ନେବା ଦିନରୁ ସର୍ବସାଧାରଣକୁ ଆସି ନାହାନ୍ତି। ଫଳରେ ପାଣ୍ଡିଆନ ତାମିଲନାଡୁ ପଳାଇଥିବା ନେଇ ଚର୍ଚ୍ଚା ହେଉଛି। କିନ୍ତୁ ଦେବାଶିଷ ବାବୁ ଦେଇଥିବା ମନ୍ତବ୍ୟ ହିଁ ସ୍ପଷ୍ଟ କରିଛି ଯେ ପାଣ୍ଡିଆନ ବାବୁ ନବୀନ ନିବାସରେ ଅଛନ୍ତି ଏବଂ ସମସ୍ତ କାର୍ଯ୍ୟକୁ ପରିଚାଳନା କରୁଛନ୍ତି। ବିଜେଡି ଓ ଭାଜପାକୁ କଂଗ୍ରେସ ବିରୋଧ କରିଆସିଛି ଏବଂ ଆଗାମୀ ଦିନରେ ଏହି କାର୍ଯ୍ୟ ଜାରି ରହିବ ବୋଲି ମୋକିମ କହିଛନ୍ତି।

ଏହି ପ୍ରସଙ୍ଗ ନେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ଦେବାଶିଷଙ୍କ ମନ୍ତବ୍ୟ ଏକ କଦର୍ଯ୍ୟ ପ୍ରସଙ୍ଗ । ଗାଲୁଆଙ୍କ ବାରବାଟୀ ଚାଷ ହେଉଛି ଏହାର ପ୍ରକୃତ ଉତ୍ତର। ବୁଝିବା ବ୍ୟକ୍ତି ଠିକ୍ ଭାବେ ବୁଝିପାରିବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କୁଜଙ୍ଗଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବାଶିଷ ନିଜ ମନ୍ତବ୍ୟରେ କହିଥିଲେ, ନୂତନ ସରକାର ଗଠନ ପାଇଁ ଆବଶ୍ୟକ ହେଲେ କଂଗ୍ରେସ ସହ ବିଜେଡି ହାତ ମିଶାଇ ଭାଜପା ସରକାରକୁ ସବୁଦିନ ପାଇଁ ବିଦା କରିବ। ରାଜ୍ୟରେ ଏବେ ମହିଳାଙ୍କୁ ଅସଦାଚରଣ କରାଯିବା ଘଟଣା ପାଇଁ ମୋହନ ସରକାର ଦାୟୀ। ଏହି ସରକାରକୁ କିଏ ପରିଚାଳିତ କରୁଛି ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି ବୋଲି ଦେବାଶିଷ କହିଥିଲେ।

ଔଷଧ ବିକଳରେ ତାଟିଆ କାମୁଡ଼ୁଛନ୍ତି ବିଜେଡି ନେତା: ମନ୍ତ୍ରୀ ସମ୍ପଦ

ପାରାଦୀପ,୨୨।୯(ଶରତ ରାଉତ)

ସମ୍ପଦ ସ୍ୱାଇଁ

କୁଜଙ୍ଗ ବିଜେଡି ବୈଠକରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ବିବାଦୀୟ ବୟାନକୁ ରବିବାର ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଖଣ୍ଡନ କରିଛନ୍ତି। ପାରାଦୀପ ପୋର୍ଟ ମଜ୍‌ଦୁର ୟୁନିୟନ କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସେଥିରେ ମନ୍ତ୍ରୀ ସ୍ୱାଇଁ ଯୋଗ ଦେଇଥିଲେ। ଏହି ଅବସରରେ କୁଜଙ୍ଗ ଘଟଣା ସମ୍ପର୍କରେ ସେ ଗଣମାଧ୍ୟମ ଆଗରେ କହିଥିଲେ, ବିଜେଡି ଓ କଂଗ୍ରେସ ମଧ୍ୟରେ ସମ୍ପର୍କ ଥିବା ନେଇ ଭାଜପା ପୂର୍ବରୁ ଅଭିଯୋଗ କରିଆସୁଥିଲା। ଏହା ସାମନ୍ତରାୟଙ୍କ ବୟାନରୁ ସତ୍ୟ ପ୍ରମାଣିତ ହୋଇଛି। ପୂର୍ବରୁ ବିଜେଡି ନେତାମାନେ କରୁଥିବା ଦୁର୍ନୀତିକୁ ଆମ ସରକାର ରୋକ ଲଗାଇ ଥିବାରୁ ସେମାନେ ଏବେ ଔଷଧ ବିକଳରେ ତାଟିଆ କାମୁଡ଼ୁଛନ୍ତି। ପାଣ୍ଡିଆନଙ୍କ ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ସେ ଦଳରୁ ଲୋକ ଦେଖାଣିଆ ସନ୍ନ୍ୟାସ ନେଇଛନ୍ତି। ଏବେବି ପାଣ୍ଡିଆନ ଦଳ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। ସେହି ଆଧାରରେ ସାମନ୍ତରାୟ ସରକାର ଭାଙ୍ଗିବା ପାଇଁ କୁଜଙ୍ଗରେ କହିଥିଲେ। ସୂଚନାଯୋଗ୍ୟ, ୩ ଦିନ ତଳେ ହୋଇଥିବା ବୈଠକରେ ସାମନ୍ତରାୟ କହିଥିଲେ, ଭାଜପା ଜିତିଥିବା ୭ଟି ଆସନରେ ମାମଲା ଅଛି। ସେଠାରେ ଉପନିର୍ବାଚନ ହେବ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଠାରେ ହାତ ହଲେଇ ପ୍ରଚାର କରିଦେଲେ ବିଜେଡି ଜିତିଯିବ। ସଂଖ୍ୟା ୬୦ ହୋଇଯିବ। ଏହାପରେ ଆମେ କଂଗ୍ରେସ ସହ ମେଣ୍ଟ କରି ସରକାର କରିବା।

ଉଦୟଭାନୁ ହେଲେ ଯୁବକଂଗ୍ରେସ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୨।୯

ଉଦୟଭାନୁ ଚିବ୍

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରବିବାର ଉଦୟଭାନୁ ଚିବ୍‌ଙ୍କୁ ଭାରତୀୟ ଯୁବ କଂଗ୍ରେସ (ଆଇୱାଇସି)ର ନୂତନ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ସେ ଯୁବକଂଗ୍ରେସର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟକରି ଆସୁଥିଲେ। ଏହା ପୂର୍ବରୁ ସେ ଜମ୍ମୁ-କଶ୍ମୀର ପ୍ରଦେଶ ଯୁବକଂଗ୍ରେସର ସଭାପତି ରହିଥିଲେ। ଉଦୟଭାନୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ତାଙ୍କୁ ନୂଆ ଦାୟିତ୍ୱ ମିଳିଛି। ଯୁବକଂଗ୍ରେସର ବିଦାୟୀ ଅଧ୍ୟକ୍ଷ ଶ୍ରୀନିବାସ ବି.ଭି.ଙ୍କ ଅବଦାନ ପାଇଁ ତାଙ୍କୁ ଦଳ ପ୍ରଶଂସା କରିଛି। ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସର ଇସ୍ତାହାର କମିଟିରେ ଉଦୟଭାନୁ ରହିଛନ୍ତି।

ସରପଞ୍ଚ ପଦରେ ତ୍ରିମୁଖୀ ଲଢ଼େଇ

ଢିଙ୍କିଆ ପଞ୍ଚାୟତ ନିର୍ବାଚନ

କୁଜଙ୍ଗ,୨୨।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତରେ ଅକ୍ଟୋବର ୪ରେ ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟ ପଦବୀ ନିମନ୍ତେ ନିର୍ବାଚନ ହେବ। ଏନେଇ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ ଏକତ୍ରିତ ହୋଇ ସେମାନଙ୍କ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କାର୍ଯ୍ୟ ଜୋର୍‌ଦାର କରିଛନ୍ତି। ଏଠାରେ ସରପଞ୍ଚ ପଦବୀ ପାଇଁ ଭାଜପା, ବିଜେଡି, ସ୍ୱାଧୀନ ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଛି। ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ବାସନ୍ତୀ ଖଟୁଆଙ୍କ ପାଇଁ ଭାଜପା ନେତା ସତ୍ୟସାରଥି ମହାନ୍ତି ସମର୍ଥକଙ୍କ ଗହଣରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ଏହି ପ୍ରଚାର ଅଭିଯାନରେ ବରିଷ୍ଠ ନେତା ନିର୍ଲିପ୍ତ ଜେନା, ରାଜଲକ୍ଷ୍ମୀ ପଟ୍ଟନାୟକ, ଜନାର୍ଦ୍ଦନ ମହାନ୍ତି ଭାଜପା ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ଶାନ୍ତିଲତା ବେହେରା ଓ କଂଗ୍ରେସ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପିଙ୍କି ଦାସ ତାଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ସେ ସାଥୀ ସମର୍ଥକଙ୍କ ଗହଣରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ କିଶୋର ପରିଡ଼ା, ପ୍ରଶାନ୍ତ ଲେଙ୍କା, ଅକ୍ଷୟ ବେହେରା ପ୍ରମୁଖ ଶାନ୍ତିଲତାଙ୍କୁ ଜିତାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଅନ୍ୟପଟେ ସ୍ୱାଧୀନ ପ୍ରାର୍ଥିନୀ ପିଙ୍କି ଦାସ ଯୁବ ସମର୍ଥକଙ୍କୁ ନେଇ ପ୍ରଚାର ଚଳାଇଛନ୍ତି । ନିର୍ବାଚନ ଆହୁରି ୧୨ ଦିନ ବାକିଥିବା ବେଳେ ଏବେଠାରୁ ବିଭିନ୍ନ ରାଜନୈତିକ ଦଳ ଓ ସମର୍ଥିତ ପ୍ରାର୍ଥିନୀଙ୍କ ପକ୍ଷରୁ ବିଭିନ୍ନ ୱାର୍ଡ଼ରେ ଭୋଜି ଭାତର ଆସର ଜମିଲାଣି । ଭାଜପା ଓ ବିଜେଡି ସମର୍ଥିତ ପ୍ରାର୍ଥିନୀଙ୍କୁ ଟକ୍କର ଦେଇ ସ୍ୱାଧୀନ ପ୍ରାର୍ଥିନୀ ପୋଷ୍ଟର, ବ୍ୟାନର ଓ ଭୋଜିଭାତ ସହ ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ଏହି ନିର୍ବାଚନ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଓ ଭାଜପା ନେତା ସତ୍ୟସାରଥିଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଦେଇଥିବା ଶିଳ୍ପ ବିରୋଧୀ ଗୋଷ୍ଠୀ ନିଜ ସମର୍ଥିତ ପ୍ରାର୍ଥିନୀଙ୍କୁ ବିଜୟୀ କରାଇ ପଞ୍ଚାୟତକୁ ନିଜ କବ୍‌ଜାରେ ରଖିବା ପାଇଁ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି।

ଚନ୍ଦ୍ରବାବୁ ଅଭ୍ୟାସଗତ ମିଛୁଆ।

ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜଗନ୍‌ମୋହନ

ହାଇଦ୍ରାବାଦ,୨୨।୯

ଜଗନ୍‌ମୋହନ ରେଡ୍ଡୀ

ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଜଣେ ଅଭ୍ୟାସଗତ ମିଛୁଆ। ସେ କେବଳ ରାଜନୈତିକ ଲାଭ ପାଇଁ ଅନେକ କୋଟି ଲୋକଙ୍କ ଭାବାବେଗ ସହ ଖେଳି ସେମାନଙ୍କ ଆସ୍ଥା ଉପରେ କୁଠାରାଘାତ କରିଛନ୍ତି ବୋଲି ୱାଇଏସ୍‌ଆର୍‌ସିପି ମୁଖ୍ୟ ଜଗନ୍‌ମୋହନ ରେଡ୍ଡୀ ସମାଲୋଚନା କରିଛନ୍ତି। ଜଗନ୍‌ମୋନ୍‌ଙ୍କ ସରକାର ଅମଳରେ ଗୋରୁ ଚର୍ବି ଓ ମାଛ ତେଲରେ ତିରୁପତି ଲଡୁ ତିଆରି କରାଯାଇଥିବା ନେଇ ଚନ୍ଦ୍ରବାବୁ ଅଭିଯୋଗ ଆଣିବା ପରେ ଏହି ପ୍ରସଙ୍ଗରେ ରାଜନୀତି ଜୋର୍ ଧରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ଏହା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି କହିଛନ୍ତି, ସାରା ଦେଶର ଦୃଷ୍ଟି ଆପଣଙ୍କ ଆଡ଼କୁ ରହିଛି। ଚନ୍ଦ୍ରବାବୁ ଜଣେ ଅଭ୍ୟାସଗତ ମିଛୁଆ। ମିଛ ବିସ୍ତାରର ଲଜ୍ଜାହୀନ କାର୍ଯ୍ୟ ପାଇଁ ତାଙ୍କୁ ତାଗିଦ କରାଯିବା ଜରୁରୀ। ଅନେକ କୋଟି ହିନ୍ଦୁଙ୍କ ମନରୁ ସନ୍ଦେହ ଦୂର କରିବା ପାଇଁ ସତ ସାମ୍ନାକୁ ଅଣାଯିବା ଆବଶ୍ୟକ। ପ୍ରକାଶ ଯେ, ଗତ ବିଧାନସଭା ନିର୍ବାଚନରେ ଜଗନ୍‌ମୋହନଙ୍କ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୂଳପୋଛ ହୋଇଯାଇଥିବାବେଳେ ଚନ୍ଦ୍ରବାବୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ବିପୁଳ ବିଜୟ ହାସଲ କରିଥିଲା। ସେପଟେ କେନ୍ଦ୍ରରେ ଟିଡିପି ସମର୍ଥନରେ କେନ୍ଦ୍ରରେ ଏନ୍‌ଡିଏ ସରକାର ଗଠନ କରାଯାଇଛି। ଆନ୍ଧ୍ରରେ ସରକାର ଗଠନର ୧୦୦ ଦିନ ପୂର୍ତ୍ତି ଅବସରରେ ଗତ ବୁଧବାର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ରାଜ୍ୟବାସୀଙ୍କୁ ସମ୍ବୋଧିତ କରି ଭେଙ୍କଟେଶ୍ୱର ବାଲାଜୀ ମନ୍ଦିରରେ ପୂର୍ବରୁ ପ୍ରସାଦ ଲଡୁରେ ଆମିଷ ବ୍ୟବହାର କରାଯାଉଥିବା ବିଷୟ ଏକ ଲ୍ୟାବ୍ ରିପୋର୍ଟ ଆଧାରରେ ପ୍ରକାଶ କରିଥିଲେ।

ରାହୁଲ କହିଛନ୍ତି କଂଗ୍ରେସ କ୍ଷମତାକୁ ଆସିଲେ ସଂରକ୍ଷଣ ହଟାଇଦେବ: ଭାଜପା

ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭା ସଦସ୍ୟ ମିଥିଲେଶ କୁମାର କାଠେରିଆଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁହନ୍ତି, ଭାରତୀୟ ସମ୍ବିଧାନ ଆମ ପାଇଁ ଜାତୀୟ ଗ୍ରନ୍ଥ। ସେ ଥିବା ପର୍ଯ୍ୟନ୍ତ ସମ୍ବିଧାନ ଏବଂ ସଂରକ୍ଷଣକୁ କେବେ ବି କ୍ଷତି ପହଞ୍ଚିବ ନାହିଁ। କଂଗ୍ରେସ ପାଇଁ ସମ୍ବିଧାନ ରାଜନୈତିକ ସାଧନ ହୋଇପାରେ, କିନ୍ତୁ ଭାଜପା ପାଇଁ ସମ୍ବିଧାନ ହେଉଛି ଶ୍ରଦ୍ଧା ଏବଂ ଆସ୍ଥାର କେନ୍ଦ୍ର। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ଦଳ ଦ୍ୱାରା ଲୋକ ସଭା ନିର୍ବାଚନ ସମୟରେ ଭାଜପା ବିରୋଧରେ ଦେଶରେ ମିଥ୍ୟା ପ୍ରଚାର କରାଗଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ୟ ଥର ପ୍ରଧାନମନ୍ତ୍ରୀ ହେଲେ ସଂରକ୍ଷଣ ହଟାଇ ଦେବେ। ଏବେ କିଛିଦିନ ତଳେ ରାହୁଲ ଗାନ୍ଧୀ ଆମେରିକା ଯାଇଥିବାବେଳେ କହିଛନ୍ତି, କଂଗ୍ରେସ କ୍ଷମତାକୁ ଆସିଲେ ସଂରକ୍ଷଣ ହଟାଇ ଦିଆଯିବ। ଯାହାଦ୍ୱାରା କଂଗ୍ରେସର ଷଡ଼ଯନ୍ତ୍ର ଓ ଭିତିରି ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି। ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ଶେଷକରି ସେମାନଙ୍କୁ ସାଧାରଣ ଶ୍ରମିକ ଓ ଚାଷୀ ଭଳି ବ୍ୟବହାର କରିବା କଂଗ୍ରେସର ନୀତି ବୋଲି ରାଜ୍ୟ ସଭା ସାଂସଦ ମିଥିଲେଶ କୁମାର କାଠେରିଆ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମିଥିଲେଶ କହିଛନ୍ତି, କଂଗ୍ରେସ ୫୭ ବର୍ଷ ପର୍ଯ୍ୟନ୍ତ ଦେଶରେ ଶାସନ କରିଥିଲା। ଏହି ସମୟରେ କଂଗ୍ରେସ ନିଜର ରାଜନୈତିକ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସମ୍ବିଧାନ ପ୍ରକ୍ରିୟାର ବାରମ୍ବାର ଦୁରୁପଯୋଗ କରିଆସିଛି। କଂଗ୍ରେସ କେବେହେଲେ ସମ୍ବିଧାନର ମୂଳ ସିଦ୍ଧାନ୍ତ ଓ ସଂରକ୍ଷଣକୁ ଠିକ୍ ଭାବେ ଲାଗୁ କରିବାକୁ ଚେଷ୍ଟା କରିନାହିଁ। ଜବାହରଲାଲ ନେହେରୁ ଦେଶରେ ପ୍ରଧାନମନ୍ତ୍ରୀ ଥିଲାବେଳେ ୧୯୫୬ରେ କାକା କାଲେକରଙ୍କ ପକ୍ଷରୁ ଦିଆଯାଇଥିବା ସଂରକ୍ଷଣ ରିପୋର୍ଟକୁ ଖାରଜ କରିଦେଇଥିଲେ। ସେତେବେଳେ କାକା କାଲେକରଜୀ କହିଥିଲେ, ଦେଶରେ ଥିବା ଦଳିତ ଓ ପଛୁଆ ବର୍ଗର ଲୋକଙ୍କ ବିକାଶ ପାଇଁ ସଂରକ୍ଷଣ ବ୍ୟବସ୍ଥା ଜରୁରୀ। ମାତ୍ର ନେହେରୁ ସରକାର ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ୧୯୬୧ରେ ନେହେରୁ ସରକାର ଦେଶର ସବୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦର୍ଶାଇଥିଲେ, ଆମେ ସଂରକ୍ଷଣ ଦେଉଛୁ କିନ୍ତୁ ଏହି ଲୋକମାନେ ଠିକ୍ ନୁହନ୍ତି। ତେଣୁ ସେମାନଙ୍କ ସଂରକ୍ଷଣକୁ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବାବାସାହେବ ଭୀମରାଓ ଆମ୍ବେଡକର ଦଳିତ ଓ ପଛୁଆ ବର୍ଗଙ୍କ ପାଇଁ ସମ୍ବିଧାନ ଜରିଆରେ ସଂରକ୍ଷଣ ଦେବାକୁ ଉଦ୍ୟମ କରୁଥିବାରୁ ନେହେରୁ ତାଙ୍କ ରାଜନୈତିକ ଜୀବନ ଶେଷ କରିଦେବାକୁ ଉଦ୍ୟମ କରିଥିଲେ ବୋଲି ସେ କହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଏ କଥାର କିଏ ପାରିବ ସନ୍ଧି ?
କାଉ ଧାନ ଖାଏ ବୋହୂକୁ ବାନ୍ଧି !

ଏପରି କିଛି କଥା ଅଛି ଯାହା କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଅନ୍ୟାୟରେ ବା ଅଯଥାରେ ଅନ୍ୟକୁ ଅଭିଯୁକ୍ତ କରି ଫା

ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ

ନିଜ ଜାଗାରେ ରାସ୍ତା କାମକୁ ବିରୋଧ ସତ୍ତ୍ୱେ କେହି ଶୁଣିଲେନି

ବଞ୍ଚାଇବାକୁ ଯାଇ ପୋଡ଼ିଗଲେ ଦିବ୍ୟାଙ୍ଗ ଭଉଣୀ

ନୀଳଗିରି,୨୨।୯
(ପ୍ରଶାନ୍ତ ବିଶ୍ୱାଳ)

ବ୍ୟକ୍ତିଗତ ଜାଗାରେ ସରକାରୀ ପକ୍କା ରାସ୍ତା ନିର୍ମାଣକୁ ମାଲିକ ବିରୋଧ କରିବା ସତ୍ତ୍ୱେ କେହି ଶୁଣିଲେନି। ଏଣୁ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଜଣେ ବ୍ୟକ୍ତି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଆଉ ଆଖି ଆଗରେ ଭାଇ ଜଳି ଯାଉଥିବା ଦେଖି ବଞ୍ଚାଇବାକୁ ଯାଇ ଦିବ୍ୟାଙ୍ଗ ଭଉଣୀ ପୋଡ଼ିହୋଇ ଆହତ ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆତ୍ମହୁତି ଉଦ୍ୟମ କରିଥିବା ରଷିଚନ୍ଦ୍ର ଜେନା(୪୩)ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରବିବାର ସକାଳେ ଏଭଳି ଅଭାବନୀୟ ଘଟଣା ବାଲେଶ୍ୱର ଜିଲା ବରହମପୁର ଥାନା ଅଧୀନ କଦମ୍ବଗଡ଼ି ଗାଁରେ ଘଟିଛି।

ସୂଚନା ଅନୁଯାୟୀ, ନୀଳଗିରି ବ୍ଲକ ବରହମପୁର ଇସାନେଣ୍ଡି ଦେଇ ଗରଡ଼ିହିକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟରେ କଦମ୍ବଗଡ଼ି ଗ୍ରାମର ରଷିଚନ୍ଦ୍ରଙ୍କ ଜମି ରହିଛି। ଦୁଇବର୍ଷରୁ ଊର୍ଦ୍ଧ୍ୱ ହେଲା ଉକ୍ତ ଜମି ଉପରେ ଠିକାଦାର ରାସ୍ତା ନିର୍ମାଣ କରିବାକୁ ଚାହିଁଥିଲେ ମଧ୍ୟ ବାଧା ଉପୁଜିଥିଲା। ଜମି ମାଲିକ ରଷିଚନ୍ଦ୍ର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ରବିବାର ଉକ୍ତ ଜମି ଉପରେ ଠିକାଦାର ମିସ୍ତ୍ରି ଲଗାଇ ରାସ୍ତା ନିର୍ମାଣ କରୁଥିବା ବେଳେ ସେ ବିରୋଧ କରିଥିଲେ। ମାଲିକାନା ସ୍ୱତ୍ତ୍ୱ ତାଙ୍କ ନାମରେ ଥିବା ଦର୍ଶାଇ ରଷିଚନ୍ଦ୍ର ରାସ୍ତାକାମ ବନ୍ଦ କରିବାକୁ କହିଥିଲେ। ନଚେତ୍ ଆତ୍ମାହୁତି କରିବାର ଧମକ ମଧ୍ୟ ଦେଇଥିଲେ। ଠିକାଦାର ରାସ୍ତା ନିର୍ମାଣ କରିବାରୁ ସେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ତାଙ୍କ ସାନଭଉଣୀ କ୍ଷୀରମଣି ଜେନା(୪୦) ରଷିଚନ୍ଦ୍ରଙ୍କୁ ବଞ୍ଚାଇବାକୁ ଯାଇ ନିଜେ ପୋଡ଼ି ହୋଇଯାଇଥିଲେ। ରଷିଚନ୍ଦ୍ରଙ୍କ ହାତ, ପିଠି, ଅଣ୍ଟା ଆଦି ସ୍ଥାନ ପୋଡ଼ି ଯାଇଛି। ଏନେଇ ରଷିଚନ୍ଦ୍ରଙ୍କ ସ୍ତ୍ରୀ ଆରତି ଜେନା ଗଣମାଧ୍ୟମ ଆଗରେ ଠିକାଦାରଙ୍କ ସମେତ ୪ଜଣଙ୍କ ନାଁରେ ଅଭିଯୋଗ କରିଛନ୍ତି। ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ ନୀଳଗିରି ପୋଲିସ ଡାକ୍ତରଖାନାରେ ପହଞ୍ଚି ବୟାନ ରେକର୍ଡ କରିଛି। ତେବେ ଉକ୍ତ ଜମି କାହାର ଏବଂ କିଏ ଏହାର ପ୍ରକୃତ ମାଲିକ ପରେ ଜଣାପଡ଼ିବ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜି ସମାଧାନ ନ କରିବା ଏବଂ ଏଭଳି ଅଭାବନୀୟ ଘଟଣା ଘଟିବା ରଷିଚନ୍ଦ୍ରଙ୍କ ପରିବାର ସମେତ ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି।

ପୁରସ୍କାର ଘୋଷିତ ୪ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୨।୯
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ଦାନ୍ତେୱାଡା ଜିଲାରେ ଦମ୍ପତିଙ୍କ ସହ ୨୦ ଲକ୍ଷ ପୁରସ୍କାର ଘୋଷିତ ୪ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଦମ୍ପତି ରିଜୋନାଲ କମ୍ପାନୀ ନଂ. ୨ ର ସଦସ୍ୟ ହୁଙ୍ଗା ତାମୋ ଓରଫ ତାମୋସୁର୍ଯ୍ୟା, ତାଙ୍କ ସ୍ତ୍ରୀ ଆୟତୀ ତାତି। ଉତ୍ତର ସବ୍‌ଜୋନା ବ୍ୟୁରୋ ସଦସ୍ୟା ଦେବେ ଓରଫ ବିଜେ ବଞ୍ଜାମ ଓ କ୍ରାନ୍ତିକାରୀ ଆଦିବାସୀ ମହିଳା ସଂଗଠନ ଅଧ୍ୟକ୍ଷ ମାଡବି ଆଇତେ ଆତ୍ମସମର୍ପଣ କରିଛନ୍ତି।

ଏମାନେ ଦାନ୍ତେୱାଡା ଜିଲା ବସ୍ତର ରେଞ୍ଜ ଡିଆଇଜି ସୁନ୍ଦରରାଜ ପି, ପୋଲିସ ଉପ ମହା ନିରୀକ୍ଷକ କମଳଲୋଚନ କଶ୍ୟପ, ପୋଲିସ ଉପ ମହା ନିରୀକ୍ଷକ ସିଆରପିଏଫ ରାକେଶ କୁମାର, ଏସ୍‌ପି ଗୌରବ ରାୟଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ବର୍ତ୍ତମାନ ଛତିଶଗଡରେ ବିକାଶମୂଳକ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମାଓବାଦୀମାନେ ନିରୀହ ଆଦିବାସୀଙ୍କୁ ହତ୍ୟା କରିବାସହ ଉଚ୍ଚ କ୍ୟାଡର ମାଓବାଦୀମାନେ ତଳ କ୍ୟାଡରଙ୍କୁ ନୀଚ ଦୃଷ୍ଟିରେ ଦେଖୁଥିବା ବେଳେ ସଂଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ଏହି ୪ ଜଣ ଆତ୍ମସମର୍ପଣ କରିଥିବା କହିଛନ୍ତି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

ଅନ୍‌ଲାଇନ ଟ୍ରେଡିଂ ନାଁରେ ୧୬ ଲକ୍ଷ ଠକିନେଲେ

ବ୍ରହ୍ମପୁର,୨୨।୯
(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ସାଇବର ଠକେଇ ବଢ଼ିବାରେ ଲାଗିଛି। ଅନ୍‌ଲାଇନ ଷ୍ଟକ ଟ୍ରେଡିଂ ନାଁରେ ସାଇବର ଠକମାନେ ବ୍ରହ୍ମପୁରର ଜଣେ ଯୁବକଙ୍କ ଆକାଉଣ୍ଟରୁ ୧୬ ଲକ୍ଷ ୩୫ ହଜାର ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ଯୁବକ ଏ ନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ଚୈତନ୍ୟନଗର ୨ୟ ଲାଇନ୍ ପାଣିଗ୍ରାହୀପେଣ୍ଠ ସାହିର ଜଣେ ଯୁବକଙ୍କ ମୋବାଇଲକୁ ଦୁଇଟି ନମ୍ବର (୭୮୭୨୩୫୧୬୫୩ ଓ ୯୦୩୨୩୯୨୪୧୫)ରୁ ଆଡଭେଣ୍ଟ ଷ୍ଟକ ବ୍ରୋକିଂ ପ୍ରାଇଭେଟ ଲିମିଟେଡ ସଂସ୍ଥା ଜରିଆରେ ଅନଲାଇନ ଷ୍ଟକ ଟ୍ରେଡିଂ ମେସେଜ ଆସିଥିଲା। ଯୁବକଙ୍କ ଆଗ୍ରହ ଦେଖି ସଂସ୍ଥା ପକ୍ଷରୁ 'ଏ-୫୨ ଆଡଭେଣ୍ଟ ଇଣ୍ଟରନ୍ୟାଶନାଲ' ନାମକ ଏକ ହ୍ୱାଟସ୍ ଆପ ଗ୍ରୁପରେ ତାଙ୍କୁ ଯୋଡି ଦିଆଯାଇଥିଲା। ଷ୍ଟକ ଟ୍ରେଡିଂ ଶିଖିବା ପରେ ପ୍ରଥମେ ଯୁବକ ଜଣକ ଉକ୍ତ ସଂସ୍ଥାରେ ୪୧ ହଜାର ଟଙ୍କା ବିନିଯୋଗ କରିଥିଲେ। ସେଥିରୁ ସେ ମୋଟ ୫୦ ହଜାର ଟଙ୍କା ଫେରିପାଇଥିଲେ। ଅଳ୍ପ ଦିନ ମଧ୍ୟରେ ୯ ହଜାର ଲାଭ ଦେଖି ଯୁବକଙ୍କ ଆଗ୍ରହ ବଢ଼ିଥିଲା। ତେଣୁ ସେ ପର୍ଯ୍ୟାୟକ୍ରମେ ୨.୫୦ ଲକ୍ଷ, ପୁଣି ୨.୫୦ ଲକ୍ଷ, ପରେ ୧ ଲକ୍ଷ ଏବଂ ପୁଣି ୧ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ମାଗେନ୍ତା ଲାଇଫକେୟାର ନାମକ କମ୍ପାନୀର ଆଇପିଓ ଜାରି ହେଉଛି, ତେଣୁ ସେଥିରେ ଅତିକମ୍‌ରେ ୫ ଲକ୍ଷ ଟଙ୍କା ବିନିଯୋଗ କଲେ କୋଟିପତି ହେବ ବୋଲି ସଂସ୍ଥା ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ସେହିକ୍ରମରେ ଯୁବକ ଜଣଙ୍କ ଆଇପିଓ କିଣିବାକୁ ୯.୩୫ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ଏଭଳି ମୋଟ ୧୬ ଲକ୍ଷ ୩୫ ହାଜର ଟଙ୍କା ଜମା କରିଦେଇଥିଲେ। ଆଉ ତାଙ୍କ ମୂଳ ଓ ଲାଭ ଟଙ୍କା ମିଶାଇ ମୋଟ ୪୬ ଲକ୍ଷ ୫୩ହଜାର ୬୬୩ଟଙ୍କା ହୋଇସାରିଛି ବୋଲି ଆଡଭେଣ୍ଟ କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଯୁବକ ଜଣକ ଟଙ୍କା ଉଠାଣ ଆବେଦନ କରିବା ପରେ ତାହାକୁ ଆଡଭେଣ୍ଟ କମ୍ପାନୀ ପକ୍ଷରୁ ରଦ୍ଦ କରି ଦିଆଯାଇଥିଲା। ଯଦି ଏହି ଟଙ୍କା ଉଠାଇବାକୁ ଚାହୁଁଛନ୍ତି ତେବେ ୧୦% ସେବା ଦେୟ ଅର୍ଥାତ୍ ୪ ଲକ୍ଷ ୬୫ ହଜାର ଦେବାକୁ ପଡିବ ବୋଲି କୁହାଯାଇଥିଲା। ଯୁବକ ଜଣକ ତାଙ୍କ ମୂଳ ଟଙ୍କାରୁ ସେବା ଦେୟ କାଟି ନେବାକୁ ଅନୁରୋଧ କରିଥିଲେ ମଧ୍ୟ କମ୍ପାନୀ କର୍ମଚାରୀ ଶୁଣି ନ ଥିଲେ। ବାରମ୍ବାର କମ୍ପାନୀ ଅଧିକାରୀଙ୍କ ସହ ଯୋଗାଯୋଗ କରି ବିଫଳ ହେବାରୁ ସାଇବର ଠକେଇର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୧/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି।

ପୂର୍ବଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ: ଜଣେ ଗୁରୁତର

କୁଜଙ୍ଗରେ ଚାପା ଉତ୍ତେଜନା

କୁଜଙ୍ଗ,୨୨।୯
(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଫଳରେ ସେ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ବାବୁଲି ତରାଇଙ୍କ ପୁଅ ଚନ୍ଦନ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛି। ଏନେଇ ଗ୍ରାମରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଥାନାରେ ଚନ୍ଦନଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଖବର ଲେଖାହେବା ବେଳକୁ ଗାଁର ବହୁ ମହିଳା ଓ ପୁରୁଷ ଥାନା ସମ୍ମୁଖରେ ଏକତ୍ରିତ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଚନ୍ଦନ ସନ୍ଧ୍ୟା ସମୟରେ ଏକ ମୋଟର ସାଇକେଲରେ ଜଣଙ୍କୁ ପଛରେ ବସାଇ କୁଜଙ୍ଗ ଅଭିମୁଖେ ଫେରୁଥିଲେ। କଟକ ପାରାଦୀପ ରାଜ୍ୟ ରାଜପଥର କୋଠିଆ ସାହି ନିକଟରେ ଅନ୍ୟ ଏକ ଗାଁର କେତେଜଣ ଯୁବକ ତାଙ୍କୁ ଅଟକାଇ ଆକ୍ରମଣ କରିବା ସହ ଖସି ପଳାଇଥିଲେ। ଏନେଇ ସାଙ୍ଗରେ ଥିବା ବ୍ୟକ୍ତି ଜଣକ ଥାନାରେ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

ସୂଚନାଯୋଗ୍ୟ, କିଛି ମାସ ପୂର୍ବରୁ ଏକ ଘଟଣାକୁ ନେଇ କୁଜଙ୍ଗ କଲେଜରେ ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଛକପଞ୍ଜା ଲାଗି ରହିଛି।

ପରୀକ୍ଷା ସେଣ୍ଟର ବାହାରେ ଲୁଟେରା

ଭୁବନେଶ୍ୱର,୨୨।୯
(ସୂର୍ଯ୍ୟକାନ୍ତ ବେହେରା)

ପରୀକ୍ଷା ସେଣ୍ଟର ବାହାରେ ଲୁଟେରା ମାତିଛନ୍ତି। ପରୀକ୍ଷାର୍ଥୀମାନେ ସେଣ୍ଟର ବାହାରେ ରଖିଥିବା ବ୍ୟାଗ ଓ ସ୍କୁଟି ଗାଡ଼ି ଡିକିକୁ ଲୁଟେରାମାନେ ଟାର୍ଗେଟ କରି ଲୁଟ୍ ପରେ ଫେରାର ହୋଇଯାଉଛନ୍ତି। ପାହାଳ ଥାନା ଅଞ୍ଚଳରେ ପରୀକ୍ଷା ଚାଲୁଥିବା ଏକ ସେଣ୍ଟରେ କିଛି ପରୀକ୍ଷାର୍ଥୀଙ୍କ ସ୍କୁଟି ଡିକି ଭାଙ୍ଗି ଦୁର୍ବୃତ୍ତମାନେ ମୋବାଇଲ, ଟଙ୍କା ଆଦି ନେଇଯାଇଥିବା ଜଣାପଡ଼ିଛି। ଏନେଇ ପରୀକ୍ଷାର୍ଥୀମାନେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଲୁଟେରା ଦଳଙ୍କୁ ଧରିବାକୁ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ଅନ୍ୟପଟେ ବାହାରେ ଜିନିଷ ନ ଥୋଇବାକୁ ପୋଲିସ ପକ୍ଷରୁ ଅପିଲ କରାଯାଇଥିବା ସୂଚନା ମିଳିଛି।

ସୂଚନାନୁସାରେ ରାଜ୍ୟରେ ସେପ୍ଟମ୍ବର ୨୦ରୁ ଆର୍‌ଆଇ ପରୀକ୍ଷା ଚାଲୁ ରହିଛି। ପରୀକ୍ଷାର୍ଥୀମାନେ ଦୂରଦୂରନ୍ତାରୁ ଆସୁଥିବାରୁ ସାଙ୍ଗରେ ବ୍ୟାଗ୍ ଓ ମୋବାଇଲ ଆଣୁଛନ୍ତି। ଏପରିକି କିଏ ସାଙ୍ଗରେ ଗାଡ଼ି ଧରି ମଧ୍ୟ ଆସୁଛନ୍ତି। ପରୀକ୍ଷାର୍ଥୀମାନେ ବାହାରେ ଜିନିଷ ଥୋଇ ଦେଇ ହଲ୍ ଭିତରକୁ ପଳାଇବା ପରେ ଦୁର୍ବୃତ୍ତମାନେ ସେମାନଙ୍କ ଜିନିଷକୁ ଲୁଟିନେଇଥିବା ପରୀକ୍ଷାର୍ଥୀ ଅଭିଯୋଗ ଆଣିବା ପରେ ଏଭଳି ଘଟଣା ସାମ୍ନାକୁ ଆସିଛି।

ଛାତ୍ରୀଙ୍କୁ ଅସଦାଚରଣ ଘଟଣା, ଶିକ୍ଷକ ଗିରଫ

ପଟ୍ଟାମୁଣ୍ଡାଇ, ୨୨।୯
(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଏକ ପ୍ରାଥମିକ ସ୍କୁଲରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶନିବାର ଅସଦାଚରଣ କରିବା ଅଭିଯୋଗରେ ପୋଲିସ ରବିବାର ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ତାଙ୍କ ନାମ ରଞ୍ଜନ ସୂତାର ବୋଲି ଜଣାପଡ଼ିଛି। ଅଭିଯୋଗ ମିଳିବା ପରେ ପୋଲିସ ନଂ. ୪୫୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ପୋକସୋ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପଦ୍ମାଳୟା ପ୍ରଧାନ କହିଛନ୍ତି।

ଶିକ୍ଷକ ଜଣଙ୍କ ଛାତ୍ରୀଙ୍କ ଉପରେ ଖରାପ ନଜର ପକାଉଥିବା ନେଇ ଛାତ୍ରୀମାନେ ଘରେ ଅଭିଯୋଗ କରି ଆସୁଥିଲେ। ଉକ୍ତ ଶିକ୍ଷକ ତାଙ୍କ ପାଖକୁ ଡାକି ଆପତ୍ତିଜନକ ସ୍ଥାନକୁ ଛୁଁଇବା ସହ ଖରାପ ବ୍ୟବହାର କରୁଛନ୍ତି ବୋଲି ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରୀ ନିଜ ଅଭିଭାବକଙ୍କୁ ଜଣାଇଥିଲେ। ଏ ବିଷୟରେ ଅଭିଭାବକ ଜାଣିବା ପରେ ଶନିବାର ସ୍କୁଲରେ ପହଞ୍ଚି ଆଲୋଚନା କରିଥିଲେ। ଏଥିରେ ଝିଅଙ୍କ ମା'ବାପାଙ୍କ ସହ ଅନ୍ୟ ଅଭିଭାବକ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଶନିବାର ଅପରାହ୍ନ ଉକ୍ତ ଶିକ୍ଷକଙ୍କୁ ଏକ କୋଠରିରେ ଅଟକ ରଖି ଅଭିଭାବକମାନେ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ପରେ ସ୍ଥାନୀୟ ପୋଲିସକୁଡାକିତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଆଇଆଇସି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ଆଣି ଅଟକ ରଖିଥିଲେ। ମାତ୍ର ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରି ନ ଥିଲା। ରବିବାର ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଉକ୍ତ ଶିକ୍ଷକଙ୍କୁ ଗିରଫ କରି ଉଭୟଙ୍କ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଇଛି। ଅନ୍ୟପକ୍ଷରେ ଅଭିଭାବକମାନେ ସ୍କୁଲରେ ରଞ୍ଜନଙ୍କୁ ଅଟକ ରଖି ମାଡ଼ ମାରିଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଆଉ ଏକ ଅଭିଯୋଗ ହୋଇଛି।

ଶ୍ୱଶୁରଙ୍କୁ ହତ୍ୟାକଲେ ଜ୍ୱାଇଁ

ଲକ୍ଷ୍ମୀପୁର, ୨୨।୯(ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ସଦର ରେଲୱେ କଲୋନୀ ନିକଟ ଆମ୍ବଗୁଡ଼ା ସାହିରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ଶ୍ୱଶୁରଙ୍କୁ ଲୁହା ରଡ୍‌ରେ ପିଟି ଜ୍ୱାଇଁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ହେଲେ ଲୋଚନ ବୈପାରୀ (୫୦)। ଲକ୍ଷ୍ମୀପୁର ପୋଲିସ ନଂ. ୧୪୮/୨୪ ମାମଲା ରୁଜୁକରି ଜ୍ୱାଇଁ କୃଷ୍ଣ ଜାନୀଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ୨ ନାବାଳକ ସହଯୋଗୀଙ୍କୁ ପୋଲିସ ପଚରାଉଚରା କରୁଛି।

ପ୍ରକାଶ ଯେ, ପାରିବାରିକ ଗଣ୍ଡଗୋଳରୁ କୃଷ୍ଣଙ୍କ ସ୍ତ୍ରୀ ପପି ବୈପାରୀ ୫ ରୁ ୬ ମାସ ହେବ ତାଙ୍କ ବାପଘରେ ରହୁଛନ୍ତି। ଶନିବାର ବିଳମ୍ବିତ ରାତିରେ ଶ୍ୱଶୁର ଘରକୁ ଜ୍ୱାଇଁ କୃଷ୍ଣ ଏବଂ ତାଙ୍କର ଦୁଇ ନାବାଳକ ସହଯୋଗୀ ଯାଇ ସ୍ତ୍ରୀ ପପିଙ୍କୁ ଘରୁ ବାହାରକୁ ଆସିବାକୁ ଡାକିଥିଲେ। ପପି ଘରୁ ବାହାରକୁ ଆସିବା ମାତ୍ରେ ସ୍ୱାମୀ କୃଷ୍ଣ ତାଙ୍କୁ ମାରପିଟ କରିଥିଲେ। ଏହା ଦେଖି ବାପା ଲୋଚନ ଓ ତାଙ୍କ ମା' ବନ୍ଦି ଘର ବାହାରକୁ ଆସିଥିଲେ। ଏହା ଦେଖି ଜ୍ୱାଇଁ କୃଷ୍ଣ ଉତ୍‌କ୍ଷିପ୍ତ ହୋଇ ଶ୍ୱଶୁର ଲୋଚନ ଏବଂ ଶାଶୁ ବନ୍ଦିଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଫଳରେ ଲୋଚନଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସେ ଘଟଣାସ୍ଥଳରେ ଅଚେତ ହୋଇପଡ଼ିବାରୁ ଜ୍ୱାଇଁ କୃଷ୍ଣ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଲୋଚନଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏସ୍‌ଆଇ ମାନସ ପ୍ରଧାନ କହିଛନ୍ତି, କିଛି ଦିନ ପୂର୍ବେ କୃଷ୍ଣ ସ୍ତ୍ରୀ ପପିଙ୍କୁ ମାରପିଟକରି ନିର୍ଯାତନା ଦେଇଥିଲେ। ଏହାକୁ ପପି ସହି ନ ପାରି ନିଜ ବାପଘରେ ଆସି ରହୁଥିଲେ। ଶନିବାର ରାତିରେ କେତେକ ସହଯୋଗୀଙ୍କ ସହ କୃଷ୍ଣ ଏପରି କାଣ୍ଡ ଘଟାଇଛନ୍ତି। କୃଷ୍ଣଙ୍କ ଆକ୍ରମଣରେ ସ୍ତ୍ରୀ ପପି ଓ ଶାଶୁ ବନ୍ଦି ଗୁରୁତର ହୋଇଛନ୍ତି।

ବିଜ୍ଞାପିତ ଅଞ୍ଚଳ ପରିଷଦ, ତୁଷୁରା
No.C-
OFFICE OF THE NOTIFIED AREA COUNCIL, TUSURA
(Under Housing & Urban Development Deptt., Govt. of Odisha)
At+PO : Tusura, Dist : Balangir-767030, e-mail - nactusura@gmail.com, website : nactusura.in
Letter No. : 1405/Date : 20.09.2024
QUOTATION CALL FOR SANITATION OUTSOURCING
Sealed quotations are invited from intending registered Firms/NGOs/Organization and private companies satisfying eligibility criteria as per detailed Quotation Call Notice for outsourcing of Sanitation work in 11 wards of Tusura NAC with 81 Nos. of Sanitation workers and door to door collection in 11 wards, spreading of bleaching powder, bush cutting, transporting / segregation of Wet & Dry waste to MCC/MRF site. The quotation should reach the Office of the Executive Officer, Tusura NAC by **1.00** P.M. of **17.10.2024** through **Speed post/Registered post** only. The quotations so received shall be opened on **18.10.2024** at **11.00** A.M. in presence of the quotationers or their authorized representatives.
Detailed terms and conditions will be available from the office of the undersigned from **21.09.2024 to 17.10.2024** (Upto 1.00 PM) (except Govt. holidays).
I. Cost of quotations paper - **Rs.10000/-** (Non refundable) Security Deposit - **Rs.3,00,000/-(Rupees three lakhs) only** NSC/DD/BED duly pledged favour of Executive Officer, Tusura NAC.
II. Sale of quotations paper : **21.09.2024** to **17.10.2024** upto 1.00 P.M. (except Govt. holidays).
III. Receipt of Quotations (Through **Speed post/Registered post** only) - up to **17.10.2024** (up to 1.00 P.M.)
IV. Opening of Quotations at Council Hall of Tusura NAC, on **Dt.18.10.2024 at 11.00 AM**
Office will not be responsible for any postal service delay. The Authority reserves the right to cancel any or all quotations without assigning any reason thereof and shall bear no liability consequent upon such decision.
Sd./- Executive Officer NAC, Tusura
OIPR-13167/11/0001/2425

omfed
www.omfed.com
The Odisha State Co-operative Milk Producers' Federation Limited
D-2, Sahid Nagar, Bhubaneswar - 751007
Ph. No. 0674-2546030, 2540273, 2540417, 2540974
Email ID: omfed@yahoo.com
EXPRESSION OF INTEREST FOR "OMFED MITRA" MODERN PARLOUR
No. CAD-1169: Applications are invited from sincere, interested, and financially sound parties to construct & operate the FOFO model (Franchise Owned Franchise Operated) **"OMFED MITRA"** Modern Parlours in major cities/ Towns /NAC areas in different districts of the State of Odisha.
The Application form and detailed terms & conditions can be downloaded from the OMFED website **www.omfed.com** and are to be submitted within 21 days from the date of publication along with the cost of the document of Rupees Five Hundred & Sixty Only **(Rs.590.00)** in the

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଭାରତ ୨୮୦ ରନ୍‌ରେ ବିଜୟୀ

ଚେନ୍ନାଇ,୨୨।୯(ପି.ଟି.)

ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ବାଂଲାଦେଶକୁ ୨୮୦ ରନ୍‌ରେ ପରାସ୍ତ କରିଛି ଭାରତ। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିବା ବେଳେ ଦ୍ୱିତୀୟ ଟେଷ୍ଟ କାନପୁରରେ ଖେଳାଯିବ। ବାଂଲାଦେଶ ସମ୍ମୁଖରେ ଅସମ୍ଭବ ୫୧୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଭାରତ। ଜବାବରେ ରବିଚନ୍ଦ୍ରନ ଅଶ୍ୱିନଙ୍କ ୬ ଉଇକେଟ ସଫଳତା କାରଣରୁ ଭ୍ରମଣକାରୀ ଦଳ ମାତ୍ର ୨୩୪ ରନ୍‌ରେ

ପ୍ରଥମ ଟେଷ୍ଟ

■ ଅଶ୍ୱିନଙ୍କୁ ୬ ଉଇକେଟ୍

ସମସ୍ତ ଉଇକେଟ ହରାଇଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୫୮/୪ରୁ ଖେଳ ଆରମ୍ଭ କରିଥିଲା ବାଂଲାଦେଶ। ପୂର୍ବଦିନରୁ ଅପରାଜିତ ଥିବା ଅଧିନାୟକ ନଜମୋଲ ହୋସେନ ଶନ୍ତୋ ଭାରତୀୟ ବୋଲରଙ୍କ ମୁକାବିଲା କରିବା ସହ ସର୍ବାଧିକ ୮୨ ରନ୍ କରିଥିଲେ। ଭାରତକୁ ବିଜୟ ପାଇଁ ୬ ଉଇକେଟ ଆବଶ୍ୟକ ଥିବା ବେଳେ ରବିବାର ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ମିଳିତ ଭାବରେ ୬ଟି ଯାକ ଉଇକେଟ ବାଣ୍ଟି ନେଇଥିଲେ। ଶନ୍ତୋ ୧୨୭ ବଲ୍ ଖେଳି ୮ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାକିବ୍ ଅଲ ହସନ ୨୫ ରନ୍ ସ୍କୋର କରିଥିଲେ। ଅଶ୍ୱିନ ଓ ଜାଡେଜା ମିଳିତ ଭାବରେ ବାଂଲାଦେଶ ନିମ୍ନକ୍ରମ ବ୍ୟାଟିଂ ଅର୍ଡରକୁ ପୋଛି ନେଇଥିଲେ। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ସର୍ବାଧିକ ୬ ଉଇକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୩ ଓ ଯଶପ୍ରୀତ୍ ବୁମ୍‌ରା ୧ ଉଇକେଟ ନେଇଥିଲେ।

ତୃତୀୟ ଦିନରେ ଭାରତ ପକ୍ଷରୁ ରିଷଭ ପନ୍ତ ଓ ଶୁବମାନ ଗିଲ୍ ଶତକ ହାସଲ କରିବାରୁ ଭାରତ ୨୮୧/୪ରେ ଇନିଂସ ଘୋଷଣା କରିଥିଲା। ଉଲ୍ଲେଖଯୋଗ୍ୟ ଯେ ରବିଚନ୍ଦ୍ରନ ଅଶ୍ୱିନଙ୍କ ଶତକ ବଳରେ ଭାରତ ପ୍ରଥମ ଇନିଂସରେ ୩୭୬ ରନ୍ କରିଥିଲା। ଭାରତୀୟ ପେସରମାନେ ନିଜ ମଧ୍ୟରେ ୮ ଉଇକେଟ ବାଣ୍ଟି ନେବାରୁ ବାଂଲାଦେଶ ପ୍ରଥମ ଇନିଂସ ମାତ୍ର ୧୪୯ରେ ସୀମିତ ରହିଥିଲା। ରବିଚନ୍ଦ୍ରନ ଅଶ୍ୱିନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୩୭୬/୧୦। ବାଂଲାଦେଶ ପ୍ରଥମ ଇନିଂସ: ୧୪୯/୧୦। ଭାରତ ଦ୍ୱିତୀୟ ଇନିଂସ ୬୪ ଓଭରରେ ୨୮୭/୪(ଘୋଷଣା)। ବାଂଲାଦେଶ ଦ୍ୱିତୀୟ ଇନିଂସ ୬୨.୧ ଓଭରରେ ୨୩୪/୧୦ (ନଜମୋଲ ହୋସେନ ଶନ୍ତୋ-୮୨, ଜାକିର ହସନ-୩୩, ଶଦମାନ ଇସଲାମ-୩୫, ଆର. ଅଶ୍ୱିନ-୬/୮୮, ରବୀନ୍ଦ୍ର ଜାଡେଜା-୩/୫୮, ଯଶପ୍ରୀତ୍ ବୁମରା-୧/୧୮)।

ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ଦଳ।

ଟେଷ୍ଟରେ ଭାରତର ରେକର୍ଡ ବିଜୟ

୯୨ ବର୍ଷରେ ପରାଜୟ ସଂଖ୍ୟାକୁ ଅତିକ୍ରମ କଲା

ଚେନ୍ନାଇ,୨୨।୯

ଚେନ୍ନାଇରେ ଅନୁଷ୍ଠିତ ବାଂଲାଦେଶ ପ୍ରଥମ ଟେଷ୍ଟକୁ ୨୮୦ ରନ୍‌ରେ ଜିତି ନେଇଛି ଭାରତ। ଏହା ସହ ଦଳ ଏହାର ଟେଷ୍ଟ କ୍ରିକେଟ ଇତିହାସର ଏକ ଅନନ୍ୟ ରେକର୍ଡ ନିଜ ନାମରେ କରିଛି। ଭାରତୀୟ ଟେଷ୍ଟ କ୍ରିକେଟ ଦଳ ଏହାର ୯୨ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ପରାଜୟ ସଂଖ୍ୟାକୁ ଅତିକ୍ରମ କରିଛି। ଭାରତ ସମୁଦାୟ ୫୮୦ ମ୍ୟାଚ୍ ଖେଳ ସାରିଥିବା ବେଳେ ଏହା ମଧ୍ୟରେ ୧୭୮ ପରାଜୟ ଓ ୧୭୯ ବିଜୟ ସାମିଲ ରହିଛି। ୨୨୨ଟି ମ୍ୟାଚ୍ ଡ୍ରରେ ଶେଷ ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ଟାଇ ରହିଛି। ଟେଷ୍ଟ କ୍ରିକେଟରେ ପଞ୍ଚମ ଦଳ ଭାବରେ ଭାରତ ଏହି ରେକର୍ଡ କରିଛି। ପୂର୍ବରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ଏହି ଏଲିଟ୍ କ୍ଲବରେ ସାମିଲ ଅଛନ୍ତି। ଭାରତ ୫୮୦ ତମ ଟେଷ୍ଟରେ ଏହି ସଫଳତା ହାସଲ କରିଥିବା ବେଳେ ଏହା ସବୁଠାରୁ ଧିମା ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଏହାର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଏହି ରେକର୍ଡ କରିଥିଲା।

ଅଷ୍ଟ୍ରେଲିଆ ୪୧୪ ବିଜୟ ଓ ୨୩୨ ପରାଜୟ ସହ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଦ୍ୱିତୀୟ ସ୍ଥାନରେ ଥିବା ଇଂଲଣ୍ଡ ୩୯୭ ବିଜୟ ହାସଲ କରିଥିବା ବେଳେ ୩୨୫ ମ୍ୟାଚ୍‌ରେ ପରାଜିତ ହୋଇଛି। ତୃତୀୟ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକା ୧୬୧ ପରାଜୟ ତୁଳନାରେ ୧୭୯ ବିଜୟ ହାସଲ କରିଛି। ସେହିପରି ୧୪୪ ପରାଜୟ ଓ ୧୪୮ ବିଜୟ ସହିତ ଏହି ତାଲିକାର ଚତୁର୍ଥ ସ୍ଥାନରେ ରହିଛି ପାକିସ୍ତାନ।

ପ୍ରତ୍ୟାଶାଙ୍କୁ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୨୨।୯(ତପନ ସ୍ୱାଇଁ)

ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟ ଚଳିତ ବର୍ଷର ସମ୍ମାନ୍‌ଜନକ ଏକଲବ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ପ୍ରତିଭା ସମ୍ପନ୍ନ ହ୍ୱିଲ୍‌ଚେୟର ଦଣ୍ଡପତି ମୃତ୍ୟୁମ ଜୟରାମ ଓ ବ୍ୟାଡ୍‌ମିଣ୍ଟନ ପ୍ରତିଭା ତନ୍ୱି ପତ୍ରି ଉପବିଜେତା ବିବେଚିତ ହୋଇଛନ୍ତି। ଆଗାମୀ ଦିନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ। ଏକଲବ୍ୟ ପୁରସ୍କାର ରାଶିକୁ ଚଳିତ ବର୍ଷଠାରୁ ୫ରୁ ୭ ଲକ୍ଷ ଟଙ୍କାକୁ ବୃଦ୍ଧିକରାଯାଇଛି। ସେହିପରି ଉପବିଜେତାଙ୍କ ପୁରସ୍କାର ରାଶି ୧ ଲକ୍ଷରୁ ୧.୫ ଲକ୍ଷ ଟଙ୍କାକୁ ବଢ଼ାଇ ଦିଆଯାଇଛି। ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ପା ଦ୍ୱାରା ପରିଚାଳିତ 'ଇଣ୍ଡିଆନ ମେଟାଲ୍ସ ପଲ୍ସ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାଲ୍ସ) ପକ୍ଷରୁ ୧୯୯୩ରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ''ପୁରସ୍କାର ମାଧ୍ୟମରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଏହାଦ୍ୱାରା ସେମାନେ ଉତ୍ସାହିତ ହୋଇ ଅଧିକରୁ ଅଧିକ ଉନ୍ନତ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟ ଏବଂ ଦେଶ ପାଇଁ ସୁନାମ ଅର୍ଜନ କରିପାରିବେ। କ୍ରୀଡ଼ା ବ୍ୟତୀତ ସାହିତ୍ୟ, କଳା, ସ୍ଥାପତ୍ୟ ଓ ସ୍ୱାସ୍ଥ୍ୟସେବା ଆଦିକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି'' ବୋଲି ଏକଲବ୍ୟ ପୁରସ୍କାର ପାଇଁ ନାମ ଘୋଷଣା ଅବସରରେ ଇମ୍ପାଲ୍ସର ଟ୍ରଷ୍ଟି ତଥା ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରକାଶ କରିଛନ୍ତି। ପୁରସ୍କାର କମିଟି ଆବାହକ ଶଶାଙ୍କ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ରାଜ୍ୟ ଓ ଜାତୀୟ ସ୍ତରରେ ଚମକ ସୃଷ୍ଟି କରିଥିବା ପ୍ରତ୍ୟାଶା ଗତବର୍ଷ ଅନ୍ତର୍ଜାତୀୟସ୍ତରରେ ମଧ୍ୟ ପଦକ ହାସଲ କରି ପ୍ରଦର୍ଶନର ଛାପ ଛାଡ଼ିଥିଲେ।

ପ୍ରତ୍ୟାଶା ରାୟ

ସ୍ୱ-ନକ୍ଷତ୍ର ଦିବସ

ଗୌରବ ନନ୍ଦନ ନାୟକ (ଗୁଡୁଲ୍)
କଗନ୍ନାଥ ମଠ ଲେନ୍, ଭୁବନେଶ୍ୱର-୨
ଆଜି ତୋର ଏହି ଜନ୍ମ ଦିନର ଶୁଭ ଅବସରରେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ତୋ'ର ଦୀର୍ଘାୟୁ କାମନା କରୁଛୁ।
ତୋର ଅଜା, ଆଈ, ମାମୁ, ମାଈଁ, ମଉସା, ମାଉସୀ
ରାହାମା, ଜରତ୍‌ସିଂହପୁର
ଧ-୧୪୧୪

ଚେପକ୍‌ରେ ଅଶ୍ୱିନଙ୍କ ନିଆରା ରେକର୍ଡ

ଚେନ୍ନାଇ,୨୨।୯: ଗୋଟିଏ ଭେନ୍ୟୁରେ ଶତକ ହାସଲ ସହ ୫ ଉଇକେଟ ସଫଳତା ନେବାରେ ଅଶ୍ୱିନ ମଧ୍ୟ ରେକର୍ଡ ନିଜ ନାମରେ କରିଛନ୍ତି। ହୋମ୍ ଗ୍ରାଉଣ୍ଡ ଚେପକ୍‌ରେ ଅଶ୍ୱିନ ଶତକ ହାସଲ କରିଥିବା ବେଳେ ଚେନ୍ନାଇରେ ଅଶ୍ୱିନଙ୍କର ଏହା ଦ୍ୱିତୀୟ ଶତକ ହୋଇଥିବା ବେଳେ ପଞ୍ଚମ ଥର ୫ ଉଇକେଟ ସଫଳତା ହାସଲ କରି ସାରିଛନ୍ତି। ବାଂଲାଦେଶ ବିପକ୍ଷ ଟେଷ୍ଟ ପୂର୍ବରୁ ଚେପକ୍‌ରେ ଅଶ୍ୱିନ ଗୋଟିଏ ଶତକ ଓ ୪ ଥର ୫ ଉଇକେଟ ସଫଳତା ହାସଲ କରିଥିଲେ। ଗ୍ୟାରଫିଲ୍ଡ ସୋବର୍ସ ହେଡିଙ୍ଗଲିରେ ଦୁଇଟି ଶତକ ଓ ୨ ଥର ୫ ଉଇକେଟ ସଫଳତା ହାସଲ କରିଥିଲେ। ଭାରତୀୟ କିମ୍ବଦନ୍ତୀ କପିଳ ଦେବ ସମାନ ଚେନ୍ନାଇ ଭେନ୍ୟୁରେ ଦୁଇଟି ଶତକ ଓ ୨ ଥର ୫ ଉଇକେଟ ସଫଳତାର ରେକର୍ଡ ନିଜ ନାମରେ ରଖିଛନ୍ତି। ନ୍ୟୁଜିଲାଣ୍ଡର କ୍ରିସ୍ କେର୍ନସ ଅକଲାଣ୍ଡରେ ଦୁଇଟି ଶତକ ଓ ୨ ଥର ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ଇଂଲିଶ ଅଲରାଉଣ୍ଡର ଇଆନ୍ ବୋଥାମ ହେଡିଙ୍ଗଲିରେ ଦୁଇଟି ଶତକ ଓ ୩ ଥର ୫ ଉଇକେଟ ସଫଳତା ହାସଲ କରି ଏହି ତାଲିକାରେ ସାମିଲ ଅଛନ୍ତି। ସେହିପରି ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଅଶ୍ୱିନ ୮ ନମ୍ବର ସ୍ଥାନରେ ବ୍ୟାଟିଂ କରି ୪ ନମ୍ବର ଶତକ ସହ ସର୍ବାଧିକ ଶତକ ହାସଲକାରୀ ବ୍ୟାଟରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି।

ଗୁଜରାଟ ଗ୍ରେଟ୍ସର ପ୍ରଥମ ବିଜୟ

ଯୋଧପୁର,୨୨।୯: ଲିଜେଣ୍ଡ ଲିଗ୍ କ୍ରିକେଟ୍‌ରେ ରବିବାର ତୋୟାମ ହାଇଦ୍ରାବାଦକୁ ୮ ଉଇକେଟରେ ପରାସ୍ତ କରିଛି ଗୁଜରାଟ ଗ୍ରେଟ୍ସ। ଚଳିତ ସିଜନରେ ମର୍ନେ ଭାନ୍ ୱିକ ଗ୍ରେଟ୍ସ ପକ୍ଷରୁ ପ୍ରଥମ ଶତକ ହାସଲ କରିଛନ୍ତି। ତୋୟାମ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୨୦ ଓଭରରେ ୭ ଉଇକେଟ ହରାଇ ୧୭୨ ରନ୍ କରିଥିଲା। ଜବାବରେ ଭାନ୍ ୱିକ୍‌ଙ୍କ ଅପରାଜିତ ୧୧୫ ରନ୍ ବଳରେ ୩ ବଲ୍ ବାକିଥାଇ ୨ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା ଗୁଜରାଟ।

ଯୋଧପୁରର ବର୍କତଉଲା ଖାଁ କ୍ରିକେଟ ଷ୍ଟାଡିୟମରେ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ

ଭାନ୍ ୱିକ୍‌ଙ୍କ ଶତକ

ବ୍ୟାଟିଂ ନେଇଥିଲା। ୩୬ ରନ୍‌ରେ ଦଳ ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ମଧ୍ୟକ୍ରମରେ ସୁରେଶ ରାଇନା(୪୪), ଗୁରକୀରାଟ ସିଂ ମାନ୍(୨୬) ଓ ପିଟର ଟ୍ରେଗୋ(୩୬) ରନ୍ କରିବାରୁ ହାଇଦ୍ରାବାଦ ୭ ଉଇକେଟରେ ୧୭୨ ରନ୍ କରିଥିଲା। ଟପ୍ ସ୍କୋରର ରାଇନା ୨୭ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ଗୁଜରାଟ ପକ୍ଷରୁ ଲିଆମ୍ ପ୍ଲଙ୍କେଟ, ସିକୁଗେ ପ୍ରସନ୍ନା ଓ ମନନ ଶର୍ମା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଶିଖର ଧାୱନ(୨୧) ଓ ଭାନ୍ ୱିକ୍(୧୧୫*) ପ୍ରଥମ ଉଇକେଟରେ ୮୩ ରନ୍ ଯୋଡିଥିଲେ। ୬୯ ବଲ୍ ଖେଳିଥିବା ଭାନ୍ ୱିକ୍ ୮ ଚୌକା ଓ ୯ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲେଣ୍ଡଲି ସିମନ୍ସ ୨୦ ଓ ୟଶପାଲ ସିଂ ୧୩ ରନ୍ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଇଶୁରୁ ଉଡାନା ଓ ଗୁରୁକୀରଟ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର: ତୋୟାମ ହାଇଦ୍ରାବାଦ ୨୦ ଓଭରରେ ୧୭୨/୭ (ସୁରେଶ ରାଇନା-୪୪, ଗୁରକୀରାଟ ସିଂ ମାନ୍-୨୬, ପିଟର ଟ୍ରେଗୋ-୩୬, ଲିଆମ୍ ପ୍ଲଙ୍କେଟ-୨/୨୫, ସିକୁଗେ ପ୍ରସନ୍ନା-୨/୨୮, ମନନ ଶର୍ମା-୨/୩୭)। ଗୁଜରାଟ ଗ୍ରେଟ୍ସ ୧୯.୩ ଓଭରରେ ୧୭୪/୨ (ମର୍ନେ ଭାନ୍ ୱିକ୍-୧୧୫*, ଶିଖର ଧାୱନ-୨୧, ଲେଣ୍ଡଲି ସିମନ୍ସ ୨୦, ଇଶୁରୁ ଉଡାନା-୧/୨୪, ଗୁରକୀରାଟ ସିଂ ମାନ୍-୧/୧୭)।

Classified Everyday
0674-2580101, 2549949

REAL ESTATE
SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-1427

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 Km. ଦୂରରେ low cost plot କିଣି immediate ଘର କରନ୍ତୁ। 9692213354. ଧ-୭୫୭୫

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512. D-1428

Newly open health benefits SPA by expert therapist. Contact- 9938843929. D-76155

Newly open health benefits SPA special offer @ 799 Bapujinagar. 8018429809. D-76156

AFFIDAVIT

By virtue of an affidavit sworn before Executive Magistrate, Bhadrak, Vide No.- 6686, 6687, 6720 dt. 03. 09. 2024, 03. 09. 2024, 04. 09. 2024, I Shruti Agarwal, W/o- Mridul Agarwal, Vill- Dhalasahi, P.O.- Charampa, P.S./ Dist.- Bhadrak here by affirm that in LIC bond bearing No.- 599462975 my name is mention SANTOSH FOGLA and other two my husbands Policy No.- 598135261 & 598135263 as nomine my name mention SANTOSH Agarwal. Hence SANTOSH FOGLA, SANTOSH Agarwal and Shruti Agarwal W/o- Mridul Agarwal is same and one person. D-1429

Affidavit before Executive Magistrate, I have changed my name from Ratna Manjari Sahoo to Rita Rani Sahoo, W/o- Pradeep Kumar Sahoo, Village- Chainpurpatana, P.O.-Gadasila, P.S.- Sadar, Dist.-Dhenkanal for the purpose of LIC Policy-585276071 and all purposes. D-75455

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱ ଅମ୍ବିକା ଦାସ
ଯୋଡ଼ା ମଝି ସାହି, କଟକ
ଆବିର୍ଭାବ: ୧୯୩୩
ତିରୋଧାନ: ତା୧୩।୦୯।୨୦୨୪
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ହତଭାଗ୍ୟ ତିନି ପୁଅ, ବୋହୂ, ସାନ ଭାଇ ଭାଉଜ, ଝିଅ, ଝିଆରୀ, ପୁତୁରା, ନାତି, ନାତୁଣୀ ଓ ବନ୍ଧୁ, ପରିବାରବର୍ଗ ।
ଧ-୧୪୩୧

ଏକାଦଶାହ ଉପଲକ୍ଷେ

ୱ ନରହରି ମଲ୍ଲିକ
ବିଷ୍ଣୁପୁର, ଅଣ୍ଡରା, ଦାଣ୍ଡିସାହି, କେନ୍ଦ୍ରାପଡ଼ା
ଆବିର୍ଭାବ : ୧୫.୦୫.୧୯୩୩
ତିରୋଧାନ :୧୩.୦୯.୨୦୨୪
ଆପଣଙ୍କ ଦୟା ଓ ପରୋପକାରିତା ମନୋଭାବ ଆମମାନଙ୍କୁ ସର୍ବଦା ଅନୁପ୍ରେରିତ କରୁଥିବ। ଜଣେ ଆଦର୍ଶ ସମାଜସେବୀ ଭାବରେ ଆପଣମାନଙ୍କୁ ତଥା ଆମପରି ଅନେକଙ୍କୁ ମଣିଷ କରିଛନ୍ତି, ସେଥିପାଇଁ ଆପଣ ଚିର ନମସ୍ୟ। ଏଣୁ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ : ମଲ୍ଲିକ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ପୁତ୍ର-ରଞ୍ଜନ, ରମାରଞ୍ଜନ, ସଞ୍ଜୟ, ନାତି-ବଣ୍ଟି, ଓମ୍, ନାତୁଣୀ-ସୁ, ରିୟା, ଜ୍ୱାଇଁ-ଅଭୟ
ଧ-୭୫୫୬୯

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ପୁଷ୍ପଲତା ନାଏକ
ଆବିର୍ଭାବ-୦୮।୦୫।୧୯୬୭
ତିରୋଧାନ- ୧୩।୦୯।୨୦୨୪
ଅତାବିରା ସରକାରୀ ଉଚ୍ চ ବାଳିକା ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପଲତା ନାଏକଙ୍କ ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ।
-ଶୋକସନ୍ତପ୍ତ-
ସ୍ୱାମୀ- ସାଗରଳାଲ ବାରିକ, ପୁତ୍ର- ଚିନ୍ତୁ, ଅଙ୍କୁ, ପୁତ୍ରବଧୂ- ନମିତା, ନାତି- ଆର୍ଜନ ଓ ବାରିକ ପରିବାରବର୍ଗ ।
ଧ-୧୪୩୦

ନିୟମିତ ଦହି ଖାଉଥିଲେ...

ଦହି ପ୍ରାକୃତିକ ଭାବେ ହେଉଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଏହା ବଢ଼ାଇଥାଏ। ପ୍ରାୟ ୭୦ ପ୍ରତିଶତ ଶକ୍ତି ଆମେ ଦହିରୁ ହିଁ ପାଇଥାଉ। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ଅସ୍ଥି ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରେସିସ୍ ସମସ୍ୟା ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଦାନ୍ତମୂଳକୁ ଦୃଢ଼ ରଖେ। ଚର୍ମ ଏବଂ କେଶକୁ ବଢ଼ିବାରେ ଦହି ମଧ୍ୟ ସାହାଯ୍ୟ କରେ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହାଦ୍ୱାରା କ୍ଷତ ହୋଇଥିବା ସ୍ଥାନରେ ନୂଆ ଚର୍ମ ମଧ୍ୟ ଆପେ ସୃଷ୍ଟି ହୋଇଯାଏ। ଏହା ମଧ୍ୟ ପାଚନ କ୍ରିୟାକୁ ଆହୁରି ଦୃଢ଼ କରିଥାଏ। କେବଳ ସେତିକି ନୁହେଁ, କୋଲେଷ୍ଟରଲ ଏବଂ ମେଦ ବହୁଳତାକୁ ଏହା କେତେକାଂଶ ନିୟନ୍ତ୍ରଣରେ ରଖିଥାଏ। ଉଚ୍ଚ ରକ୍ତଚାପ ସମସ୍ୟା ପାଇଁ ଏହା ମଧ୍ୟ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ନିୟମିତ ଦହି ଖାଇଲେ ତାହା ହୃତ୍‌ପିଣ୍ଡ ବା ହାର୍ଟକୁ ସୁସ୍ଥ ରଖିଥାଏ। ଜଣେ ଡାଇବେଟିସ୍ ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରିବେ। କାରଣ ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖେ।

ସନ୍ତୁଳିତ ରହିବ ଡାଇବେଟିସ୍

ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ଡାଇବେଟିସ୍ ଯଦି ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟିଶକ୍ତି ଉପରେ ପଡ଼ିଥାଏ। ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ତେଣୁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରଥମେ ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରନ୍ତୁ। ଏକ ରୁଟିନ୍ ଜୀବନଶୈଳୀ ଅନୁସରଣ କରନ୍ତୁ। ବିଶେଷଭାବରେ ଖାଦ୍ୟପେୟ ଏବଂ ବ୍ୟାୟାମ ପ୍ରତି ଧ୍ୟାନ ଦିଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡାଇବେଟିସ୍ ଧୀରେ ଧୀରେ ଆଉ କେତେକ ରୋଗଗୁଡ଼ିକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତେଣୁ ନିୟମିତ ସମୟ ବ୍ୟବଧାନରେ ସମ୍ପୂର୍ଣ୍ଣ ଶରୀର ଚେକ୍‌ଅପ୍ କରାଇ ନେବାକୁ ଆଦୌ ଭୁଲନ୍ତୁ ନାହିଁ। ତା'ସହ ରକ୍ତରେ ସୁଗାର ପରିମାଣ ସନ୍ତୁଳିତ ଅଛି କି ନାହିଁ ତାହାର ଠିକ୍ ସମୟ ବ୍ୟବଧାନରେ ପରୀକ୍ଷା କରି ଜାଣି ନିଅନ୍ତୁ। ଯଦି କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଅଭିଜ୍ଞ ଡାଇବେଟିସ୍ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

ଉପାଦେୟ ଅଶୋକ ପୁଷ୍ପ

ପ୍ର. ଅରୁଣ ଚନ୍ଦ୍ର ସାହୁ

''ଆୟୁର୍ବେଦ ଶାସ୍ତ୍ରରେ ମଧ୍ୟ ଅଶୋକ ବୃକ୍ଷର ଅନେକ ଔଷଧୀୟ ଗୁଣ ବିଷୟରେ ବର୍ଣ୍ଣନା କରାଯାଇଛି। ଏହାର ଫୁଲ ସୁନ୍ଦର ଓ ସୁଗନ୍ଧଯୁକ୍ତ। ସାରା ଭାରତରେ ଏହି ବୃକ୍ଷ ଦେଖାଯାଏ। ଓଡ଼ିଶାରେ ମଧ୍ୟ ପ୍ରାୟ ପ୍ରତ୍ୟେକ ଜିଲାରେ ଏହି ବୃକ୍ଷ ଦୃଷ୍ଟିଗୋଚର ହୁଏ। ଭାରତର ଜାତୀୟ ପୁଷ୍ପ ପଦ୍ମ ହୋଇଥିବାବେଳେ ଓଡ଼ିଶାର ରାଜ୍ୟ ପୁଷ୍ପ (ଷ୍ଟେଟ ଫ୍ଲାୱାର) ହେଉଛି ଅଶୋକ, ଯାହା ଓଡ଼ିଶାର ଲୋକମାନେ ପ୍ରାୟ ଜାଣି ନଥିବେ। ଏହି ପୁଷ୍ପ ବୃକ୍ଷ ବିଷୟରେ କିଛି ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ।''

ରାମାୟଣରେ ବର୍ଣ୍ଣିତ ହୋଇଛି ଯେ, ରାବଣ ସୀତାଙ୍କୁ ଚୋରାଇ ନେଇ ଲଙ୍କାର ଅଶୋକ ବନରେ ବନ୍ଦୀ କରି ରଖିଥିଲା। ଅଶୋକ ବୃକ୍ଷ ମୂଳରେ ବସି ସୀତା ରାମଙ୍କ କଥା ଭାବି ଭାବି ଦୁଃଖରେ କାଳ କାଟୁଥିଲେ। ଅଶୋକ ବୃକ୍ଷ ସୀତାଙ୍କୁ ଛାଇ ଓ ମୁକ୍ତ ବାୟୁ ପ୍ରଦାନ କରି ସନ୍ତୋଷ ଲାଭ କରୁଥିଲା ଯେପରି। ତେଣୁ କାହିଁ କେତେ ଯୁଗରୁ ଅଶୋକ ବୃକ୍ଷର ଅବତାରଣା କରାଯାଇଛି। ଆୟୁର୍ବେଦ ଶାସ୍ତ୍ରରେ ମଧ୍ୟ ଅଶୋକ ବୃକ୍ଷର ଅନେକ ଔଷଧୀୟ ଗୁଣ ବିଷୟରେ ବର୍ଣ୍ଣନା କରାଯାଇଛି। ଏହାର ଫୁଲ ସୁନ୍ଦର ଓ ସୁଗନ୍ଧଯୁକ୍ତ। ସାରା ଭାରତରେ ଏହି ବୃକ୍ଷ ଦେଖାଯାଏ। ଓଡ଼ିଶାରେ ମଧ୍ୟ ପ୍ରାୟ ପ୍ରତ୍ୟେକ ଜିଲାରେ ଏହି ବୃକ୍ଷ ଦୃଷ୍ଟିଗୋଚର ହୁଏ। ଭାରତର ଜାତୀୟ ପୁଷ୍ପ ପଦ୍ମ ହୋଇଥିବାବେଳେ ଓଡ଼ିଶାର ରାଜ୍ୟ ପୁଷ୍ପ (ଷ୍ଟେଟ ଫ୍ଲାୱାର) ହେଉଛି ଅଶୋକ ଯାହା ଓଡ଼ିଶାର ଲୋକମାନେ ପ୍ରାୟ ଜାଣି ନଥିବେ। ଏହି ପୁଷ୍ପ ବୃକ୍ଷ ବିଷୟରେ କିଛି ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ।

ଅଶୋକ ବୃକ୍ଷର ଇଂଲିଶ୍ ନାମ ଅଶୋକା ଓ ବୈଜ୍ଞାନିକ ନାମ ସାରାକା ଅଶୋକା ଓ ଏହା ସିଜାଲପିନିଆସି ବଂଶର ଅନ୍ତର୍ଭୁକ୍ତ। ଏହାକୁ ବଙ୍ଗାଳୀ, ହିନ୍ଦୀ ଓ ଗୁଜରାଟୀରେ ଅଶୋକା, ତାମିଲରେ ଅଶୋଗମ୍ ଓ ତେଲୁଗୁରେ ଅଶୋକ ଚେଟ୍ଟୁ କୁହାଯାଏ। ଏହି ବୃକ୍ଷର ନାମ ଅନୁସାରେ ମଧ୍ୟ ଲୋକଙ୍କ ନାମ ଅଶୋକ ଦିଆଯାଇଥାଏ। ଇତିହାସରୁ ମଧ୍ୟ ଆମେ ମଗଧର ରାଜା ଅଶୋକଙ୍କ ନାମ ଜାଣିଛେ। ଅଶୋକ ଅର୍ଥ ଶୋକ ନିବାରକ ବା ନାହିଁ ଶୋକ ଯାହାର। ପ୍ରକୃତରେ ଏହି ବୃକ୍ଷର ବହୁ ଔଷଧୀୟ ଗୁଣ ଯୋଗୁ ଏହା ଶୋକ ବା ଦୁଃଖ ନିବାରକ ଅଟେ। ବାସ୍ତୁଶାସ୍ତ୍ରରେ ମଧ୍ୟ ଏହାର ମହତ୍ତ୍ୱ ରହିଛି। ଗୃହର ବାସ୍ତୁଦୋଷ ନିବାରଣ ଯଥା ଗୃହର ଦୁର୍ଘଟଣାରୁ ସୁରକ୍ଷା ତଥା ସମସ୍ୟା ମୁକ୍ତ ପାଇଁ ଗୃହର ଉତ୍ତର ଦିଗରେ ଅଶୋକ ବୃକ୍ଷ ଲଗାଯାଇଥାଏ।

ଉଦ୍ଭିଦର ବର୍ଣ୍ଣନା: ଅଶୋକ ଏକ ଚିରହରିତ୍ ବୃକ୍ଷ ଅଟେ। ବୃକ୍ଷର ଉଚ୍ଚତା ପ୍ରାୟ ୨୦ ରୁ ୩୦ ଫୁଟ ଯାଏଁ ହୋଇଥାଏ। ଏହାର ପତ୍ରଗୁଡ଼ିକ ଯୌଗିକ ଓ ଉପପତ୍ରଗୁଡ଼ିକ ଲମ୍ବାଳିଆ। ଗାଢ଼ ସବୁଜ ପତ୍ର ସବୁ ବହୁତ ଘଞ୍ଚ ଅଟେ ଓ ଚିରହରିତ୍। ନୂତନ ପତ୍ର କଅଁଳିବା ସମୟରେ ଲାଲ ରଙ୍ଗର ହୋଇଥାଏ। ଏହାର ବହୁତ ଶାଖା ପ୍ରଶାଖା ଥାଏ। କାଣ୍ଡରୁ ଏକ ପ୍ରକାର ଅଠା ନିର୍ଗତ ହୋଇ ଶୁଖିଗଲା ପରେ ଗୋଲ ଗୋଲ ଆକାରରେ କାଣ୍ଡରେ ଲାଗି ରହିଥାଏ। ଏହି ବୃକ୍ଷର ଫୁଲ ଗାଢ଼ କମଳା ରଙ୍ଗର, ଯାହା ଫେବୃଆରୀରୁ ଏପ୍ରିଲ ମାସ ଯାଏ ଫୁଟିଥାଏ। ଫୁଲରୁ ପାଖୁଡ଼ାଗୁଡ଼ିକ ଝଡ଼ିବା ପୂର୍ବରୁ ଲାଲ ରଙ୍ଗ ହୋଇଯାଏ। ଫୁଲଗୁଡ଼ିକ ପେଣ୍ଡା ପେଣ୍ଡା ଆକାରରେ ଫୁଟି ବୃକ୍ଷର ଶୋଭାବର୍ଦ୍ଧନ କରିଥାଏ। ଫୁଲଗୁଡ଼ିକ କାହାଳୀ ଆକାରର ଓ ସୁଗନ୍ଧଯୁକ୍ତ। ଏହି ଫୁଲରୁ ବହୁ କଳାମଞ୍ଜି ଥିବା ଚେପଟା ଓ ଲମ୍ବା ଫଳ ହୋଇଥାଏ। କଷି ଫଳ ଈଷତ୍ ଲାଲ ଓ ପାକଳ ହେଲେ ସାଗୁଆ ହୋଇଥାଏ।

ଉତ୍ପତ୍ତି: ଅଶୋକ ବୃକ୍ଷ ଭାରତର ଦାକ୍ଷିଣାତ୍ୟ ମାଳଭୂମିର କେନ୍ଦ୍ର ଅଞ୍ଚଳ ତଥା ପଶ୍ଚିମଘାଟର ମଧ୍ୟବର୍ତ୍ତୀ ଅଞ୍ଚଳରେ ପ୍ରଥମ ଉତ୍ପତ୍ତି ହୋଇଥିବାର ଅନୁମାନ କରାଯାଏ। ଏହା ମଧ୍ୟ ଦକ୍ଷିଣ ଏସିଆ ଦେଶଗୁଡ଼ିକରେ ଓ ପଶ୍ଚିମ ମ୍ୟାନମାରରେ ଦୃଷ୍ଟିଗୋଚର ହୁଏ। ଏହା ଓଡ଼ିଶା ଓ ଆସାମରେ ପ୍ରାକୃତିକ ଭାବରେ ବଢ଼ିଥାଏ। କେନ୍ଦ୍ର ଓ ପୂର୍ବ ହିମାଳୟର ପାଦଦେଶରେ ଥିବା ପର୍ବତମାଳା, ଉତ୍ତର ଭାରତର ସମତଳ ଅଞ୍ଚଳ ତଥା ମୁମ୍ବାଇ ନିକଟ ପଶ୍ଚିମ ଉପକୂଳରେ ଅଶୋକ ବୃକ୍ଷ ଦୃଷ୍ଟିଗୋଚର ହୁଏ। ଏହା ଏକ ବନ୍ୟ ବୃକ୍ଷ। କାଳକ୍ରମେ ଏହା ପ୍ରାକୃତିକ ପରିବେଶରୁ କମି କମି ଆସୁଛି। ବର୍ତ୍ତମାନ ଏହା ଏକ ଅସୁରକ୍ଷିତ ଜାତିର ଉଦ୍ଭିଦ ରୂପେ ପରିଗଣିତ ହେଉଛି।

ପୌରାଣିକ ପରମ୍ପରା: ଅଶୋକ ବୃକ୍ଷ ଭାରତୀୟ ଉପମହାଦେଶ ଯଥା– ଭାରତ, ନେପାଳ ଓ ଶ୍ରୀଲଙ୍କାରେ ଏକ ପବିତ୍ର ବୃକ୍ଷ ରୂପେ ପରିଗଣିତ ହୁଏ। ଏହି ଅଞ୍ଚଳରେ ଏହା ଧାର୍ମିକ ଓ ସାହିତ୍ୟିକ ଭାବନା ସହ ଜଡ଼ିତ। ଏକ ସୁନ୍ଦର ବୃକ୍ଷ ତଥା ସୁନ୍ଦର, ସୁବାସିତ ଓ ପ୍ରଚୁର ଫୁଲ ଯୋଗୁ ଏହା ରାଜବାଟିକା, ବଗିଚା ଓ ଭାରତର ବିଭିନ୍ନ ହିନ୍ଦୁ ଓ ବୌଦ୍ଧ ମନ୍ଦିର ନିକଟରେ ବା ପରିସରରେ ଲଗାଯାଇଥାଏ। ଏହାର ଫୁଲ ହିନ୍ଦୁ ଦେବଦେବୀଙ୍କୁ ଅର୍ପଣ କରାଯାଏ। ଅଶୋକ ବୃକ୍ଷ ଓ ପୁଷ୍ପର ସଂସ୍କୃତରେ ଷୋଳଟି ଭିନ୍ନ ଭିନ୍ନ ନାମ ରହିଅଛି। କୁହାଯାଏ ଯେ ବୁଦ୍ଧ ରାଣୀ ମାୟାଙ୍କ ଗର୍ଭରୁ ଏକ ବାଟିକାରେ ଅଶୋକ ବୃକ୍ଷ ତଳେ ଜନ୍ମ ହୋଇଥିଲେ। ସେଥିପାଇଁ ବୁଦ୍ଧ ସ୍ତୁପ ଓ ଅନ୍ୟାନ୍ୟ କୀର୍ତ୍ତିରାଜିମାନଙ୍କରେ ଏହି ଫୁଲ ବ୍ୟବହୃତ ହୁଏ।

ନୟାଗଡ଼ ଜିଲାର ଓଡ଼ଗାଁଠାରେ ଅବସ୍ଥିତ ରଘୁନାଥ ମନ୍ଦିରରେ ବନବାସୀ ରାମ, ଲକ୍ଷ୍ମଣ ଓ ସୀତା ପୂଜା ପାଇ ଆସୁଛନ୍ତି। ଉକ୍ତ ମନ୍ଦିର ବେଢ଼ାର ଉତ୍ତର ପୂର୍ବ ଦିଗରେ ଗୋଟିଏ ଅଶୋକ ବୃକ୍ଷ ରହିଥିଲା। ଏହି ମନ୍ଦିରରେ ଦେବୀ ସୀତା ଅଧିଷ୍ଠିତା ଥିଲା ବେଳେ ଅଶୋକ ବୃକ୍ଷଟିଏ ମଧ୍ୟ ରହିଥିଲା। ସତେଯେପରି ଦେବୀ ସୀତାଙ୍କ ପାଇଁ ଅଶୋକ ବୃକ୍ଷ ପୁରାଣର ସ୍ମୃତି ବହନ କରିଥିଲା। କୌଣସି କାରଣରୁ ଏବେ ସେ ବୃକ୍ଷଟି ସେଠାରେ ନାହିଁ।

ଔଷଧୀୟ ଗୁଣ: ଅଶୋକ ବୃକ୍ଷର ଅନେକ ଔଷଧୀୟ ଗୁଣ ରହିଛି। ଏହାର ଛେଲି, ଫୁଲ ଓ କଢ଼ ଏଥିପାଇଁ ବ୍ୟବହାର କରାଯାଏ। ଏହାର ଛେଲି କଷା ଓ ଏହା ସ୍ତ୍ରୀ ରୋଗରେ ବିଶେଷତଃ ଋତୁଚକ୍ରର ନିୟମିତତା ପାଇଁ ବ୍ୟବହୃତ ହୁଏ। ଆୟୁର୍ବେଦରେ ଅଶୋକାରିଷ୍ଟର ପ୍ରସ୍ତୁତି ବିଷୟରେ ବର୍ଣ୍ଣନା କରାଯାଇଛି ଓ ଏଥିପାଇଁ ଏହି ଗଛର ଛେଲି ମୁଖ୍ୟତଃ ବ୍ୟବହୃତ ହୁଏ। ନାଳରକ୍ତ ଝାଡ଼ାରେ ଏହାର ଫୁଲକୁ ବାଟି ଖିଆଯାଏ। ଏହାର ଛେଲି ମଧ୍ୟ ପେଟରୋଗ, କୃମିଜନିତ ରୋଗ ଇତ୍ୟାଦିରେ ବ୍ୟବହୃତ ହୁଏ। ଏହାର ଛେଲିର ସିଝା ଜଳ ସହ ଶୀତଳ ଅବସ୍ଥାରେ ମହୁ ମିଶାଇ ସେବନ କଲେ ସ୍ତ୍ରୀ ଲୋକମାନଙ୍କର ପେଟ ଗୋଳମାଳ, ପ୍ରଦର ତଥା ଜରାୟୁ ରୋଗ ଉପଶମ ହୋଇଥାଏ। ଏହି ସିଝା ଶୀତଳ ଜଳ ସହ ମିଶ୍ରିଗୁଣ୍ଡ ଓ ମହୁ ମିଶାଇ ସେବନ କଲେ ପ୍ଲୀହା ରୋଗ, ଶୋଥ, ଜ୍ୱର ତଥା ବାୟୁଜନିତ ରୋଗରେ ଉପଶମ ମିଳିଥାଏ। ଏହି ବୃକ୍ଷର ମଞ୍ଜି ମଧ୍ୟ ଉତ୍ତମ ପରିସ୍ରା ପାଇଁ ବ୍ୟବହୃତ ହୁଏ। ଅଶୋକ ପତ୍ରର ଲେପ ବାଳମୂଳିଆ, ବଥ, ବ୍ରଣ, ବାଗୀ, କାଖଗୋଲି ଆଦି ଉପଶମ କରିଥାଏ।

ଏହିସବୁ ଦୃଷ୍ଟିରୁ ଅଶୋକ ବୃକ୍ଷର ବହୁ ଔଷଧୀୟ ଗୁଣ, ସୌନ୍ଦର୍ଯ୍ୟପୂର୍ଣ୍ଣ ଓ ସୁବାସିତ ପୁଷ୍ପ ତଥା ଧାର୍ମିକ ତତ୍ତ୍ୱକୁ ହୃଦୟଙ୍ଗମ କରି ଜନସାଧାରଣ ଏହାର ସୁବିନିଯୋଗ କରିବା ବାଞ୍ଛନୀୟ।

–ଅନ୍ୱେଷଣ, ୫୨/୨,
ଭାଗବତ ସନ୍ଧାନ କଲୋନୀ
ଜି.ଜି.ପି., ଭୁବନେଶ୍ୱର–୨୫
ମୋ: ୮୨୪୯୦୭୯୦୮୪

ଷ୍ଟ୍ରୋକ୍ ପାଇଁ ଦାୟୀ ଫ୍ୟାଟ୍ ଜାତୀୟ ଖାଦ୍ୟ

ଆଜିକାଲି ଅନେକ ଲୋକ ନିଜର ଭୁଲ୍ ଖାଦ୍ୟ ଶୈଳୀ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକ ତେଲ ମସଲାଯୁକ୍ତ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ ସବୁବେଳେ ଖାଇବା ଦ୍ୱାରା ତାହାର କୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏପରିକି ଏହାଦ୍ୱାରା ଷ୍ଟ୍ରୋକ୍ ଭଳି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏକଥା ଜଣାପଡ଼ିଛି। ଏହି ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରାୟ ସବୁବେଳେ ଏଭଳି ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସବୁଜ ପନିପରିବା, କ୍ଷୀର, ମାଛ ଆଦି ଖାଦ୍ୟ ଖାଇବା ଦ୍ୱାରା ଆମର ଷ୍ଟ୍ରୋକ୍ ଆଶଙ୍କା କେତେକାଂଶରେ କମ୍ ଥାଏ।

ଟେନସନ୍ ଦୂର କରିବ ପଢ଼ାପଢ଼ି

ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଅନେକ ଟେନସନ୍‌ର ବଶବର୍ତ୍ତୀ ହେଉଛନ୍ତି। ସିଓଲ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ବହି ପଢ଼ନ୍ତି ତେବେ ତାହାଦ୍ୱାରା ସେ ନିଜକୁ ଟେନସନ୍‌ଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଟେନସନ୍‌ର ବଶବର୍ତ୍ତୀ ହେଉଥିବା କେତେକ ବ୍ୟକ୍ତିଙ୍କୁ ନିୟମିତ ସେମାନଙ୍କର ମନ ପସନ୍ଦର ବହି ପଢ଼ିବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତି ନିଜକୁ ଟେନସନ୍ କବଳରୁ କେତେକାଂଶରେ ମୁକୁଳି ପାରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଉପକାରୀ ପଣସ

ବିଭିନ୍ନ ପ୍ରକାର ପନିପରିବା ଏବଂ ଫଳମୂଳରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହି ତାଲିକାରେ ପଣସକୁ ସାମିଲ କରାଯାଇପାରେ। ଆମକୁ ସୁସ୍ଥ ରଖିବାରେ ଆଇରନ୍ ବା ଲୌହ ପରିମାଣ ଖାଦ୍ୟରେ ରହିବା ଜରୁରୀ। ପଣସ ହେଉଛି ଏହାର ଅନ୍ୟତମ ପ୍ରମୁଖ ଉତ୍ସ। ବିଶେଷଭାବରେ ରକ୍ତହୀନତା ସମସ୍ୟାର ସମ୍ମୁଖୀନ ହେଉଥିବା ବ୍ୟକ୍ତିଙ୍କ ପାଇଁ ଏହା ବେଶ୍ ଉପକାରୀ। ଏହା ରକ୍ତ ସଞ୍ଚାଳନକୁ ଆହୁରି ସକ୍ରିୟ କରାଇଥାଏ। ଏଥିରେ ପୋଟାସିୟମ ମଧ୍ୟ ରହିଛି, ଯାହା ହୃଦ୍‌ଜନିତ ଆଶଙ୍କାକୁ କେତେକାଂଶରେ ଦୂର କରିବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ଆଜ୍‌ମା ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ସବୁଠାରୁ ଖାସ୍ କଥା ହେଲା, ପଣସରେ ଥିବା ମ୍ୟାଗ୍ନେସିୟମ ତତ୍ତ୍ୱ ଅସ୍ଥିକୁ ମଜଭୁତ କରିବାରେ ସାହାଯ୍ୟ କରିଥାଏ। ଏଥିରେ ଭିଟାମିନ୍ 'ସି' ଏବଂ 'ଏ' ମଧ୍ୟ ରହିଛି। ପଣସରେ ଥିବା ଉପକାରୀ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିଥାଏ। କୋଲେଷ୍ଟରଲକୁ ଏହା ମଧ୍ୟ ସନ୍ତୁଳିତ ରଖିଥାଏ। ପଣସ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ଆହୁରି ପ୍ରଖର ହୋଇଥାଏ।

ଆଲର୍ଜି ଚିହ୍ନଟର ନୂଆ ଉପାୟ

ଆଲର୍ଜି ସମସ୍ୟା ଏବେ ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ହେଲେ ଏହାକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ନିକଟରେ ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଖୋଜି ପାଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କର ଲାଳକୁ ପରୀକ୍ଷା କରି ଏହାକୁ ଚିହ୍ନଟ କରିହେବ ବୋଲି ସେମାନେ ଗବେଷଣାରୁ ଜାଣିପାରିଛନ୍ତି। ଆଲର୍ଜିକୁ କିପରି ସହଜରେ ଚିହ୍ନଟ କରିହେବ ସେ ନେଇ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଦୀର୍ଘ ଦୁଇ ବର୍ଷ ଧରି ଗବେଷଣା କରିଥିଲେ। ମନୁଷ୍ୟ ଲାଳ ଏପରି କି ନବଜାତ ଶିଶୁର ଲାଳକୁ ପରୀକ୍ଷା କରି ଆଲର୍ଜି ବିଷୟରେ ସୂଚନା ମିଳିପାରିବ ବୋଲି ସେମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହାଦ୍ୱାରା ବିଶେଷଭାବରେ ଛୋଟ ପିଲାଙ୍କ ଠାରେ ଆଲର୍ଜିକୁ ସହଜରେ ଠାବ କରିହେବ।

ସ୍ୱାସ୍ଥ୍ୟ ସୂଚନା

➤ସୂର୍ଯ୍ୟକିରଣ ଆମ ଶରୀର ପାଇଁ ବେଶ୍ ଉପକାରୀ। ବିଶେଷ ଭାବରେ ସକାଳର କଅଁଳ କିରଣ ସଂସ୍ପର୍ଶରେ ଆସିଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। କାରଣ ଏହା ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ।

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ଶାଗଜାତୀୟ ଖାଦ୍ୟ ଏବଂ ତଟକା ଫଳମୂଳ ସାମିଲ କରନ୍ତୁ।

➤ଆଜିକାଲି ଅନେକେ ସୋସିଆଲ ମିଡିଆ ସହ ଜଡ଼ିତ ରହୁଛନ୍ତି। କିନ୍ତୁ ଏଭଳି ଅଭ୍ୟାସ ସୀମା ଭିତରେ ରହିଲେ ତାହାର ପ୍ରତିକୂଳ ପ୍ରଭାବ ଜୀବନଶୈଳୀ ଉପରେ ପଡ଼ି ନ ଥାଏ।

➤ଯଦି ଜିମ୍ ଯିବାକୁ ସ୍ଥିର କରିଛନ୍ତି, ତେବେ ଏ ନେଇ ମନରେ ଥିବା ପ୍ରଶ୍ନାବଳୀଗୁଡ଼ିକୁ ପ୍ରଥମେ ଭଲ ଭାବରେ ସମାଧାନ କରନ୍ତୁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୩/୨୦୨୪ Bhubaneswar, Monday, September 23/ 2024

ଭାରତୀୟ ଚେସ୍‌ରେ ସ୍ୱର୍ଣ୍ଣିମ ଅଧ୍ୟାୟ

ଚେସ୍ ଅଲିମ୍ପିଆଡ୍‌ରେ ପ୍ରଥମଥର ପାଇଁ ମହିଳା ଓ ପୁରୁଷ ଦଳକୁ ସ୍ୱର୍ଣ୍ଣ ପଦକ

ବୁଦାପେଷ୍ଟ, ୨୨।୯

ଭାରତୀୟ ଚେସ୍ ଇତିହାସରେ ଯୋଡ଼ିହୋଇଛି ସ୍ୱର୍ଣ୍ଣିମ ଅଧ୍ୟାୟ। ଚେସ୍ ଅଲିମ୍ପିଆଡ୍‌ରେ ପ୍ରଥମଥର ପାଇଁ ଭାରତୀୟ ମହିଳା ଓ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛି। ଏଠାରେ ଅନୁଷ୍ଠିତ ୪୫ତମ ଚେସ୍ ଅଲିମ୍ପିଆଡ୍‌ର ୧୧ଶ ତଥା ଅନ୍ତିମ ରାଉଣ୍ଡରେ ଭାରତୀୟ ପୁରୁଷ ଦଳ ସ୍ଲୋଭାନିଆକୁ ୩.୫-୦.୫ରେ ଏବଂ ମହିଳା ଦଳ ଆଜରବୈଜାନକୁ ୩.୫-୦.୫ ପଏଣ୍ଟରେ ହରାଇ ଏହି ସଫଳତା ପାଇଛି। ପୂର୍ବରୁ ଭାରତୀୟ ପୁରୁଷ ଦଳ ୨୦୧୪ ଓ ୨୦୨୨ରେ ସର୍ବାଧିକ ବ୍ରୋଞ୍ଜ ପଦକ ହାସଲ କରିଥିଲା। ମହିଳା ଦଳ ମଧ୍ୟ ୨୦୨୨ରେ ବ୍ରୋଞ୍ଜ ଜିତିବାକୁ ସକ୍ଷମ ହୋଇଥିଲା। ମାତ୍ର ଏଥର ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଚେସ୍‌ରେ ସ୍ୱର୍ଣ୍ଣିମ ସ୍ୱାକ୍ଷର ଛାଡ଼ିଛନ୍ତି।

ଅନ୍ତିମ ରାଉଣ୍ଡ୍ ମ୍ୟାଚ୍ ଅବସରରେ ଭାରତର ଡି. ଗୁକେଶ।

ପ୍ରତିଯୋଗିତା ଅନ୍ତିମ ରାଉଣ୍ଡର ପୁରୁଷ ବିଭାଗରେ ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱ ଚାମ୍ପିୟନଶିପ୍ ଚ୍ୟାଲେଞ୍ଜର ଡି. ଗୁକେଶ, ଆର୍. ପ୍ରଜ୍ଞାନନ୍ଦ, ଓ ଅର୍ଜୁନ ଇରିଗାସି ଯଥାକ୍ରମେ ସ୍ଲୋଭାନିଆର ଫେଡୋସିଭ ଭ୍ଲାଡିମିର, ଡେମଚେଙ୍କୋ ଆଣ୍ଟୋନ ଓ ସୁବେଜ ଜାନ୍‌ଙ୍କୁ ହରାଇଥିବାବେଳେ ଭିଦିତ ସନ୍ତୋଷ ଗୁଜରାଠି ପ୍ରତିପକ୍ଷ ସେବେନିକ ମାଟେଜଙ୍କ ବିପକ୍ଷରେ ପଏଣ୍ଟ ଭାଗ କରିଥିଲେ। ଗ୍ରାଣ୍ଡମାଷ୍ଟର ପେଣ୍ଟାଲା ହରିକ୍ରିଷ୍ଣା ଦଳର ଅନ୍ୟତମ ସଦସ୍ୟ ଥିଲେ। ସେହିପରି ମହିଳା ବର୍ଗର ଅନ୍ତିମ ରାଉଣ୍ଡରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଦ୍ରୋଣାଭାଲି ହାରିକା, ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଦିବ୍ୟା ଦେଶ୍‌ମୁଖ ଓ ଆଇଏମ୍ ଭାନ୍ତିକା ଅଗ୍ରୱାଲ ଯଥାକ୍ରମେ ଆଜରବୈଜାନର ମାମ୍ମାଜାଡା ଗୁନେ, ବେଦୁଲାୟେଭା ଗୋଭର ଓ ବାଲାଜାୟେଭା ଖାନିମ୍‌ଙ୍କୁ ହରାଇଥିବାବେଳେ ଗ୍ରାଣ୍ଡମାଷ୍ଟର ଆର୍. ବୈଶାଳୀ ଓ ଫାତାଲିୟେଭା ଉଲଭିୟାଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା। ଆଇଏମ୍ ତାନିଆ ସଚଦେବା ମହିଳା ଦଳର ଅନ୍ୟତମ ସଦସ୍ୟା ଥିଲେ। ପୂରା ଟୁର୍ନାମେଣ୍ଟରେ ଭାରତୀୟ ପୁରୁଷ ଦଳ କେବଳ ଉଜ୍‌ବେକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ୨-୨ରେ ଡ୍ର' କରିବାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇଥିଲା।

ପୂଜା ଯାଦବ ଅଧିନାୟିକା

ଭୁବନେଶ୍ୱର,୨୨।୯
(ସରୋଜ କେନା)

ଆସନ୍ତା ଘରୋଇ କ୍ରିକେଟ ସିଜନ ପାଇଁ ରବିବାର ଓଡ଼ିଶା ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ଘୋଷଣା କରାଯାଇଛି। ମୁଖ୍ୟ କୋଚ୍ ସ୍ୱାଗତିକା ରଥ ଓ ମୁଖ୍ୟ ଚୟନକର୍ତ୍ତା ରଶ୍ମିତା ମହାନ୍ତି ରବିବାର ଏକ ଖବରଦାତା ସମ୍ମିଳନୀରେ ଦଳ ଘୋଷଣା କରିଛନ୍ତି। ୧୫ ଜଣିଆ ଦଳରେ ପୂଜା ଯାଦବଙ୍କୁ ଅଧିନାୟିକା କରାଯାଇଛି। ବିସିସିଆଇ ପକ୍ଷରୁ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଟି୨୦ ଟ୍ରଫିରେ ଏହି ଦଳ ଅଂଶଗ୍ରହଣ କରିବ। ନାଗପୁରରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟ ଅକ୍ଟୋବର ୧ରୁ ଆରମ୍ଭ ହେବ। ମଣିପୁର (୧ ଅକ୍ଟୋବର), ହରିଆଣା (୨ ଅକ୍ଟୋବର), ମହାରାଷ୍ଟ୍ର (୪ ଅକ୍ଟୋବର), ଆସାମ (୬ ଅକ୍ଟୋବର) ଓ ଦିଲ୍ଲୀ (୮ ଅକ୍ଟୋବର) ବିପକ୍ଷରେ ଓଡ଼ିଶା ଏହାର ମ୍ୟାଚ୍ ଖେଳିବ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ